

ଜାନୁଆରୀରେ 'ଡନ୍-୩' ସୁଟିଂ

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-150 ♦WEDNESDAY ♦26 NOVEMBER 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୫୦ ♦ବୁଧବାର ♦୨୬ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


### ଆସନ୍ତାକାଲିଠାରୁ ବିଧାନସଭା ଅଧିବେଶନ

# ମୌସୁମୀରେ ଧୋଇଗଲା; ଶୀତରେ ଚାଲିବ ତ !



### ଆଜି ଅନୁଷ୍ଠିତ ହେବ ସର୍ବଦଳୀୟ ବୈଠକ
### ବିରୋଧୀଙ୍କ ହାତରେ ପୁଳାପୁଳା ପ୍ରସଙ୍ଗ
### ନୂଆପଡ଼ା ବିଜୟ ପରେ ଶାସକ ଉତ୍ସାହିତ

■ ଭୁବନେଶ୍ୱର, ୨୫।୧୧ (ସମିସ): ଗତ ମୌସୁମୀ ଅଧିବେଶନରେ ମାତ୍ର ୭ଟି କାର୍ଯ୍ୟଦିବସ ଥିଲା; ତାହାବି ସୁରୁଖୁରୁରେ ଚାଲି ପାରିଲା ନାହିଁ। ଗୋଟିଏ ଦିନ ଆଗରୁ ବିଧାନସଭାକୁ ମୁଲତବୀ ଘୋଷଣା କରାଗଲା। ଆସନ୍ତା ୨୭ ତାରିଖରୁ ବିଧାନସଭା ଶୀତ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ବିଧାନସଭା ଯେ ସୁରୁଖୁରୁରେ ଚାଲିବ, ତାହାକୁ ନେଇ ଏବେଠାରୁ ସନ୍ଦେହ ପ୍ରକାଶ ପାଇଲାଣି। ଆସନ୍ତା ଡିସେମ୍ବର ୩୧ ତାରିଖ ଯାଏଁ ବିଧାନସଭା ଚାଲିବାକୁ ଥିବାବେଳେ ଅଧିବେଶନରେ ମୋଟ ୨୯ଟି କାର୍ଯ୍ୟଦିବସ ରହିଛି। ତେବେ ବିରୋଧୀଙ୍କ ହାତରେ ସରକାରଙ୍କୁ ଘେରିବା ପାଇଁ ମାଳମାଳ ପ୍ରସଙ୍ଗ ଥିବାରୁ ଶୀତ ଅଧିବେଶନ ବେଶ୍ ଉଷ୍ମ ହେବ ବୋଲି ଆକଳନ କରିଛନ୍ତି ରାଜନୈତିକ ସମୀକ୍ଷକ।

ଏହି ଲମ୍ବା ଅଧିବେଶନ ଯେପରି ସୁରୁଖୁରୁରେ ଚାଲିବ, ସେଥିପାଇଁ ବୁଧବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ଅଧିବେଶନ ସୁରୁଖୁରୁରେ ଚାଲିବା ନେଇ ବାଚସ୍ପତି ସମସ୍ତଙ୍କର ସହଯୋଗ ଲୋଡ଼ିବେ। ତେବେ ମୌସୁମୀ ଅଧିବେଶନ ପରି ଶୀତ ଅଧିବେଶନ ଯେ ମୂଳରୁ କମ୍ପମାନ ହେବ, ସେନେଇ ଆକଳନ କଲେଣି ରାଜନୈତିକ ସମୀକ୍ଷକ। ଚଳିତ ଖରିଫ୍ ଋତୁ ପାଇଁ ଧାନ କିଣାର ବିଭ୍ରାଟ ଘଟିବା ନେଇ ଆଶଙ୍କା ଦେଖାଦେଇଛି। ବିଶେଷକରି ମଣ୍ଡି ଖୋଲିବାରେ ବିଳମ୍ବତାକୁ ନେଇ ବିରୋଧୀ ସରକାରଙ୍କୁ ଷଣ୍ଢୁଆଷୀ ଆକ୍ରମଣ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ଯେପରି ନିୟମିତ ଭାବେ ତଳକୁ ତଳକୁ ଯାଉଛି, ସେନେଇ ସରକାରଙ୍କୁ ଜବାବ୍ ମାଗିବାକୁ ପ୍ରସ୍ତୁତ ହୋଇ ସାରିଛନ୍ତି ବିରୋଧୀ। ନୂଆପଡ଼ା ଉପ ନିର୍ବାଚନରେ ସରକାରୀ ଦଳ ଯେପରି ପ୍ରଶାସନକୁ ସମ୍ପୂର୍ଣ୍ଣ ଅକ୍ତିଆରକୁ ନେଇ ନିର୍ବାଚନ ଲଢ଼ିଲା, ଆଚରଣ ବିଧିର ଧଜ୍ଜିଆ ଉଡ଼ାଇଲା ତାହା ମଧ୍ୟ ବଡ଼ ପ୍ରସଙ୍ଗ ହେବ ବୋଲି ବିରୋଧୀ ବିଧାୟକମାନେ ସୂଚନା ଦେଇଛନ୍ତି। ଏତଦ୍‌ବ୍ୟତୀତ ରାଜ୍ୟରେ ଲଘୁ ଖଣିଜ ଦ୍ରବ୍ୟ ବିଶେଷକରି ବାଲିର ବେଧଡ଼କ ଚୋରି, ପ୍ରଶ୍ନପତ୍ର ଲିକ୍ ମାମଲା, ଦାଦନ, ଦରଦାମ ବୃଦ୍ଧି, ମହାନଦୀ, ପୋଲାଭରମ୍ ଓ କୋଟିଆ ସମସ୍ୟାକୁ ନେଇ ଗୃହକୁ ସରଗରମ କରିବାକୁ ବିରୋଧୀ ପ୍ରସ୍ତୁତ ହେଉଛନ୍ତି। ଏହିକ୍ରମରେ ଆସନ୍ତାକାଲି ବିଜେଡି ଓ କଂଗ୍ରେସ ବିଧାୟକ ଦଳ ଅନୁଷ୍ଠିତ ହେବାକୁ ଥିବାବେଳେ ଉଭୟେ ନିଜ ▶ପୃଷ୍ଠା-୧୦

# ୨୧ ଲକ୍ଷ ମୋବାଇଲ ନମ୍ବର ବ୍ଲକ୍

■ ନୂଆଦିଲ୍ଲୀ, ୨୫।୧୧ (ଏଜେନ୍ସି): ଦେଶରେ ସମ୍ପ୍ରତି ସ୍ପାମ୍ କଲ୍, ନକଲି ମେସେଜ୍ ଏବଂ ଡିଜିଟାଲ୍ ଠକେଇ ଘଟଣା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଏହି ଧାରା ଉପରେ ରୋକ ଲଗାଇବା ପାଇଁ ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏଥିରେ ଟ୍ରାଇ ବର୍ଷକ ମଧ୍ୟରେ ୨.୧ ନିୟୁତରୁ ଅଧିକ ମୋବାଇଲ୍ ନମ୍ବର ବ୍ଲକ୍ କରିଛି ଏବଂ ପ୍ରାୟ ୧ ଲକ୍ଷ ସଂସ୍ଥାକୁ କଳା ତାଲିକାଭୁକ୍ତ କରିଛି। ଏଗୁଡ଼ିକ ସେହି ସମାନ ନମ୍ବର ଯାହା ଡୁ ନଟ୍ ଡିଷ୍ଟର୍ବ (ଡିଏନ୍‌ଡି) ଆପ୍ ମାଧ୍ୟମରେ ରିପୋର୍ଟ କରାଯାଇଥିଲା। ଆହୁରିମଧ୍ୟ ଏହି କାର୍ଯ୍ୟାନୁଷ୍ଠାନ ସେହି କଲରମାନଙ୍କ ବିରୋଧରେ ନିଆଯାଇଛି ଯେଉଁମାନେ କେୱାଇସି, ବ୍ୟାଙ୍କ ଆକାଉଣ୍ଟ,ଜାଲ୍ ଅଫର ଏବଂ ସରକାରୀ ପରିଚୟ ଦେଇ ଗ୍ରାହକଙ୍କୁ ଠକିବାକୁ ଚେଷ୍ଟା କରିଥାନ୍ତି। ତେବେ ଗତ ବର୍ଷକ ମଧ୍ୟରେ ସ୍ପାମ୍ କଲ୍ ଏବଂ ଠକେଇ କରୁଥିବା ଜାଲ୍ ଫୋନ୍ ନମ୍ବର ବିରୋଧରେ ଏହାକୁ ସବୁଠାରୁ ବଡ଼ କାର୍ଯ୍ୟାନୁଷ୍ଠାନ କୁହାଯାଉଛି।

**୧ ଲକ୍ଷ ସଂସ୍ଥା କଳା ତାଲିକାଭୁକ୍ତ**

ଏହାଛଡା ଟ୍ରାଇ ଲୋକମାନଙ୍କୁ କେବଳ ସେମାନଙ୍କ ଫୋନ୍‌ରେ ଏପରି ନମ୍ବରଗୁଡ଼ିକୁ ଅବରୋଧ କରିବା ପାଇଁ ନୁହେଁ ବରଂ ଡିଏନ୍‌ଡି ଆପ୍‌ରେ ରିପୋର୍ଟ କରିବାକୁ ମଧ୍ୟ କହିଛି। ଏଥିରେ ଟ୍ରାଇ ନାଗରିକଙ୍କଠାରୁ ସର୍ବାଧିକ ଅଭିଯୋଗ ପାଉଥିବା ନମ୍ବରଗୁଡ଼ିକୁ ଅବରୋଧ କରିଛି। ଡିଏନ୍‌ଡି ଆପ୍‌ରେ କରାଯାଇଥିବା ଅଭିଯୋଗକୁଆଧାର କରି ଟ୍ରାଇ ଏବଂ ଟେଲିକମ୍ କମ୍ପାନୀଗୁଡ଼ିକ ନକଲି ନମ୍ବରଗୁଡ଼ିକୁ ▶ପୃଷ୍ଠା-୧୦

### ୧୨ ହଜାର ବର୍ଷ ପରେ ସକ୍ରିୟ ହେଲା ଜ୍ୱାଳାମୁଖୀ


# ଇଥିଓପିଆରେ ଉଦ୍‌ଗୀରଣ; ଦିଲ୍ଲୀରେ ପାଉଁଶ




■ ଆଡିସ ଆବାବା, ୨୫।୧୧ (ଏଜେନ୍ସି): ପୂର୍ବ ଆଫ୍ରିକୀୟ ଦେଶ ଇଥିଓପିଆରେ ହେଲି ଗୁବି ଆଗ୍ନେୟଗିରିର ଜ୍ୱାଳାମୁଖିରେ ଦୀର୍ଘ ୧୨,୦୦୦ ବର୍ଷ ପରେ ରବିବାର ହଠାତ ବିସ୍ଫୋରଣ ହୋଇଛି। ବିସ୍ଫୋରଣ ହେବା ପରେ ପାଉଁଶ ଓ ସଲଫର ଡାଇଅକ୍ସାଇଡ୍ ପାଖାପାଖି ଆକାଶର ୧୫ କିମି ଉଚ୍ଚକୁ ଉଠିଥିଲା। ଏହା ରେଡ୍ ସି ଅର୍ଥାତ ଲାଲ ସାଗର ପାରକରି ମଧ୍ୟପ୍ରାଚ୍ୟ ଦେଶ ୟେମେନ ଓ ଓମାନ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିଲା। ଆଶ୍ଚର୍ଯ୍ୟନକ ଭାବେ ଏହି ପାଉଁଶ ସୋମବାର ରାତି ୧୧ଟାରେ ଇଥିଓପିଆଠାରୁ ୪,୩୦୦ କିମି ଦୂରରେ ଥିବା ଭାରତର ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର, ଦିଲ୍ଲୀ-ଏନ୍‌ସିଆର ଓ ପଞ୍ଜାବ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିଲା। ରାତିରେ ପଶ୍ଚିମ ଉତ୍ତରପ୍ରଦେଶ ଓ ହିମାଚଳ ପ୍ରଦେଶର ପାହାଡ଼ି ଅଞ୍ଚଳରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ▶ପୃଷ୍ଠା-୧୦

# ବିଦ୍ୟୁତ୍ ଉପଭୋକ୍ତାଙ୍କ ସହ ଠକ୍କେଇ

### ୟୁନିଟ୍ ପିଛା ୩୬ ପଇସା ଅଧିକ ଆଦାୟ କରୁଛି ଟାଟା ପାୱାର




■ ଭୁବନେଶ୍ୱର, ୨୫।୧୧ (ସମିସ): ବିଦ୍ୟୁତ୍ ଶୁଳ୍କ ଆଦାୟ କ୍ଷେତ୍ରରେ ଉପଭୋକ୍ତାଙ୍କ ସହ ଠକ୍କେଇ କରିଛି ଟାଟା ପାୱାର । ଏହାର ୪ଟି ବିତରଣକାରୀ ସଂସ୍ଥା ଓଇଆର୍‌ସିଙ୍କ ଧାର୍ଯ୍ୟ ୟୁନିଟ୍ ପିଛା ୫ଟଙ୍କା ୬୭ ପଇସା ପରିବର୍ତ୍ତେ ଉପଭୋକ୍ତାଙ୍କଠାରୁ ଆଦାୟ କରିଛି ୬.୦୩ ପଇସା । ଅର୍ଥାତ୍ ପ୍ରତି ୟୁନିଟ୍ ପିଛା ଟାଟାପାୱାର ଉପଭୋକ୍ତାଙ୍କଠାରୁ ୩୬ ପଇସା ଅଧିକ ନେଇଛି। ସଦ୍ୟ ପ୍ରକାଶିତ ଟାଟା ପାୱାରର ୪ଟି କମ୍ପାନୀ ଓ ଗ୍ରୀଡ୍‌କୋର ୨୦୨୪-୨୫ ବର୍ଷର କାର୍ଯ୍ୟଦକ୍ଷତା ସମୀକ୍ଷା ରିପୋର୍ଟ ପ୍ରଦର୍ଶିତ ହୋଇଛି ଏହି ସାଂଘାତିକ ତଥ୍ୟ। ରିପୋର୍ଟ ଅନୁସାରେ ୨୦୨୪-୨୫ ପାଇଁ ଟାଟା ପାୱାରର ୪ ବିତରକ କମ୍ପାନୀକୁ ୟୁନିଟ ପିଛା ହାରାହାରି ଟାରିଫ ୫ ଟଙ୍କା ୬୭ ପଇସା ହିସାବରେ ୩୦୭୯୫ ନିୟୁତ ୟୁନିଟ ବିଦ୍ୟୁତ ବିକ୍ରି ପାଇଁ ଓଇଆର୍‌ସି ଅନୁମୋଦନ ▶ପୃଷ୍ଠା-୧୦

# ଲଜ୍ଜା

## ଆଇସକ୍ରିମ୍‌ର ଲୋଭ ଦେଖାଇ ୩ ନାବାଳିକାଙ୍କୁ ଦୁଷ୍କର୍ମ

■ ଏମ୍‌ଭି ୭୯/କାଲିମେଳା, ୨୫।୧୧ (ସମିସ): ଆଇସକ୍ରିମ୍‌ର ଲୋଭ ଦେଖାଇ ୩ ନାବାଳିକାଙ୍କୁ ଦୁଷ୍କର୍ମ। ମାଲକାନଗିରି ଜିଲ୍ଲା ଏମ୍‌ଭି ୭୯ ଥାନା ଅଞ୍ଚଳରେ ଏହି ଲଜ୍ଜାଜନକ ଘଟଣା ଘଟିଛି। ଏନେଇ ପୀଡ଼ିତାଙ୍କ ପରିବାରଲୋକ ଅଭିଯୋଗ କରିବା କରିବା ପରେ ପୁଲିସ ଅଭିଯୁକ୍ତକୁ ଥାନାରେ ଅଟକ ରଖିଛି। ପୀଡ଼ିତାମାନଙ୍କ ବୟସ ୧୦ ବର୍ଷରୁ କମ୍ ବୋଲି ଜଣାପଡ଼ିଛି। ଏହି ଖବର ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସୂଚନାନୁଯାୟୀ, ଅଭିଯୁକ୍ତଜଣଙ୍କ ନାବାଳିକାଙ୍କ ପଡ଼ୋଶୀ। ଆଜି ସେମାନେ ଘର ଆଗରେ ଖେଳୁଥିବା ବେଳେ ଅଭିଯୁକ୍ତଜଣଙ୍କ ସେମାନଙ୍କୁ ଆଇସକ୍ରିମ୍ ଦେବ ବୋଲି କହି ଘର ଭିତରକୁ ଡାକିଥିଲା। ପରେ ଘର ଭିତରେ ସେମାନଙ୍କୁ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ ନାବାଳିକାଙ୍କ ପରିବାରଲୋକ ଜାଣିବା ▶ପୃଷ୍ଠା-୧୦

## ପ୍ରଥମ ଦିନରେ ୧୭ଟି ମାମଲା ଶୁଣାଣି କଲେ ମୁଖ୍ୟ ବିଚାରପତି




ନୂଆଦିଲ୍ଲୀ, ୨୫ ।୧୧(ଏଜେନ୍ସି): ମୁଖ୍ୟ ବିଚାରପତି (ସିଜେଆଇ) ଜଷ୍ଟିସ ସୂର୍ଯ୍ୟକାନ୍ତ ସୋମବାର ଦାୟିତ୍ୱ ନେବା ପରେ ସୁପ୍ରିମକୋର୍ଟର ପ୍ରକ୍ରିୟାରେ ବଡ଼ ପରିବର୍ତ୍ତନ ଆଣିଛନ୍ତି । ସେ ମାମଲାଗୁଡିକୁ ଜରୁରୀ ତାଲିକାଭୁକ୍ତ କରିବା ପାଇଁ ମୌଖିକ ଉଲ୍ଲେଖ କରିବା ପ୍ରକ୍ରିୟା ବନ୍ଦ କରିଛନ୍ତି । ପ୍ରଥମ ଦିନରେ ଦୁଇଘଣ୍ଟାର କାର୍ଯ୍ୟରେ ୧୭ଟି ମାମଲାର ଶୁଣାଣି କରିଥିଲେ । ସିଜେଆଇ ସୂର୍ଯ୍ୟକାନ୍ତଙ୍କ ପୂର୍ବରୁ ପୂର୍ବତନ ସିଜେଆଇ ସଞ୍ଜୀବ ଖାନ୍ନା ମଧ୍ୟ ମୌଖିକ ଉଲ୍ଲେଖ ପ୍ରକ୍ରିୟା ବନ୍ଦ କରିଥିଲେ । କିନ୍ତୁ ପୂର୍ବତନ ସିଜେଆଇ ବିଆର ଗଭାଇ ଏହାକୁ ପୁଣି ଦ୍ୱିତୀୟଥର ପାଇଁ ଆରମ୍ଭ କରିଥିଲେ । ଏବେ କେବଳ ଲିଖିତ ମେସିନିଙ୍ଗ ସ୍ଲିପ୍ ବୈଧ ହେବ । ତେବେ କେତେକ ଅସାଧାରଣ ସ୍ଥିତିରେ, ଯେପରିକି ମୃତ୍ୟୁଦଣ୍ଡ କିମ୍ବା ବ୍ୟକ୍ତିଗତ ସ୍ୱାଧୀନତା ମାମଲାରେ ମୌଖିକ ଉଲ୍ଲେଖ ପ୍ରକ୍ରିୟା ଅବଲମ୍ବନ କରାଯିବ । ଫାଇଲ୍ ଅଟକିଲେ ମଧ୍ୟ ନ୍ୟାୟ ପ୍ରକ୍ରିୟା ବନ୍ଦ ହେବା ଆବଶ୍ୟକ ନୁହଁ ବୋଲି ସେ କହିଛନ୍ତି । ଜଷ୍ଟିସ ସୂର୍ଯ୍ୟକାନ୍ତ ନଭେମ୍ବର ୨୪ରେ ଦେଶର ୫୩ତମ ମୁଖ୍ୟ ବିଚାରପତି ଭାବେ ହିନ୍ଦୀରେ ଶପଥ ନେଇଥିଲେ । ୧୪ ମାସ ପାଇଁ ସିଜେଆଇ ସୂର୍ଯ୍ୟକାନ୍ତ ଦାୟିତ୍ୱରେ ରହିବେ । ସୁପ୍ରିମକୋର୍ଟ କଲେଜିୟମର ମୁଖ୍ୟ ହେବେ ସିଜେଆଇ ସୂର୍ଯ୍ୟକାନ୍ତ ।

## ଚାରିଧାମରେ ପହଞ୍ଚିଲେ ୫୦ ଲକ୍ଷ ଶ୍ରଦ୍ଧାଳୁ

ଡେରାଡୁନ୍, ୨୫ ।୧୧(ଏଜେନ୍ସି): ଉତ୍ତରାଖଣ୍ଡରେ ମଙ୍ଗଳବାର ଚାମୋଲିରେ ବଦ୍ରିନାଥ ଧାମ ମନ୍ଦିରର ଦ୍ୱାର ବନ୍ଦ ହେବା ସହ ୪ ଧାମ ଯାତ୍ରା ଶେଷ ହୋଇଛି । ଚଳିତ ବର୍ଷ ୫୦ ଲକ୍ଷ ଶ୍ରଦ୍ଧାଳୁ ଚାରିଧାମ ଯାତ୍ରା କରିଛନ୍ତି । ଏହି ଯାତ୍ରା ଅକ୍ଷୟ ତୃତୀୟା ଦିନ ଅର୍ଥାତ ୨୦୨୫ ଏପ୍ରିଲ ୩୦ରେ ଯମୁନୋତ୍ରୀ ଓ ଗଙ୍ଗୋତ୍ରୀର ଦ୍ୱାର ଖୋଲିବା ସହ ଆରମ୍ଭ ହୋଇଥିଲା । ପୂରା ୬ ମାସ ସାରା ଉତ୍ତରାଖଣ୍ଡର ପାହାଡି ଉପତ୍ୟକାରେ 'ଜୟ ବଦ୍ରି ବିଶାଲ' ଏବଂ 'ହର ହର ମହାଦେବ' ଧ୍ୱନିରେ ଗୁଞ୍ଜରିତ ହୋଇଥିଲା । ଗତବର୍ଷ ତୁଳନାରେ ଏବର୍ଷ ଯାତ୍ରୀଙ୍କ ସଂଖ୍ୟାରେ ଯଥେଷ୍ଟ ବୃଦ୍ଧି ହୋଇଥିବା ଲକ୍ଷ୍ୟ କରାଯାଇଛି । ୨୦୧୪ରେ ବଦ୍ରିନାଥ ଓ କେଦାରନାଥରେ ଦର୍ଶନ କରିଥିବା ଶ୍ରଦ୍ଧାଳୁ ରେକର୍ଡ ସୃଷ୍ଟି କରିଥିବା ବେଳେ ୨୦୨୫ରେ ଏହି ରେକର୍ଡ ଭଙ୍ଗାଯାଇଛି । ଗତବର୍ଷ କେଦାରନାଥରେ ୧୬ ଲକ୍ଷ ୫୨ ହଜାର ୭୬ ଶ୍ରଦ୍ଧାଳୁ ପହଞ୍ଚିଥିବାବେଳେ ଏବର୍ଷ ୧୭ ଲକ୍ଷ ୬୮ ହଜାରରୁ ଅଧିକ ଶ୍ରଦ୍ଧାଳୁ ପହଞ୍ଚିଥିଲେ । ଗତବର୍ଷ ବଦ୍ରିନାଥରେ ୧୪ ଲକ୍ଷ ୩୫ ହଜାର ୩୪୧ ଜଣ ଓ ଏବର୍ଷ ୧୬ ଲକ୍ଷ ୫୨ ହଜାର ୯୭୧ ଶ୍ରଦ୍ଧାଳୁ ଦର୍ଶନ ପାଇଁ ପହଞ୍ଚିଥିଲେ । ସେହିପରି ଯମୁନୋତ୍ରୀ ଓ ଗଙ୍ଗୋତ୍ରୀରେ ମଧ୍ୟ ଏବର୍ଷ ଶ୍ରଦ୍ଧାଳୁଙ୍କ ସଂଖ୍ୟାରେ ଯଥେଷ୍ଟ ବୃଦ୍ଧି ହୋଇଛି । ଉତ୍ତରାଖଣ୍ଡରେ ଶୀତକାଳୀନ ଚାରିଧାମ ଯାତ୍ରା ଏଥର ଅକ୍ଟୋବର ୨୪ରୁ ଆରମ୍ଭ ହୋଇଛି ।

## ଆସନ୍ତାବର୍ଷ ଚୀନ୍ ଯିବେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ




ୱାସିଂଟନ, ୨୫ ।୧୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତାବର୍ଷ ଏପ୍ରିଲରେ ଚୀନ୍ ଗସ୍ତରେ ଯିବେ । ସେ ବେଜିଂ ଯିବା ନେଇ ସମ୍ମତି ଦେଇଛନ୍ତି ବୋଲି ଟ୍ରମ୍ପ କହିଛନ୍ତି । ସେହିପରି ଆସନ୍ତାବର୍ଷ ଆମେରିକା ଆସିବାକୁ ସେ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ନିମନ୍ତ୍ରଣ ଦେଇଛନ୍ତି । ଦୁଇ ରାଷ୍ଟ୍ରମୁଖ ଫୋନ୍‌ରେ କଥାବାର୍ତ୍ତା କରିବା ପରେ ଏ ନେଇ ଘୋଷଣା କରାଯାଇଛି । ପ୍ରାୟ ଏକମାସ ତଳେ ଦୁଇ ନେତା ଦକ୍ଷିଣ କୋରିଆରେ ପରସ୍ପରକୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଏଥିରେ ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ, ଫେଣ୍ଟାନିଲ୍ ଓ ତାଇୱାନ ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଚୀନ୍ ସହିତ ଆମେରିକାର ସମ୍ପର୍କ ବହୁତ ଦୃଢ ବୋଲି ଟ୍ରମ୍ପ ସୋସିଆଲ ମିଡିଆ ଟ୍ରୁଥ୍‌ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି । ଦୁଇ ନେତା ପଖାପାଖି ଏକ ଘଣ୍ଟା ଫୋନରେ କଥା ହୋଇଥିଲେ ଓ ଏହା ମୁଖ୍ୟତଃ ବାଣିଜ୍ୟ ଉପରେ ଥିଲା ବୋଲି ହ୍ୱାଇଟ୍ ହାଉସ୍ ସଚିବ କାରୋଲିନ୍ ଲିଭଟ୍ କହିଛନ୍ତି । ସେପଟେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଦୃଢ କରିବା ପାଇଁ ଆମେ ବଦ୍ଧପରିକର ବୋଲି ଚୀନ ତରଫରୁ କୁହାଯାଇଛି ।

## ସିନେଟରେ ବୁର୍ଖା ପିନ୍ଧି ଅଷ୍ଟ୍ରେଲିଆ ସାଂସଦ ନିଲମ୍ବିତ



ମେଲବୋର୍ଣ୍ଣ, ୨୫ ।୧୧ (ଏଜେନ୍ସି): ଅଷ୍ଟ୍ରେଲିଆ ସଂସଦର ଉପର ଗୃହ ସିନେଟରେ ଏକ ଅଭାବନୀୟ ଘଟଣା ଘଟିଛି । ଦକ୍ଷିଣପନ୍ଥୀ ସାଂସଦ ପାଓଲିନ ହାନସନ ସିନେଟକୁ ବୁର୍ଖା ପିନ୍ଧି ଆସିବାରୁ ତାଙ୍କୁ ୭ ଦିନ ପାଇଁ ନିଲମ୍ବିତ କରାଯାଇଛି । ସେ ବୁର୍ଖା ପିନ୍ଧି ଆସିବାରୁ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଛନ୍ତି । ଏହା ମୁସଲିମ୍ ସମ୍ପ୍ରଦାୟର ଅପମାନ ବୋଲି କେତେକ ସାଂସଦ କହିଥିଲେ । ପୂର୍ବରୁ ହାନସନ ସଂସଦରେ ବୁର୍ଖା ଓ ଚେହରାକୁ ଘୋଡାଉଥିବା ପୋଷାକକୁ ନିଷିଦ୍ଧ କରିବା ପାଇଁ ପ୍ରସ୍ତାବ ଆଣିବାକୁ ଚାହୁଁଥିଲେ । କିନ୍ତୁ ତାଙ୍କୁ ଏଥିପାଇଁ ଅନୁମତି ମିଳି ନଥିଲା । ଏହାପରେ ସେ ବିରୋଧ କରିବା ପାଇଁ ବୁର୍ଖା ପିନ୍ଧି ସଂସଦକୁ ଆସିଥିଲେ । ମୁସଲିମ ସାଂସଦମାନେ ହାନ୍‌ସନଙ୍କ ଉପରେ ଧାର୍ମିକ ଭେଦଭାବ ଓ ବର୍ଣ୍ଣବୈଷମ୍ୟର ଆକ୍ଷେପ ଆଣିଛନ୍ତି । ଅଷ୍ଟ୍ରେଲିଆ ବିଦେଶ ମନ୍ତ୍ରୀ ପେନି ୟଙ୍ଗ ହାନସନଙ୍କୁ ଏଥିପାଇଁ ସମାଲୋଚନା କରିଛନ୍ତି ଓ ଅଷ୍ଟ୍ରେଲିଆରେ ରହୁଥିବା ପାଖାପାଖି ୧୦ ଲକ୍ଷ ମୁସଲମାନଙ୍କ ଅପମାନ କରିଛନ୍ତି ବୋଲି ସେ କହିଛନ୍ତି । ପୂର୍ବରୁ ମଧ୍ୟ ହାନସନ ୨୦୧୭ରେ ସଂସଦରେ ବୁର୍ଖା ପିନ୍ଧି ଆସିଥିଲେ ଓ ଦେଶ ବ୍ୟାପୀ ବୁର୍ଖା ନିଷିଦ୍ଧ କରିବାକୁ ଦାବିକରିଥିଲେ ।

## ଭାରତୀୟ ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗକୁ ଖଣ୍ଡନ କଲା ଚୀନ୍



ବେଜିଂ, ୨୫ ।୧୧(ଏଜେନ୍ସି): ସାଂଘାଇ ବିମାନ ବନ୍ଦରରେ ଅରୁଣାଚଳ ପ୍ରଦେଶରେ ଜନ୍ମିତ ଭାରତୀୟ ମହିଳା ପେମ୍ ୱାଙ୍ଗଜାମ୍ ଥାଙ୍ଗଡ଼ୋକ୍‌ଙ୍କ ସହ ଦୁର୍ବ୍ୟବହାର ଅଭିଯୋଗକୁ ଚୀନ ଅନୁଷ୍ଠାନିକ ଭାବେ ଖଣ୍ଡନ କରିଛି । ଏ ସଂକ୍ରାନ୍ତରେ ଚୀନ୍‌ର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ମାଓ ନିଙ୍ଗ ସ୍ପଷ୍ଟୀକରଣ ଦେଇଛନ୍ତି । ପେମ୍‌ଙ୍କୁ କୌଣସି ପ୍ରକାର ଜବରଦସ୍ତି, ଅଟକ କିମ୍ବା ସମସ୍ୟାରେ ପକାଇବା ଭଳି ବ୍ୟବହାର କରାଯାଇନାହିଁ । ଏୟାରଲାଇନ୍ସ ତାଙ୍କୁ ବିଶ୍ରାମ କରିବା ପାଇଁ ସୁବିଧା, ଖାଦ୍ୟ ଓ ପାଣିର ସୁବିଧା ପ୍ରଦାନ କରିଥିଲା ବୋଲି ସେ କହିଛନ୍ତି । ବ୍ରିଟେନରେ ରହୁଥିବା ପେମ୍ ଅଭିଯୋଗ କରିଥିଲେ ଯେ, ଚୀନ୍ ଅଧିକାରୀମାନେ ଭାରତୀୟ ପାସ୍‌ପୋର୍ଟ ଅବୈଧ ବୋଲି କହିଥିଲେ । ଅରୁଣାଚଳ ପ୍ରଦେଶରେ ଜନ୍ମଗ୍ରହଣ କରିଥିବାରୁ ତାଙ୍କୁ ଦୁର୍ବ୍ୟବହାର କରାଯାଇଥିଲା । ସେ ନଭେମ୍ବର ୨୧ରେ ଲଣ୍ଡନରୁ ଜାପାନ ଯାଉଥିଲେ । ସାଂଘାଇ ବିମାନ ବନ୍ଦରରେ ତାଙ୍କର ୩ ଘଣ୍ଟାର ଟ୍ରାନଜିଟ୍ ଥିଲା । ଏହି ଅବସରରେ ତାଙ୍କୁ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରାଯାଇଥିଲା । ତାଙ୍କ ପାସ୍‌ପୋର୍ଟ ଜବତ କରାଯିବା ସହ ବିମାନରେ ଚଢ଼ିବାକୁ ଦିଆଯାଇ ନଥିଲା । ଭାରତୀୟ ଦୂତାବାସର ସହାୟତାରେ ସେ ବାହାରକୁ ଯିବା ପାଇଁ ସକ୍ଷମ ହୋଇଥିଲେ ବୋଲି କହିଥିଲେ । ଅରୁଣାଚଳ ପ୍ରଦେଶକୁ ଚୀନ ନିଜର ଅଂଶ ବୋଲି ଦାବି କରିଆସୁଛି । ଏଥିପାଇଁ ଏହି ସମସ୍ୟା ସୃଷ୍ଟି ହୋଇଥିଲା ବୋଲି କୁହାଯାଇଛି । କିନ୍ତୁ ଚୀନ୍ ତରଫରୁ ପେମ୍‌ଙ୍କ ସବୁ ଅଭିଯୋଗକୁ ଅସ୍ୱୀକାର କରାଯାଇଛି ।

# 'ନିର୍ବାଚନ କମିଶନ' ଏବେ 'ବିଜେପି କମିଶନ': ମମତା



କୋଲକାତା, ୨୫ ।୧୧(ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପୁଣିଥରେ ଦେଶର ନିର୍ବାଚନ କମିଶନଙ୍କୁ ସମାଲୋଚନା କରିଛନ୍ତି । କମିଶନ ଆଉ ପୂର୍ବପରି ନିରପେକ୍ଷ ହୋଇ ରହିନାହିଁ । ଏହା ଏବେ ବିଜେପି କମିଶନରେ ପରିଣତ ହୋଇଛି । ଯଦି ପଶ୍ଚିମବଙ୍ଗରେ କମିଶନଙ୍କୁ ଜବାବ ଦିଆଯାଏ, ତେବେ ସାରା ଦେଶରେ ବିଜେପିର ମୂଳଦୂଆ ଦୋହଲିଯିବ ବୋଲି ବୋନାଗାଁଓରେ ଆଣ୍ଟି-ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍ଆଇଆର) ରାଲିଙ୍କୁ ସମ୍ବୋଧନ କରିବାବେଳେ ସେ ଏହିକଥା କହିଛନ୍ତି । ଯଦି ରାଜ୍ୟରେ ମୋତୁଆ ବହୁଳ ଅଞ୍ଚଳରେ ରହୁଥିବା ଲୋକଙ୍କୁ ନାଗରିକତା ସଂଶୋଧନ ଅଧିନିୟମ ଅନୁସାରେ (ସିଏଏ) ବିଦେଶୀ ତଥା ଅନୁପ୍ରବେଶକାରୀ ବୋଲି ଘୋଷିତ କରାଯାଏ ତେବେ, ସେମାନଙ୍କୁ ତରୁନ୍ତ ଭୋଟର ତାଲିକାରୁ ହଟାଇ ଦିଆଯିବ । ଖାସ୍‌କରି ବିଜେପି ଶାସିତ ରାଜ୍ୟରେ ଏସ୍ଆଇଆର କାହିଁକି ଲାଗୁ କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି । ଯଦି ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ହଟାଇବାକୁ ଏସ୍ଆଇଆର ଲାଗୁ କରାଯାଉଛି, ତେବେ ବିଜେପି ଶାସିତ ରାଜ୍ୟରେ ଅନୁପ୍ରବେଶକାରୀ ଅଛନ୍ତି ବୋଲି ସ୍ପଷ୍ଟ ହେଉଛି । ଯଦି ବାଂଲାଦେଶୀ ଅନୁପ୍ରବେଶକାରୀ ସମସ୍ୟା ସୃଷ୍ଟି କରିଛି ତେବେ, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶରେ କାହିଁକି ଏସ୍ଆଇଆର୍ ଲାଗୁ କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି । ୨୦୨୪ରେ ଏହି ଭୋଟର ତାଲିକା ଅନୁଯାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭୋଟ ମିଳିଥିଲା । ଯଦି ଏହି ତାଲିକାରୁ ଜଣକ ନାମ ହଟାଇ ଦିଆଯାଏ, ତେବେ କେନ୍ଦ୍ର ସରକାରଙ୍କୁ ମଧ୍ୟ ହଟାଯିବା ଉଚିତ୍ ହେବ । ଯେପର୍ଯ୍ୟନ୍ତ ମୁଁ ଅଛି ସେପର୍ଯ୍ୟନ୍ତ କାହାକୁ ତାଲିକାରୁ ବାଦ୍ ପଡ଼ିବାକୁ ଦେବିନି ବୋଲି ମମତା ସ୍ପଷ୍ଟ କରିଛନ୍ତି । ଏସ୍ଆଇଆର୍ ହିଁ ବିହାର ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିଛି । କିନ୍ତୁ ବିରୋଧୀ ଦଳ ବିଜେପିର ଏହି ରଣନୀତିକୁ ବୁଝିବାରେ ବିଫଳ ହୋଇଛି । ଯଦି ପଶ୍ଚିମବଙ୍ଗରେ ବିଜେପି ମତେ କ୍ଷତି ପହଞ୍ଚାଏ, ତେବେ ସାରା ଦେଶରେ ବିଜେପିର ନିଅଁ ଦୋହଲାଇ ଦେବି ବୋଲି ସେ କହିଛନ୍ତି । ରାଜନୀତିରେ ବିଜେପି ମୋତେ ହରାଇ ପାରିବ ନାହିଁ ଓ ଚ୍ୟାଲେଞ୍ଜ ମଧ୍ୟ ଦେଇପାରିବ ନାହିଁ ବୋଲି ସେ କହିଛନ୍ତି ।

ଉଲ୍ଲେଖଥାଉ କି, ଅକ୍ଟୋବର ୨୮ରୁ ୧୨ ରାଜ୍ୟ ଓ କେନ୍ଦ୍ର ଶାସିତ ରାଜ୍ୟରେ ଏସ୍ଆଇଆର ଜାରି ରହିଛି ଓ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଜାରି ରହିଛି । ଏସ୍ଆଇଆର ପ୍ରକ୍ରିୟାରେ ଦାୟିତ୍ୱ ସମ୍ପାଦନ କରୁଥିବା କେତେଜଣ ବ୍ଲକ ଲିଭେଲ ଅଫିସର (ବିଏଲ୍ଓ)ଙ୍କ ମୃତ୍ୟୁକୁ ନେଇ ଚର୍ଚ୍ଚା ମଧ୍ୟ ଜାରି ରହିଛି ।

## ସୁପ୍ରିମକୋର୍ଟରେ ତାମିଲନାଡୁର ୬ଷ୍ଠ ଆବେଦନ

ନୂଆଦିଲ୍ଲୀ, ୨୫ ।୧୧(ଏଜେନ୍ସି): ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ନଭେମ୍ବର ୪ରୁ ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍ଆଇଆର) ପ୍ରକ୍ରିୟା ଜାରି ରହିଛି । ତାମିଲନାଡୁରେ ମଧ୍ୟ ଏହା ଚାଲୁ ରହିଛି । ଏବେ ଏସ୍ଆଇଆରକୁ ଆଉ ଜଣେ ରାଜନେତା ଓ ପାର୍ଟି ବିରୋଧ କରିଛନ୍ତି । ସେ ହେଉଛନ୍ତି ମରୁମଲାର୍ଚି ଦ୍ରବିଡ ମୁନେତ୍ରା କାଜଘମ (ଏମ୍‌ଡିଏମ୍‌କେ) ପାର୍ଟି ମୁଖ୍ୟ ଭାଇକୋ । ଏବେ ଭାଇକୋ ଏସ୍ଆଇଆର ବିରୋଧରେ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି । ଏସ୍ଆଇଆର ରାଜ୍ୟରେ ଏକାଧିକ ନିୟମ ଓ ଲୋକଙ୍କ ମୂଳ ଅଧିକାରର ଉଲ୍ଲଂଘନ କରିବ ବୋଲି ସେ କହିଛନ୍ତି । ଏହି ମାମଲାରେ ସୁପ୍ରିମକୋର୍ଟ ମଙ୍ଗଳବାର ନିର୍ବାଚନ କମିଶନଙ୍କଠାରୁ ଜବାବ ମାଗିଛନ୍ତି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୨ରେ ହେବ । ଭାଇକୋଙ୍କୁ ବାଦ୍ ଦେଲେ ଡିଏମ୍‌କେ, ସିପିଆଇ(ଏମ୍), ଅଭିନେତା ବିଜୟଙ୍କ ପାର୍ଟି ଟିଭିକେ ଓ କେତେଜଣ ସାଂସଦ ଓ ବିଧାୟକ ଏସ୍ଆଇଆର୍ ପ୍ରକ୍ରିୟାକୁ ବିରୋଧ କରିଛନ୍ତି ।

## ସେନା ଅଧିକାରୀଙ୍କ ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ



■ ଖ୍ରୀଷ୍ଟିଆନ ହୋଇଥିବାରୁ ଗୁରୁଦ୍ୱାରକୁ ଯିବାକୁ ମନା କରିଥିଲେ

ନୂଆଦିଲ୍ଲୀ, ୨୫ ।୧୧(ଏଜେନ୍ସି): ସୁପ୍ରିମକୋର୍ଟ ମଙ୍ଗଳବାର ସେନାର ଜଣେ ପୂର୍ବତନ ଖ୍ରୀଷ୍ଟିଆନ ଅଫିସରଙ୍କ ଆବେଦନକୁ ଖାରଜ କରିଛନ୍ତି । ତାଙ୍କ ସେନାରୁ ବରଖାସ୍ତ କରାଯାଇଥିବାରୁ ସେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । କିନ୍ତୁ ତାଙ୍କୁ ଏବେ ନିରାଶ ହେବାକୁ ପଡ଼ିଛି । ନିୟୋଜିତ ହୋଇଥିବା ସ୍ଥାନରେ ଏହି ଅଧିକାରୀ ଜଣକ ଧାର୍ମିକ ଗତିବିଧିରେ ଅଂଶଗ୍ରହଣ କରିବାକୁ ସିଧା ମନା କରିଥିଲେ । ଏହାପରେ ସେନା ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କୁ ବରଖାସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲା । ମୁଖ୍ୟ ବିଚରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟା ବାଗଚୀଙ୍କ ଖଣ୍ଡପୀଠ ଏହି ଅଧିକାରୀଙ୍କୁ ଭର୍ତ୍ସନା କରିଥିଲେ । ସେନାରେ କାର୍ଯ୍ୟ କରିବା ପାଇଁ ଆପଣ ଯୋଗ୍ୟ ନୁହେଁ ବୋଲି ଖଣ୍ଡପୀଠ କହିଥିଲେ ଓ ହାଇକୋର୍ଟଙ୍କ ରାୟକୁ ବଜାୟ ରଖିଥିଲେ । ଅଧିକାରୀଙ୍କ ଏହି ଆଚରଣ ଗମ୍ଭୀର ଅନୁଶାସନହୀନତାର ପରିଚୟ ଦେଉଛି ବୋଲି କୋର୍ଟ କହିଥିଲେ । ସେନା ଭଳି ସଂସ୍ଥାରେ ଏହାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଥିଲେ ।

ଏହି ମମାଲ ୨୦୧୭ରେ ଘଟିଥିଲା । ଅଧିକାରୀ ସାମୁଏଲ କମଲେସନ ତୃତୀୟ କାଭାଲରୀ ରେଜିମେଣ୍ଟରେ ଲେଫ୍ଟନାଣ୍ଟ ଭାବେ ଦାୟିତ୍ୱରେ ଥିଲେ । ତାଙ୍କ ୟୁନିଟ୍‌ରେ ଏକନ ମନ୍ଦିର ଓ ଗୁରୁଦ୍ୱାର ଥିଲା ଓ ଏଠାରେ ପ୍ରତି ସପ୍ତାହରେ ଧାର୍ମିକ ପରେଡ ହେଉଥିଲା । କିନ୍ତୁ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ହୋଇଥିବାରୁ ସେ ଭିତର ମନ୍ଦିର ଭିତରକୁ ଯିବାକୁ ମନା କରିଥିଲେ । ଆମ ଧର୍ମରେ ଦେବୀ ଦେବତାଙ୍କୁ ପୂଜା କରିବା ମନା ବୋଲି ସେ କହିଥିଲେ । ଫଳରେ ତାଙ୍କୁ ବରଖାସ୍ତ କରାଯାଇଥିଲା । ଗୁରୁଦ୍ୱାର ଏକ ଧର୍ମନିରପେକ୍ଷ ସ୍ଥାନ ହୋଇଥିବାରୁ ଏଭଳି ଆଚରଣ ଠିକ୍ ନୁହେଁ ବୋଲି କୋର୍ଟ କହିଥିଲେ । ଶେଷରେ ସାମୁଏଲ୍‌ଙ୍କୁ ଏଥିପାଇଁ ମୂଲ୍ୟ ଦେବାକୁ ହୋଇଛି ।

## କାନାଡ଼ାରେ ତ୍ରିରଙ୍ଗାର ଅପମାନ କଲେ ଖଲିସ୍ତାନୀ ଆତଙ୍କବାଦୀ



ଅଟାୱା, ୨୫ ।୧୧(ଏଜେନ୍ସି): କାନାଡ଼ାର ଅଟାୱା ସହରରେ ରବିବାର ଖଲିସ୍ତାନୀ ଆତଙ୍କବାଦୀମାନେ ଜନମତ ସଂଗ୍ରହ କରିବା ଅବସରରେ ଭାରତୀୟ ପତାକା ତ୍ରିରଙ୍ଗାର ଅପମାନ କରିଥିଲେ । ଏମାନେ ଭାରତ ପ୍ରଧାନମନ୍ତ୍ରୀ ଓ ଅଧିକାରୀଙ୍କୁ ମାରିଦିଅ ବୋଲି ସ୍ଲୋଗାନ ଦେଇଥିଲେ । ଏହି ଆତଙ୍କବାଦୀମାନେ ଏକ ଅନୌପଚାରିକ ତଥା ବେଆଇନ୍ ବେଟିଂରେ ଅଂଶଗ୍ରହଣ କରିଥିଲେ ଓ ଏହାକୁ 'ଖଲିସ୍ତାନ ରେଫରେଣ୍ଡମ' ବୋଲି କୁହାଯାଇଥିଲା । ଏହି ବେଟିଂ ଜରିଆରେ ସେମାନେ ଏକ ପ୍ରଶ୍ନ ପଚାରିଥିଲେ । ଭାରତଠାରୁ ପଞ୍ଜାବକୁ ଅଲଗା କରି ଏକ ନୂଆ ଦେଶ ଖଲିସ୍ତାନ ଗଠନ କରିବା ଆବଶ୍ୟକ କି ବୋଲି ପ୍ରଶ୍ନ କରିଥିଲେ । ଗଣମାଧ୍ୟମଗୁଡିକ ରିପୋର୍ଟ ଅନୁସାରେ ଏହି ବେଟିଂରେ ହଜାରରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ । ଲୋକମାନେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ହଳଦିଆ ରଙ୍ଗର ପତାକା ନେଇ ପାଖାପାଖି ଦୁଇ କିମିର ଲାଇନ୍‌ରେ ଠିଆ ହୋଇଥିଲେ । ଜଣାଶୁଣା ଆତଙ୍କବାଦୀ ସଂଗଠନ 'ଶିଖ ଫର ଜଷ୍ଟିସ୍' ଏହାର ଆୟୋଜନ କରିଥିଲା । ଏଥିରେ ଅଣ୍ଟାରିଓ, ଆଲବର୍ଟା, ବ୍ରିଟିଶ କଲମ୍ବିଆ ଓ କ୍ୟୁବେକ ରାଜ୍ୟରୁ ୫୩ ହଜାରରୁ ଅଧିକ ଖଲିସ୍ତାନୀ ସମର୍ଥକ ଭୋଟ ଦେବାକୁ ଆସିଥିଲେ ବୋଲି ଆୟୋଜକ କହିଛନ୍ତି । ଦକ୍ଷିଣ ଆଫ୍ରିକାରେ ଚାଲିଥିବା ଜି-୨୦ ସମ୍ମିଳନୀରେ ମୋଦୀ ଓ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ପରସ୍ପରକୁ ଭେଟିଥିଲେ । ଏହାକୁ ନେଇ ମଧ୍ୟ ଶିଖ୍ ଫର୍ ଜଷ୍ଟିସ ପ୍ରଶ୍ନ ଉଠାଇଛି ।

## ଗାୟକ ଜୁବିନଙ୍କୁ ହତ୍ୟା କରାଯାଇଛି: ହିମନ୍ତ

ଗୌହାଟୀ, ୨୫ ।୧୧(ଏଜେନ୍ସି): ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ମଙ୍ଗଳବାର ବିଧାନସଭାରେ ଚକିତ କଲା ଭଳି ଏକ ମନ୍ତବ୍ୟ ଦେଇଛନ୍ତି । ବଲିଉଡ୍ ତଥା ଆସାମୀ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ଏକ ଦୁର୍ଘଟଣା ନଥିଲା । ବରଂ ତାଙ୍କୁ ହତ୍ୟା କରାଯାଇଛି ବୋଲି ସେ କହିଛନ୍ତି । ଏହା ବିନା କୌଣସି ଉଦ୍ଦେଶ୍ୟରେ ହତ୍ୟା କିମ୍ବା ଆପରାଧିକ ଷଡଯନ୍ତ୍ର ନୁହେଁ, ଏହା ଏକ ହତ୍ୟାକାଣ୍ଡ ବୋଲି ସେ ସ୍ପଷ୍ଟ କରିଛନ୍ତି । ଜଣେ ଅଭିଯୁକ୍ତ ଜୁବିନଙ୍କ ଜୀବନ ନେଇଛନ୍ତି ଓ ବାକି ଅଭିଯୁକ୍ତମାନେ ତାଙ୍କୁ ସହଯୋଗ କରିଛନ୍ତି ବୋଲି ସେ କହିଛନ୍ତି ।

ଆସାମ ବିଧାନସଭାରେ ବିରୋଧୀ ଦଳଗୁଡିକ ଜୁବିନଙ୍କ ମୃତ୍ୟୁ ଉପରେ ଆଲୋଚନା ପାଇଁ ଏକ ମୁଲତବୀ ପସ୍ତାବ ଆଣିଥିଲେ । ଶୀତକାଳୀନ ଅଧିବେଶନର ପ୍ରଥମ ଦିନରେ ହିଁ ହିମନ୍ତ ଏହାର ଜବାବ ଦେଇଛନ୍ତି । ଆସାମ ପୁଲିସର ସିଆଇଡି ଅଧିନରେ ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି) ଏପର୍ଯ୍ୟନ୍ତ ଏହି ମାମଲାରେ ୭ ଜଣଙ୍କୁ ଗିରଫ କରିଛି, ୨୫୨ ଜଣଙ୍କୁ ପଚରାଉଚରା କରିଛି ଓ ୨୯ଟି ସାମଗ୍ରୀ ଜବତ କରିଛି । ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ମଧ୍ୟରୁ ୪-୫ ଜଣଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଇଛି ବୋଲି ସେ କହିଛନ୍ତି । ଉଲ୍ଲେଖ ଥାଉକି, ୫୨ ବର୍ଷୀୟ ଗାୟକ ତଥା ମ୍ୟୁଜିସିଆନ ଜୁବିନ ସେପ୍ଟେମ୍ବର ୧୯ ରେ ସିଙ୍ଗାପୁରରେ ସମୁଦ୍ରରେ ସ୍କୁବା ଡାଇଭିଂ କରୁଥିବା ବେଳେ ସନ୍ଦେହଜନକ ଭାବେ ମୃତ୍ୟୁବରଣ କରିଥିଲେ । ସେ ନର୍ଥଇଷ୍ଟ ଇଣ୍ଡିଆ ସମାରୋହରେ ଯୋଗ ଦେବାକୁ ଯାଇଥିଲେ । ତାଙ୍କ ମୃତ୍ୟୁକୁ ନେଇ ରାଜ୍ୟରେ ୬୦ରୁ ଅଧିକ ଏଫ୍ଆଇଆର ଦାଏର କରାଯାଇଥିଲା । ଜୁବିନ ତାଙ୍କ ଉଜ୍ଜ୍ୱଳମୟ କ୍ୟାରିଅରରେ ୪୦ଟି ଭାଷାରେ ପାଖାପାଖି ୩୮ ହଜାର ଗୀତ ଗାଇଛନ୍ତି । ସେ ଏକାଧାରରେ ଜଣେ ଗାୟକ, ସଙ୍ଗୀତକାର, ଅଭିନେତା ଓ ନିର୍ଦ୍ଦେଶକ ଥିଲେ ।

## ଇଞ୍ଜିନିୟରଙ୍କଠାରୁ ୪୮ ଲକ୍ଷ ଠକି ନେଲେ ଆୟୁର୍ବେଦ ଦୋକାନୀ

ବେଙ୍ଗାଲୁରୁ, ୨୫ ।୧୧(ଏଜେନ୍ସି): ବେଙ୍ଗାଲୁରୁରେ ୨୯ ବର୍ଷୀୟ ଜଣେ ସଫ୍ଟୱେୟାର ଇଞ୍ଜିନିୟର ୪୮ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଛନ୍ତି । ଏ ନେଇ ଇଞ୍ଜିନିୟର ଜଣକ ଜ୍ଞାନଭାରତୀ ଥାନାରେ ଏଫ୍ଆଇଆର୍ ଦାଏର କରିବା ପରେ ଏହି ମାମଲା ସାମ୍ନାକୁ ଆସିଥିଲା । ସ୍ୱାସ୍ଥ୍ୟଗତ ସମସ୍ୟା ଦୂର କରିବା ପାଇଁ ସେ ରାସ୍ତା କଡ଼ରେ ଲଗାଯାଇଥିବା ଏକ ଆୟୁର୍ବେଦ ତମ୍ବୁକୁ ଯାଇଥିଲେ । ସେଠାରେ ସେ ବିଜୟ ଗୁରୁଜୀ ବୋଲି ଜଣେ ବ୍ୟକ୍ତିଙ୍କୁ ଭେଟିଥିଲେ । ତାଙ୍କ ପରାମର୍ଶ ଅନୁସାରେ ସେ ଏକାଧିକ ଔଷଧ ତଥା ଜିନିଷ କ୍ରୟ କରିଥିଲେ । ଏଥିରେ ୧୮ ଗ୍ରାମ୍‌ର ଔଷଧ ୨୦ ଲକ୍ଷ ଟଙ୍କାରେ ଓ ୧୭ ଲକ୍ଷ ଟଙ୍କାର ତେଲ ଓ ଅନ୍ୟାନ୍ୟ ଜନିଷ କିଣିଥିଲେ । କିନ୍ତୁ ଏହି ଔଷଧ ସେବନ କରିବା ପରେ ମଧ୍ୟ ସ୍ୱାସ୍ଥ୍ୟବସ୍ଥାରେ କୌଣସି ସୁଧାର ଆସି ନଥିଲା । ପୀଡିତ ମେଡିକାଲ ପରୀକ୍ଷା କରାଇଥିଲେ ଓ ତାଙ୍କ କିଡ୍‌ନୀ ଖରାପ ଥିବା ଜାଣିବାକୁ ପାଇଥିଲେ । ୨୦୨୩ରେ ସେ ବିବାହ କରିଥିଲେ । କିନ୍ତୁ ବିବାହ ପରେ କିଛିମାସ ପରେ ତାଙ୍କର ଯୌନ ସମସ୍ୟା ଦେଖାଯାଇଥିଲା । ଫଳରେ ଜଣେ ବନ୍ଧୁଙ୍କ ପରାମର୍ଶକ୍ରମେ ସେ ଆୟୁର୍ବେଦ ଡାକ୍ତର ବିଜୟଙ୍କ ସହ ପରିଚିତ ହୋଇଥିଲେ । ଔଷଧ କିଣିବା ପାଇଁ ସେ ୨୦ ଲକ୍ଷ ଟଙ୍କା ଉଦ୍ଧାର କରିଥିଲେ । ଔଷଧ କାମ ନ କରିବାରୁ ବିଜୟ ତାଙ୍କୁ ଆହୁରି ଅଧିକ ଔଷଧ କଣିବାକୁ କହିଥିଲେ ।

# ଅଯୋଧ୍ୟା ରାମ ମନ୍ଦିରରେ ଉଡ଼ିଲା ଧର୍ମଧ୍ୱଜା



ଅଯୋଧ୍ୟା, ୨୫ ।୧୧(ଏଜେନ୍ସି): ଅଯୋଧ୍ୟାର ରାମ ମନ୍ଦିର ଆଜି ସମ୍ପୂର୍ଣ୍ଣ ହୋଇଛି । ପ୍ରାଣ ପ୍ରତିଷ୍ଠାର ୬୭୩ ଦିନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍ଏସ୍) ମୁଖ୍ୟ ମୋହନ ଭାଗବତ ମନ୍ଦିର ଶିଖରରେ ଧ୍ୱଜାରୋହଣ କରିଥିଲେ । ସକାଳ ୧୧.୫୦ରେ ଶୁଭ ମୁହୂର୍ତ୍ତରେ ବଟନ ଦବାଇବା ପରେ ୨ କେଜି ଓଜନର ନାରଙ୍ଗି ଧ୍ୱଜା ୧୬୧ ଫୁଟ ଉଚ୍ଚରେ ଥିବା ଶିଖରରେ ଉଡିଥିଲା । ଏହି ଦୃଶ୍ୟ ଅତ୍ୟନ୍ତ ଚମତ୍କାର ଥିଲା । ଏହି ଅବସରରେ ପ୍ରଧାନମନ୍ତ୍ରୀ ଭାବବିହ୍ୱଳ ହୋଇପଡ଼ିଥିଲେ । ରାମଲାଲା ସୁନା ଓ ରେଶମ ସୂତ୍ରରେ କାରୁକାର୍ଯ୍ୟ ହୋଇଥିବା ଏକ ହଳଦିଆ ବସ୍ତ୍ର ପରିଧାନ କରିଥିଲେ । ଆଜି ଯୁଗ ଯୁଗର ଅକାଂକ୍ଷା ପୁରଣ ହୋଇଛି ଓ କ୍ଷତ ଭରିଛି ବୋଲି ମୋଦୀ କହିଥିଲେ । ଦେଶକୁ ପରାଧିନତାର ମାନସିକତାରୁ ମୁକ୍ତି କରିବାକୁ ଆମେ ବଦ୍ଧପରିକର । ଏହି ମାନସିକତା ଏତେ ପରିମାଣ ପ୍ରଭାବିତ କରିଥିଲା ଯେ, ଲୋକେ ବର୍ଷବର୍ଷ ଧରି ଭଗବାନ ରାମଙ୍କୁ କାଳ୍ପନିକ ବୋଲି କହିବାକୁ ପଛାଇ ନଥିଲେ ବୋଲି ସେ କହିଥିଲେ । ମୋଦୀ ନିଜର ୩୨ ମିନିଟର ଭାଷଣ 'ସୀୟାବର ରାମଚନ୍ଦ୍ର କି ଜୟ'ରେ ସମ୍ବୋଧନ କରି ଆରମ୍ଭ କରିଥିଲେ । ରାମ ମନ୍ଦିର ଆନ୍ଦୋଳନରେ ଯୋଉଁମାନେ ପ୍ରାଣ ବିସର୍ଜନ ଦେଇଥିଲେ, ଆଜି ସେମାନଙ୍କ ଆତ୍ମା ତୃପ୍ତ ହୋଇଥିବ ବୋଲି ଭାଗବତ କହିଥିଲେ । ସେହିପରି ପିଢ଼ି ପିଢ଼ି ଲୋକଙ୍କର ଆଶା ଆଜି ପୂରଣ ହୋଇଛି ବୋଲି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଥିଲେ ।

ଧ୍ୱଜାରୋହଣ ପୂର୍ବରୁ ମୋଦୀ ଓ ଭାଗବତ ସାଥି ହୋଇ ମନ୍ଦିର ପ୍ରଥମ ମହଲାରେ ନିର୍ମିତ ରାମ ଦରବାରରେ ପୂଜା ଓ ଆଳତି କରିଥିଲେ । ଏହାପରେ ଦୁହେଁ ରାମଲାଲାଙ୍କ ଦର୍ଶନ କରିଥିଲେ । ମୋଦୀ ରାମଲାଲାଙ୍କ ପାଇଁ ବସ୍ତ୍ର ଓ ପଙ୍ଖା ନେଇ ପହଞ୍ଚିଥିଲେ । ମୋଦୀ ସାକେତ କଲେଜରୁ ରାମ ଜନ୍ମଭୂମି ପର୍ଯ୍ୟନ୍ତ ଦେଢ଼ କିମି ଲମ୍ବ ରୋଡ ଶୋର ନେତୃତ୍ୱ ନେଇଥିଲେ । ଏହି ଅବସରରେ ସ୍କୁଲ ଛାତ୍ରଛାତ୍ରୀ ରୋଡ୍ ଶୋରେ ଗାଡିଗୁଡିକ ଉପରେ ପୁଷ୍ପ ବୃଷ୍ଟି କରିଥିଲେ । ସ୍ଥାନେ ସ୍ଥାନେ ମହିଳାମାନେ ମଧ୍ୟ ତାଙ୍କର ସ୍ୱାଗତ କରିଥିଲେ । ଧ୍ୱଜାରୋହଣ ସମାରୋହରେ ବଲିଉଡ୍ ମହାନାୟକ ଅମିତାଭ ବଚ୍ଚନ ଓ ଅନ୍ୟ ସେଲିବ୍ରିଟିମାନେ ଆସିବେ ବୋଲି ଚର୍ଚ୍ଚା ହେଉଥିଲା । କିନ୍ତୁ କେହି ଆସି ନଥିଲେ । ଦେଶର ୪ ଜଣ ଶଙ୍କରାଚାର୍ଯ୍ୟଙ୍କୁ ବାଦ୍ ଦେଲେ ବିଭିନ୍ନ ମଠର ସାଧୁ-ସନ୍ଥ ଏହି ଅବସରରେ ମନ୍ଦିର ପରିସରରେ ଉପସ୍ଥିତ ଥିଲେ । ସମ୍ପୂର୍ଣ୍ଣ ଅଯୋଧ୍ୟା ସହରକୁ ୧୦୦୦ କ୍ୟୁଣ୍ଟାଲ ଫୁଲରେ ସଜ୍ଜିତ କରାଯାଇଥିଲା । ସୁରକ୍ଷା ବ୍ୟବସ୍ଥା କଡ଼ା କଡ଼ି କରାଯାଇଥିଲା । ମନ୍ଦିରରେ ପଞ୍ଚ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଏଟିଏସ୍, ଏନ୍‌ଏସ୍‌ଜି, ଏସ୍‌ପିଜି, ସିଆରପିଏଫ୍ ଓ ପିଏସି ଯବାନଙ୍କୁ ନିୟୋଜିତ କରାଯାଇଥିଲା ।

## ଆଫଗାନିସ୍ତାନରେ ଅଧରାତିରେ ପାକିସ୍ତାନର ଏୟାର ଷ୍ଟ୍ରାଇକ୍

ଇସ୍‌ଲାମାବାଦ୍, ୨୫ ।୧୧(ଏଜେନ୍ସି): ପାକିସ୍ତାନ ସୋମବାର ଅଧରାତିରେ ଆଫଗାନିସ୍ତାନର ୩ ରାଜ୍ୟ ଖୋସ୍ତ, କୁନାର ଓ ପ୍ରକ୍ତିକାରେ ଆକାଶମାର୍ଗରୁ ଆକ୍ରମଣ କରିଛି । ଖୋସ୍ତ ଉପରେ ହୋଇଥିବା ଆକ୍ରମଣରେ ୧୦ ଜଣ ସାଧାରଣ ନାଗରିକ ମୃତ୍ୟୁବରଣ କରିଛନ୍ତି । ଏମାନଙ୍କ ମଧ୍ୟରେ ୯ ଜଣ ଛୋଟ ପିଲା ଓ ଜଣେ ମହିଳା ସାମିଲ ଅଛନ୍ତି । ଖୋସ୍ତ ରାଜ୍ୟର ମୁଗଲଗଇ ଅଞ୍ଚଳରେ ରାତି ୧୨ଟାରେ ପାକିସ୍ତାନ ବିମାନଗୁଡିକ ଏକ ଘର ଉପରେ ବୋମା ମାଡ଼ କରିଥିଲେ ବୋଲି ତାଲିବାନ ମୁଖପାତ୍ର ଜବିଉଲ୍ଲା ମୁଜାହିଦ କହିଛନ୍ତି । ଏହି ଆକ୍ରମଣରେ ୫ ପୁଅ, ୪ ଝିଅ ପିଲା ଓ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ସେହିପରି କୁନାର ଓ ପ୍ରକ୍ତିକାରେ ହୋଇଥିବା ଆକ୍ରମଣରେ ୪ ଜଣ ନାଗରିକ ଆହତ ହୋଇଛନ୍ତି । ପାକିସ୍ତାନ ଏହି ଆକ୍ରମଣ କରି ଇସ୍ତାନବୁଲରେ ହୋଇଥିବ ଅସ୍ତ୍ରବିରତି ଚୁକ୍ତିର ଉଲ୍ଲଂଘନ କରିଛି ବୋଲି ଆଫଗାନିସ୍ତାନ କହିଛି । ଏହି ଘଟଣା ନେଇ ପାକିସ୍ତାନ ସେନା ଓ ବିଦେଶ ମନ୍ତ୍ରଣାଳୟ ତରଫରୁ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇନାହିଁ । ଅନ୍ୟପଟେ ପାକିସ୍ତାନ ମଧ୍ୟ ଆତଙ୍କବାଦୀ ଆକ୍ରମଣର ଶିକାର ହେଉଛି । ଦୁଇଦିନ ତଳେ ପେଶାୱାର ସହରରେ ଫ୍ରଣ୍ଟିୟର କନଷ୍ଟେବୁଲରୀ ମୁଖ୍ୟ କାର୍ଯ୍ୟାଳୟ ଉପରେ ଆତ୍ମଘାତୀ ଆକ୍ରମଣ କରାଯାଇଥିଲା ଓ ଏଥିରେ ୩ କମାଣ୍ଡୋ ମୃତ୍ୟୁବରଣ କରିଥିବା ବେଳେ ୩ ଆକ୍ରମଣକାରୀ ମଧ୍ୟ ନିହତ ହୋଇଥିଲେ । ପାକିସ୍ତାନ ଗତମାସରେ ମଧ୍ୟ ଆଫଗାନିସ୍ତାନ ରାଜଧାନୀ କାବୁଲ ଉପରେ ବୋମା ମାଡ଼ କରିଥିଲା । ପୂର୍ବରୁ ମଧ୍ୟ ଦୁଇ ଦେଶ ମଧ୍ୟରେ ସଂଘର୍ଷ ହୋଇଥିଲା ।





# ରାଜପଥରେ ଗଡ଼ିଲା ୬ ମୁଣ୍ଡ

## ଡିଭାଇଡର୍ ଡେଇଁ ଟ୍ୟାଙ୍କର୍‌କୁ ଧକ୍କା ଦେଲା ବୋଲେରୋ; ୩ ମୃତ

ଟାଙ୍ଗୀ,୨୫ ।୧୧(ସମିସ): ଜଗନ୍ନାଥ ଦର୍ଶନ ନୋହିଲା। ଅଧାବାଟରେ ଜୀବନ ଚାଲିଗଲା। ମଙ୍ଗଳବାର ଭୋର୍‌ରେ ୧୬ନଂ ଜାତୀୟ ରାଜପଥର ଟାଙ୍ଗୀ ଥାନା ରଜକଣା ଛକ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ୩ଜଣଙ୍କ ଜୀବନ ନେଇଛି।



ମୃତକମାନେ ହେଲେ, କେନ୍ଦୁଝର ଜିଲ୍ଲା କାଠବାଉଁଶୁଳି ଗ୍ରାମର ଅଶୋକ ବାରିକ, ଭଦ୍ରକ ଅଞ୍ଚଳର ପ୍ରକାଶ ବିଶ୍ୱାଳ ଓ ବିହାର ଅଞ୍ଚଳର ଉମେଶ କୁମାର। ସେହିପରି ଏହି ଦୁର୍ଘଟଣାରେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ, କେନ୍ଦୁଝର ଜିଲ୍ଲା ନୟାକୋଟ ଥାନା ବାଂଶପାଳ ଗ୍ରାମର ନିୟନ ପଲ୍ଲାଇ ଓ ପୁରୀ ଜିଲ୍ଲା କଣାସ ଥାନା କୋଟକଣ ଗ୍ରାମର ବିଶ୍ୱରଞ୍ଜନ ରାଉତରାୟ। ସ୍ଥାନୀୟ ହସ୍ପିଟାଲରେ ସେମାନଙ୍କୁ ଭର୍ତ୍ତି କରାଯାଇଛି।

ମିଳିଥିବା ସୂଚନାନୁଯାୟୀ, ୫ଜଣ ଯାକ ଏକ ଖଣି କମ୍ପାନୀରେ କାମ କରନ୍ତି। ଜଗନ୍ନାଥ ଦର୍ଶନ ନିମନ୍ତେ ସମସ୍ତେ ସୋମବାର ସନ୍ଧ୍ୟାରେ ପୁରୀ ଅଭିମୁଖେ ଏକ ବୋଲେରୋରେ ବାହାରିଥିଲେ। ଚାଳକଙ୍କ ଅସାବଧାନତା ଯୋଗୁଁ ଦ୍ରୁତଗତିରେ

**ଜଗନ୍ନାଥ ଦର୍ଶନ ପାଇଁ ଯାଉଥିଲେ; ୨ ଗୁରୁତର**

ଯାଉଥିବା ବୋଲେରୋଟି ରଜକଣା ଛକ ନିକଟରେ ରୋଡ୍ ଡିଭାଇଡର୍‌ରେ ପିଟି ହୋଇ ବିପରୀତ ରାସ୍ତାକୁ ଚାଲି ଯାଇଥିଲା। ଏହି ସମୟରେ ଉକ୍ତ ରାସ୍ତାରେ ଆସୁଥିବା ଏକ ଟ୍ୟାଙ୍କର୍, ବୋଲେରୋକୁ ଧକ୍କା ଦେଇଥିଲା। ଫଳରେ ଘଟଣସ୍ଥଳରେ ୩ଜଣଙ୍କ ମୃତ୍ୟୁ ହୋଇଯାଇଥିଲା। ଅଗ୍ନିଶମ ବାହିନୀ ସହାୟତାରେ ମୃତାହତଙ୍କୁ ଗାଡ଼ି କାଟି ବାହାର କରାଯାଇଥିଲା।

## ଦୁଇ ବାଇକ୍ ଧକ୍କା: ଦୁଇ ସଢ଼ୁ ସମେତ ୩ ମୃତ

ବଲାଙ୍ଗିର,୨୫ ।୧୧(ସମିସ): ୨୬ନଂ ଜାତୀୟ ରାଜପଥ ଲୋଇସିଂହା ଥାନା ବୁଢ଼ିପଦରରେ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ବରଗଡ଼ ଜିଲ୍ଲା ଗାଇସିଲେଟ ଥାନା ଅଞ୍ଚଳର ସୂରଜ କାମିଲା, ତାଙ୍କ ସଢ଼ୁ ଝସକେତନ ବରିହା ଏବଂ ଲୋଇସିଂହାର ଚନ୍ଦ୍ରଶେଖର ଲୁହାର।

ସୂରଜ ତାମିଲନାଡ଼ୁରେ କାମ କରୁଥିଲେ। ସୋମବାର ସନ୍ଧ୍ୟାରେ ସେ ଘରକୁ ଫେରୁଥିଲେ। ତାଙ୍କୁ ଘରକୁ ଆଣିବା ପାଇଁ ସଢ଼ୁ ଝସକେତନ ଯାଇଥିଲେ। ଉଭୟ ଏକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ବୁଢ଼ିପଦର ପଞ୍ଚାୟତ ଅଫିସ ନିକଟରେ ଏହି ଅଘଟଣ ଘଟିଥିଲା। ରୁଗୁଡ଼ିଖାଲ ପଟୁ ବାଇକ୍‌ରେ ଆସୁଥିବା ଚନ୍ଦ୍ରଶେଖରଙ୍କ ସହ ସେମାନଙ୍କ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାଗ୍ରସ୍ତ ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ତିନିଜଣଙ୍କ ମୃତ୍ୟୁ ଘଟିଥିଲା। ଘଟଣା ବିଷୟରେ ସ୍ଥାନୀୟ ଲୋକେ ଖବର ପାଇବା ପରେ ପୁଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ୩ଜଣଙ୍କ ମୃତଦେହକୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିବା ପରେ ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ମଙ୍ଗଳବାର ବ୍ୟବଚ୍ଛେଦ ସରିବା ପରେ ମୃତଦେହକୁ ପୁଲିସ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

### ଇନ୍ଦ୍ରଚନ୍ଦ୍ର ମାନୁନାହାନ୍ତି ବାଲିମାଫିଆ

# ତହସିଲଦାରଙ୍କୁ ସଂଘବଦ୍ଧ ଆକ୍ରମଣ

ବାରିପଦା, ୨୫।୧୧ (ସମିସ): ଆଉ ଇନ୍ଦ୍ରଚନ୍ଦ୍ର ମାନୁନାହାନ୍ତି ବାଲି ମାଫିଆ। ପୁଲିସ କିମ୍ବା ପ୍ରଶାସନ ପ୍ରତି ଖାତିର୍ ତ ଦୂରର କଥା, ମନରେ ଟିକିଏ ଭୟ ବି ନାହିଁ। ବାଟ ମଝିରେ କାର୍ ଅଟକାଇ ତହସିଲଦାରଙ୍କୁ ଆକ୍ରମଣ କରିବାକୁ ବି ପଛାଉ ନାହାନ୍ତି। ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକରେ ଆଜି ଏପରି ଏକ ଘଟଣା ଘଟିଛି। ବାଟ ମଝିରେ ବେତନଟୀ ତହସିଲଦାର ଚନ୍ଦ୍ରଜିତ୍ ବେହେରାଙ୍କ କାର୍ ଅଟକାଇ ମାଫିଆମାନେ ତହସିଲଦାରଙ୍କ ସମେତ ସୁପରଭାଇଜର୍ ଓ ଗାଡ଼ି ଚାଳକଙ୍କୁ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ଏଥିରେ ଗାଡ଼ି ଚାଳକଜଣଙ୍କ ଗୁରୁତର ହୋଇଛନ୍ତି। ମାଫିଆମାନେ ତାଙ୍କ ମୁଣ୍ଡ ଫଟାଇ ଦେଇଛନ୍ତି। ସେ ହେଲେ ନୀହାର ରଞ୍ଜନ ବିଶ୍ୱାଳ। ତାଙ୍କୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖାଲି ସେତିକି ନୁହେଁ, ଯିବା ବେଳେ ମାଫିଆମାନେ ତହସିଲଦାରଙ୍କୁ ହତ୍ୟା କରିବାକୁ ଧମକ ଦେଇଛନ୍ତି। ଏହି ଘଟଣା ପଦାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଖବର ପାଇ ବେତନଟୀ ଏସ୍‌ଡିପିଓ ଓ ଥାନା ଅଧିକାରୀ ତଦନ୍ତ କରିଛନ୍ତି। ଡାକ୍ତରଖାନାରେ ଶ୍ରୀ ବିଶ୍ୱାଳଙ୍କ ବୟାନ ସଂଗ୍ରହ କରି ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ତନାଘନା ଚଳାଇଛନ୍ତି। ଏହି ଘଟଣାରେ ପୁଲିସ ବଡ଼ସାହି ଥାନା ବତନା ଗ୍ରାମର ପ୍ରଶାନ୍ତ ଗାଆଣ ଓରଫ ବାବୁଛୁଆକୁ ଗିରଫ କରିଛି।

ସୂଚନାନୁଯାୟୀ, ଆଜି ଅପରାହ୍ଣରେ ତହସିଲଦାର ଶ୍ରୀ ବେହେରା ଏକ ବାଲି ବୋଝେଇ ଏକ ଟ୍ରାକ୍ଟର୍‌କୁ ଜବତ କରି ଚାଳକ ସହାୟତାରେ ଥାନାର ଜିମା ଦେଇଥିଲେ। ଏହାକୁ ନେଇ ବାଲି ମାଫିଆମାନେ କ୍ଷୁବ୍ଧ ହୋଇଯାଇଥିଲେ। ତହସିଲଦାରଙ୍କୁ ଆକ୍ରମଣ କରିବା ପାଇଁ ସେମାନେ ସୁଯୋଗକୁ ଅପେକ୍ଷା କରିଥିଲେ। ସଂଧ୍ୟାରେ ତହସିଲଦାର ଶ୍ରୀ ବେହେରା ଅଫିସ୍ କାମ ସାରି ଫେରୁଥିବା ବେଳେ ତୁଳସୀଚଉରା ଛକରେ ସେମାନେ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ମାଫିଆମାନେ ତହସିଲଦାରଙ୍କ ଗାଡ଼ି ଅଟକାଇ ସେଥିରେ ଥିବା ତହସିଲଦାର ଶ୍ରୀ ବେହେରା, ସୁପରଭାଇଜର୍ ସତ୍ୟବ୍ରତ ନାୟକ ଓ ଚାଳକ ଶ୍ରୀ ବିଶ୍ୱାଳଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପାଟିତୁଣ୍ଡ ଶୁଣି ତହସିଲ କର୍ମଚାରୀମାନେ ସେଠାରେ ପହଞ୍ଚିଯିବାରୁ ବାଲି ମାଫିଆମାନେ ଖସି ପଳାଇଥିଲେ।

# ଶିମିଳିପାଳରେ ବଢ଼ିଲେ ୫ ବାଘ

ଭୁବନେଶ୍ୱର,୨୫ ।୧୧(ସମିସ): ରାଜ୍ୟରେ ବଢ଼ୁଛି ମହାବଳଙ୍କ ସଂଖ୍ୟା। ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ରାଜ୍ୟରେ ବାଘ ସଂଖ୍ୟା ବୃଦ୍ଧି ପାଇଛି। ଗତବର୍ଷ କେବଳ ଶିମିଳିପାଳରେ ବାଘ ସଂଖ୍ୟା ୨୭ ରହିଥିବା ବେଳେ ଚଳିତ ବର୍ଷ ଏହା ୩୨ରେ ପହଞ୍ଚିଛି ବୋଲି ବନ୍ୟପ୍ରାଣୀ ପିସିସିଏଫ ପ୍ରେମ କୁମାର ଝା କହିଛନ୍ତି। ପ୍ରତି ୪ ବର୍ଷରେ ଥରେ ସର୍ବଭାରତୀୟ ସ୍ତରରେ ବାଘ ଗଣନା ହୋଇଥାଏ। ଏହାପୂର୍ବରୁ ୨୦୨୨ ମସିହାରେ ବାଘ ଗଣତି ହୋଇଥିଲା। ମାତ୍ର ଓଡ଼ିଶାରେ ଯେଉଁ ନିଜସ୍ୱ ବାଘ ଗଣନା କରାଯାଉଛି, ସେହି ତଥ୍ୟ ଅନୁଯାୟୀ ୨୦୨୨ ମସିହାରେ ରାଜ୍ୟରେ ୨୦ଟି ବାଘ ନଜରକୁ ଆସିଥିଲେ। ୨୦୨୩ରେ ୨୭ଟି ବାଘ ସମେତ ୯ଟି ଶାବକଙ୍କୁ ଚିହ୍ନଟ କରାଯାଇଥିଲା। ବର୍ତ୍ତମାନ ରାଜ୍ୟରେ ବାଘଙ୍କ ସଂଖ୍ୟା ୩୨କୁ ବୃଦ୍ଧି ପାଇଥିବା ବେଳେ ୯ଟି ବାଘ ଶାବକ ରହିଥିବା ଜଣାପଡ଼ିଛି। ପିସିସିଏଫ ଆହୁରି କହିଛନ୍ତି, ବର୍ତ୍ତମାନ ଓଡ଼ିଶାରେ କେବଳ ଶିମିଳିପାଳରେ ବାଘ ଅଛନ୍ତି। ସାତକୋଶିଆରେ ବର୍ତ୍ତମାନ ସମୟରେ କୌଣସି ବାଘ ଦେଖାଯାଇ ନାହିଁ।

**ଗତବର୍ଷ ୨୭, ଏବେ ୩୨**

ସେହିପରି ରାଜ୍ୟରେ ବର୍ତ୍ତମାନ ୫୦ ପ୍ରତିଶତ ସାଧାରଣ ବାଘ ରହିଥିବା ବେଳେ ୫୦ ପ୍ରତିଶତ ମେଲାନଷ୍ଟିକ ଅର୍ଥାତ କଳା ବାଘ ରହିଛନ୍ତି। ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ୨୦୨୪ମସିହାରେ ରାଜ୍ୟରେ ୩୦ଟି ମହାବଳ ବାଘ ରହିଥିଲେ। ସେଥିରୁ ୧୪ଟି ବାଘୁଣୀ ଥିଲେ। ୮ଟି ଶାବକ ମଧ ଚିହ୍ନଟ କରାଯାଇଥିଲା। ଶିମିଳିପାଳରେ ୨୭ଟି ମହାବଳ ବାଘ ସହ ୮ଟି ଶାବକ ଚିହ୍ନଟ କରାଯାଇଥିଲା। ପାରଳାଖେମୁଣ୍ଡି ବନଖଣ୍ଡରେ ଗୋଟିଏ ବାଘ ଏବଂ ହୀରାକୁଦ ବନଖଣ୍ଡରେ ଗୋଟିଏ ମାତ୍ର ବାଘ ରହିଥିଲେ। ଏହାସହ ରାଜ୍ୟର ଶିମିଳିପାଳରେ କଳା ବାଘ ୪୦ ପ୍ରତିଶତ ରହିଥିଲେ। ଶିମିଳିପାଳ ଡିଭିଜନରେ ୭ଟି କଳା ବାଘୁଣୀ ଓ ୬ଟି ବାଘ ଦେଖାଯାଇଥିଲା। ଚଳିତ ବର୍ଷ ମୟୂରଭଞ୍ଜର ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପକୁ ଜାତୀୟ ଉଦ୍ୟାନ ଭାବେ ଘୋଷଣା କରିଛନ୍ତି କେନ୍ଦ୍ର ସରକାର। ଦୀର୍ଘ ୪୫ ବର୍ଷର ଦାବି ପରେ ଏହା ହୋଇପାରିଛି। ତେଣୁ ଶିମିଳିପାଳରେ ବାଘ ସଂରକ୍ଷଣ କ୍ଷେତ୍ରରେ ଆହୁରି ସୁଦୃଢ଼ ପଦକ୍ଷେପ ନିଆଯାଇପାରିବା ନେଇ ସମ୍ଭାବନା ରହିଛି।

# ଆଶ୍ୱସ୍ତି: ଓଡ଼ିଶା ଉପରେ ନାହିଁ ବାତ୍ୟା ପ୍ରଭାବ

ଭୁବନେଶ୍ୱର,୨୫ ।୧୧(ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଆଶଙ୍କା ମଧ୍ୟରେ ଆସିଛି ଆଶ୍ୱସ୍ତିର ଖବର। ଓଡ଼ିଶା ଉପରେ ବାତ୍ୟାର ପ୍ରଭାବ ଅତ୍ୟନ୍ତ କ୍ଷୀଣ ବୋଲି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଶେଷଜ୍ଞ। ବର୍ତ୍ତମାନ ବଙ୍ଗୋପସାଗର ସଂଲଗ୍ନରେ ୨ ଟି ଲଘୁଚାପ ରହିଥିବା ବେଳେ ଗୋଟିଏ ଅବପାତର ରୂପ ନେଇଛି ଓ ଅନ୍ୟଟି ଘନୀଭୂତ ପରବର୍ତ୍ତୀ ୨୪ ଘଣ୍ଟାରେ ଅବପାତର ରୂପ ନେବାର ସମ୍ଭାବନା ରହିଛି। ଦୁଇ ଲଘୁଚାପ ଘନୀଭୂତ ହେବା ସତ୍ତ୍ୱେ ଏହା ବାତ୍ୟାରେ ପରିଣତ ହେବା ଓ ଓଡ଼ିଶା ଉପରେ ପ୍ରଭାବ ପକାଇବାର ସମ୍ଭାବନା କମ୍ ବୋଲି କୁହାଯାଉଛି। ଏମିତି କି ଏହି ଦୁଇ ଲଘୁଚାପ ବାତ୍ୟାରେ ପରିଣତ ହେବାର ଆଶଙ୍କା ମଧ ଅନେକାଂଶରେ କମି ଯାଇଛି। ଯାହାର ପରିଣାମ ସ୍ୱରୂପ ୨-୩ ଦିନ ହେବ ଆଇଏମ୍‌ଡି ପକ୍ଷରୁ ନିଜ ବୁଲେଟିନ୍‌ରେ ବାତ୍ୟା ସୃଷ୍ଟି ନେଇ ଆକଳନ କରାଯାଉଥିବା ବେଳେ ମଙ୍ଗଳବାର ସନ୍ଧ୍ୟା ବୁଲେଟିନ୍‌ରେ ବାତ୍ୟା ଆଶଙ୍କାକୁ ହଟାଇ ଦିଆଯାଇଛି।

**ଆଇଏମ୍‌ଡି ବୁଲେଟିନ୍‌ରୁ ହଟିଲା ବାତ୍ୟା ପୂର୍ବାନୁମାନ**

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ମାଲ୍ଲାକାରେଠାରେ ଥିବା ସ୍ପଷ୍ଟ ଚିହ୍ନିତ ଲଘୁଚାପ ଅବପାତରେ ପରିଣତ ହୋଇଛି। ଆଗାମୀ ୨୪ ଘଣ୍ଟାରେ ଏହା ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି। ଏହା ବ୍ୟତୀତ ଆଉ ଏକ ଲଘୁଚାପ କମୋରିନ ଏବଂ ଏହାର ପାଖାପାଖି ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ଏବଂ ଶ୍ରୀଲଙ୍କା ଉପରେ ଅଞ୍ଚଳରେ ସୃଷ୍ଟି ହୋଇଛି। ଏହା ଉତ୍ତର ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଆଗାମୀ ୨୪ ଘଣ୍ଟା ମଧ୍ୟରେ ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି। ଏହାର ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଏହା ଆହୁରି ଘନୀଭୂତ ହୋଇ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର କହିଛି। ତେବେ ଏହି ଦୁଇଟି ଲଘୁଚାପ ଓ ଅବପାତର ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ ବୋଲି ୨ ଟି ପ୍ରମୁଖ ମଡେଲ୍ ଆକଳନ କରୁଛି। ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଆଗାମୀ ୭ ଦିନ ପାଇଁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଏହି ସମୟରେ ବର୍ଷା ହେବାର ବିଶେଷ ସମ୍ଭାବନା ନାହିଁ। ତେବେ ଏହି ସମୟରେ କିଛି କିଛି ସ୍ଥାନରେ ଘନ କୁହୁଡିର ସମ୍ଭାବନା ରହିଛି। ବିଶେଷ କରି ସୁନ୍ଦରଗଡ ଓ କୋରାପୁଟ ଜିଲ୍ଲାର କିଛି ସ୍ଥାନରେ ଘନ କୁହୁଡିର ଆସ୍ତରଣ ଦେଖିବାକୁ ମିଳିପାରେ। ସେହିପରି ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟରେ ଥଣ୍ଡାର ପ୍ରଭାବ ସାମାନ୍ୟ ବଢ଼ିବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ତାପମାତ୍ରା ପ୍ରାୟ ୩ ଡିଗ୍ରୀ ହ୍ରାସ ହେବାକୁ ଥିବାରୁ ଥଣ୍ଡା ବଢ଼ିବା ନେଇ ଆକଳନ କରାଯାଇଛି। ମଙ୍ଗଳବାର ରାଉରକେଲାରେ ଅତ୍ୟଧିକ ଘନ କୁହୁଡି ଦେଖିବାକୁ ମିଳିଛି। କୋରାପୁଟ ଓ ଫୁଲବାଣୀ ଜିଲ୍ଲାରେ ଘନ କୁହୁଡି ହୋଇଥିବା ରେକର୍ଡ କରାଯାଇଛି। ସୋନପୁର, ପାରାଦ୍ୱୀପ, ଗୋପାଳପୁର, ଭୁବନେଶ୍ୱର ଓ ଝାରସୁଗୁଡ଼ାରେ ହାଲୁକା କୁହୁଡି ପଡିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସର୍ବନିମ୍ନ ତାପମାତ୍ରା ୧୩.୮ ଡିଗ୍ରୀ ସେଲସିୟସ ଝାରସୁଗୁଡାରେ ରେକର୍ଡ କରାଯାଇଛି ଓ ପାହାଡିଆ ଅଞ୍ଚଳ ଦାରିଙ୍ଗବାଡିରେ ସର୍ବନିମ୍ନ ୧୦ ଡିଗ୍ରୀ ସେଲସିୟସ ତାପମାତ୍ରା ହୋଇଥିବା ରିପୋର୍ଟ କରାଯାଇଛି।

■ ନୃସିଂହନାଥ ଓ ହରିଶଙ୍କର ପର୍ଯ୍ୟଟନସ୍ଥଳୀର ସୌନ୍ଦର୍ଯ୍ୟକରଣ

# ଗନ୍ଧମାର୍ଦ୍ଦନ ପାହାଡ଼ରେ ହେବ ରୋପ୍-ୱେ

ବରଗଡ଼, ୨୫।୧୧(ସମିସ): ଗନ୍ଧମାର୍ଦ୍ଦନ ପାହାଡ଼ରେ ହେବ ରୋପ୍-ୱେ। ଏହି ରୋପ୍-ୱେ ବରଗଡ଼ ଜିଲ୍ଲାର ନୃସିଂହନାଥ ମନ୍ଦିରକୁ ବଲାଙ୍ଗିର ଜିଲ୍ଲାର ହରିଶଙ୍କର ମନ୍ଦିର ସହ ଯୋଡ଼ିବ। ଏହାଦ୍ୱାରା ଦୁଇ ତୀର୍ଥକ୍ଷେତ୍ର ଓ ପର୍ଯ୍ୟଟନସ୍ଥଳୀର ମହତ୍ତ୍ୱ ବଢ଼ିବା ସହ ସବୁ ବୟସର ପର୍ଯ୍ୟଟକମାନଙ୍କ ପାଇଁ ଅଧିକ ଆକର୍ଷଣୀୟ ହୋଇପାରିବ। ସ୍ଥାନୀୟ ଅଞ୍ଚଳରେ ବାଣିଜ୍ୟ ବ୍ୟବସାୟ ପାଇଁ ମଧ ଅଧିକ ସୁଯୋଗ ସୃଷ୍ଟି ହେବ। ରୋପ୍-ୱେ ପାଇଁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଲୋକସେବା ଭବନରେ ଆଲୋଚନା କରିଛନ୍ତି। ଖୁବଶୀଘ୍ର ଏ ଦିଗରେ ପଦକ୍ଷେପ ନେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏପରିକି, ରୋପ୍ ୱେ'ର ଡିପିଆର୍ ତୁରନ୍ତ ପ୍ରସ୍ତୁତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ଲୋକସେବା ଭବନରେ ହୋଇଥିବା ଏହି ଆଲୋଚନାରେ ଶ୍ରୀ ପୁରୋହିତ କହିଛନ୍ତି ଯେ ଐତିହାସିକ ଓ ଧାର୍ମିକ ମହତ୍ତ୍ୱ ରଖୁଥିବା ତଥା ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଗନ୍ଧମାର୍ଦ୍ଦନ ପାହାଡ଼ ପ୍ରତି ଆକୃଷ୍ଟ ହୋଇ ପ୍ରତିବର୍ଷ ଲକ୍ଷାଧିକ ସଂଖ୍ୟାରେ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ରାଜ୍ୟ ତଥା ରାଜ୍ୟବାହାରୁ ଏଠାକୁ ଆସିଥା'ନ୍ତି। ଗନ୍ଧମାର୍ଦ୍ଦନର ଗୋଟିଏ ପଟେ ବରଗଡ଼ ଜିଲ୍ଲାର ନୃସିଂହନାଥ ମନ୍ଦିର ରହିଥିବା ବେଳେ ଅପରପାର୍ଶ୍ୱରେ ବଲାଙ୍ଗିର ଜିଲ୍ଲାର ହରିଶଙ୍କର ମନ୍ଦିର ରହିଛି। ପାହାଡ଼ ଉପରେ ଦୀର୍ଘ ୧୮ କିମିର ପାଦଚଲା ରାସ୍ତା ଏହି ଦୁଇ ତୀର୍ଥକ୍ଷେତ୍ରକୁ ସଂଯୋଗ କରୁଛି। ବର୍ଷବର୍ଷ ଧରି ପାହଡ଼ ଉପରେ ଏହି ଜଙ୍ଗଲ ରାସ୍ତାକୁ ଚାଲି ଚାଲି ଲୋକେ ଅତିକ୍ରମ କରିଆସୁଛନ୍ତି। ଅନ୍ୟପକ୍ଷେ ଯାନବାହନରେ ଚଳାଚଳ ପାଇଁ ୬୦ କିମିର ରାସ୍ତା ଅତିକ୍ରମ କରିବାକୁ ହୋଇଥାଏ। ଏପରିସ୍ଥଳେ ଏଠାରେ ରୋପ୍-ୱେ ନିର୍ମାଣ ହେଲେ ଦୁଇ ତୀର୍ଥକ୍ଷେତ୍ର ଓ ପର୍ଯ୍ୟଟନସ୍ଥଳୀର ମହତ୍ତ୍ୱ ଓ ଗୁରୁତ୍ୱ ବଢ଼ିବ।




# ଧାନକିଣା ବୈଠକରେ ମିଲ୍ ମାଲିକଙ୍କ ଔଦ୍ଧତ୍ୟ

- ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କୁ ଆଙ୍ଗୁଠି ଦେଖାଇଲେ
- ଜିଲ୍ଲାପାଳଙ୍କ ସାମ୍ନାରେ ଅଶୋଭନୀୟ ବ୍ୟବହାର
- ସମସ୍ତଙ୍କ ଜିଦ୍ ସତ୍ତ୍ୱେ ଭୁଲ୍ ମାଗିଲେନି
- ସାଂସଦଙ୍କ ଘନିଷ୍ଠ ବୋଲି କାହାକୁ ଖାତିର ନାହିଁ
- ଗତ ଖରିଫରେ ବିବାଦୀୟ ହୋଇଥିଲେ
- ଧାନକିଣା ସମୟରେ ଅଧିକ ବିଶୃଙ୍ଖଳା ଆଶଙ୍କା

ବଲାଙ୍ଗିର, ୨୫ ।୧୧(ସମିସ)

ବଲାଙ୍ଗିର ଧାନକିଣା ବୈଠକରେ ଜଣେ ମିଲର ଓ ବିଜେଡି ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କ ମଧ୍ୟରେ ତୁ ତୁ ମେଁ ମେଁକୁ ନେଇ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ କିଏ ସେହି ମିଲର ଯିଏ ଜିଲସ୍ତରୀୟ ଧାନକିଣା ବୈଠକରେ ମହିଳା ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କୁ କାହା ସାହସରେ ଦୁର୍ବ୍ୟବହାର କରିବାକୁ ବି ପଛାଇ ନ ଥିଲେ ତାକୁ ନେଇ ପ୍ରଶ୍ନ ଉଠିଛି। କାହା ବଳରେ ସେ ବଳିୟାନ ବୋଲି ମଧ୍ୟ ଆଉ ଏକ ପ୍ରଶ୍ନ ସୃଷ୍ଟି କରିଛି। ଏଭଳିକି ମିଲର ଜଣକ ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କୁ ଭୁଲ୍ ମାଗିବାକୁ ବି ମନା କରିଦେଇଥିଲେ। ଯାକୁ ନେଇ ଏବେ ଅନେକ କଥା ସାମ୍ନାକୁ ଆସିଛି। ସମ୍ପୃକ୍ତ ମିଲର ଜଣକ ବିଜେପି ସାଂସଦଙ୍କ ଅତି ଘନିଷ୍ଠ ବୋଲି ଜଣାପଡ଼ିଛି। ଗତ ଖରିଫ ଧାନକିଣା ସମୟରେ ସମ୍ପୃକ୍ତ ମିଲର ସାଂସଦ ଓ ମିଲରଙ୍କ ମଧ୍ୟରେ ଭିତିରି ବୁଝାମଣା କରାଇଥିବା ନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା।

ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଧାନକିଣା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଦୁଇ ସାଂସଦଙ୍କ ସହ ଜଣେ ବିଧାୟକ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଉପସ୍ଥିତ ଥିଲେ। ବୈଠକରେ ଆଲୋଚନା ସମୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସା ଚାଷୀମାନେ ଚଳିତ ଖରିଫରେ ପୁଣି କଳାବଜାରର ଶିକାର ହେବା ନେଇ ଅଭିଯୋଗ କରିଥିଲେ। ପ୍ରଶାସନ ୨ ମାସ ଧରି ରବିରତୁରେ ୪ ଲକ୍ଷ ଧାନ କିଣିଥିବା ବେଳେ ସେହି ସମୟରେ ୧୫ ଦିନରେ କିଭଳି କୋରାପୁଟରୁ ମିଲରମାନେ ପ୍ରାୟ ୯ ଲକ୍ଷ କ୍ୱିଣ୍ଟଲରୁ ଅଧିକ ଚାଉଳ ଉଠାଇଲେ ବୋଲି ସେ ପ୍ରଶ୍ନ କରିଥିଲେ। ତେବେ ଏହା କେବଳ କାଗଜପତ୍ରରେ ହୋଇଥଲା। ମିଲରମାନେ ପୁଣି ଚଳିତ ଖରିଫରେ ଅନିୟମିତତା କରିବାର ସମ୍ଭାବନା ରହିଛି। ଏଣୁ ମିଲରମାନେ ତାଙ୍କ ମିଲ ଗେଟ୍‌ରେ ସିସିଟିଭି କ୍ୟାମେରା ଠିକ ଭାବେ ଲଗାଇ ପରିଚାଳନା କରିବାକୁ କହିଥିଲେ। ଏହି ସମୟରେ ବଲାଙ୍ଗିର ଓ ସୋନପୁର ଜିଲ୍ଲାରେ ଥିବା ଦୁଇଟି ମିଲ୍‌ର ମାଲିକ ଅଶୋକ ସାହୁ ଆଙ୍ଗୁଠି ଦେଖାଇ ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କ ସହ କଥା ହୋଇଥିଲେ। ଏହାକୁ ନେଇ ଅଧ୍ୟକ୍ଷା ଅସନ୍ତୋଷ ପ୍ରକାଶ କରିଥିଲେ। ଅନ୍ୟ ଜିଲ୍ଲା ପରିଷଦ ସଭ୍ୟମାନେ ମଧ୍ୟ ଅଧ୍ୟକ୍ଷାଙ୍କୁ ଭୁଲ୍ ମାଗିବାକୁ ସମ୍ପୃକ୍ତ ମିଲରଙ୍କୁ କହିଥିଲେ; କିନ୍ତୁ ସମ୍ପୃକ୍ତ ମିଲ ମାଲିକ ଜଣକ ଭୁଲ୍ ମାଗି ନ ଥିଲେ। ଏହାକୁ ନେଇ ବୈଠକରେ ତୁ ତୁ ମେଁ ମେଁ ପରିସ୍ଥିତି ଉପୁଜିଥିଲା। ଉପସ୍ଥିତ ବଲାଙ୍ଗିର ସାଂସଦ ସଙ୍ଗୀତା ସିଂହଦେଓ ଚାଷୀଙ୍କୁ ସମର୍ଥନ କରିବା ବଦଳରେ ମିଲରମାନଙ୍କ ପକ୍ଷ ରଖିଥିବା ଅଧ୍ୟକ୍ଷା ଅଭିଯୋଗ କରିଛନ୍ତି। ତେବେ ସମ୍ପୃକ୍ତ ମିଲର ଜଣକ କୁଆଡେ ସାଂସଦଙ୍କ ଅତି ଘନିଷ୍ଠ ବୋଲି ଆଲୋଚନା ହେଉଛି। ଗତ ଖରିଫରେ ସାଂସଦ ଓ ମିଲରମାନଙ୍କ ମଧ୍ୟରେ ହୋଇଥିବା ବିବାଦର ସମାଧାନ ପାଇଁ ହୋଇଥିବା ଗୁପ୍ତ ବୁଝାମଣାର କୁଆଡେ ମିଲର ଜଣକ ମଧ୍ୟସ୍ଥି ସାଜିଥିଲେ। ଏହାକୁ ନେଇ ଉଭୟ ବଲାଙ୍ଗିର ଓ ସୋନପୁର ଜିଲ୍ଲାର ମିଲ୍ ମାଲିକମାନେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ଧାନକିଣା ପୂର୍ବରୁ ହୋଇଥିବା ଟଙ୍କା କାରବାରକୁ ନେଇ ବରିଷ୍ଠ କଂଗ୍ରେସ ନେତା ମଧ୍ୟ ସେତେବେଳେ ପ୍ରଶ୍ନ କରିଥିଲେ। ସେହି ମିଲ୍ ମାଲିକଙ୍କୁ ବୈଠକରେ ଉପସ୍ଥିତ ରହିବା ପାଇଁ କିଏ ଅନୁମତି ଦେଇଥିଲା ବୋଲି ବିଜେଡି ନେତାମାନେ ପ୍ରଶ୍ନ ଉଠାଇଛନ୍ତି। ମିଲ୍ ମାଲିକ ସଂଘ ପକ୍ଷରୁ ୨ ଜଣ ପ୍ରତିନିଧି ଏହି ବୈଠକରେ ଉପସ୍ଥିତ ରହିବା କଥା; କିନ୍ତୁ ୭/୮ ଜଣ ମିଲ୍ ମାଲିକ ଉପସ୍ଥିତ ରହିବା, ସାଂସଦ ଚାଷୀ ବଦଳରେ ମିଲରଙ୍କ ସମସ୍ୟାକୁ ଗୁରୁତ୍ୱ ଦେବା, ଜଣେ ମହିଳା ଜନପ୍ରତିନିଧିଙ୍କୁ ଆଙ୍ଗୁଠି ଦେଖାଇ ଦୁର୍ବ୍ୟବହାର ପ୍ରଦର୍ଶନ କରିବାରେ ଉଭୟ ସାଂସଦ ଓ ଜିଲ୍ଲାପାଳ ଚୁପ୍ ରହିବା ନେଇ ବିଜେଡି ନେତାମାନେ ନାପସନ୍ଦ କରିଛନ୍ତି।

## ହ୍ୟୁମାନ ସାଗର ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି

- ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିଲେ ଖ୍ରୀଷ୍ଟିଆନ ୟୁଥ୍ ଫୋରମ କର୍ମକର୍ତ୍ତା



ବଲାଙ୍ଗିର, ୨୫।୧୧(ସମିସ): ଯୁବ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତ୍ୟୁକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଥମିବାର ନାଁ ନେଉନାହିଁ। ତାଙ୍କ ମୃତ୍ୟୁ ପଛରେ ତାଙ୍କର ୨ ଜଣ ମ୍ୟାନେଜର ଷଡ଼ଯନ୍ତ୍ର କରିଛନ୍ତି। ଏଭଳି ଅଭିଯୋଗ ନେଇ ଉଭୟଙ୍କ ନାଁରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିଭିନ୍ନ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ତେବେ ମଙ୍ଗଳବାର ବଲାଙ୍ଗିର ଖ୍ରୀଷ୍ଟିଆନ ୟୁଥ୍ ଫୋରମର କର୍ମକର୍ତ୍ତା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମ୍ରିତ ପଣ୍ଡାଙ୍କୁ ଭେଟିଥିଲେ। ଏହାର ତଦନ୍ତ ଜରୁରୀ ବୋଲି ଫୋରମ ଦାବି କରିଛି। ଏସ୍‌ପି ଅଫିସକୁ ଯାଇ ସଙ୍ଗଠନର ପ୍ରତିନିଧିମାନେ ହ୍ୟୁମାନ ସାଗରଙ୍କ ଦୁଇ ମ୍ୟାନେଜର ଦିନେଶ ବେହେରା ଏବଂ ପ୍ରଶାନ୍ତ ବିରୋଧରେ ଅଭିଯୋଗ କରିଥିଲେ। ହ୍ୟୁମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ନ ଥିବା ସମୟରେ ମଧ୍ୟ ଷ୍ଟେଜ୍ ଶୋ' କରିବାକୁ ତାଙ୍କୁ ବାଧ କରାଯାଉଥିଲା। ଅସୁସ୍ଥ ହ୍ୟୁମାନଙ୍କୁ ଜୋରଜବରଦସ୍ତ ଷ୍ଟେଜ୍‌କୁ ନେଇ କାର୍ଯ୍ୟକ୍ରମ କରି ତାଙ୍କ ଜୀବନକୁ ବିପଦକୁ ଠେଲି ଦିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏପରିକି ହ୍ୟୁମାନଙ୍କ ମା'ଙ୍କୁ ମ୍ୟାନେଜର ଦିନେଶ ଯେଉଁଭଳି ଦୁର୍ବ୍ୟବହାର ପ୍ରଦର୍ଶନ କରିଛନ୍ତି ତାକୁ ମଧ୍ୟ କଡ଼ା ଭାଷାରେ ସମାଲୋଚନା କରି ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଅସୁସ୍ଥ ହ୍ୟୁମାନଙ୍କୁ ନିଜର ଆର୍ଥିକ ଲାଭ ପାଇଁ ବ୍ୟବହାର କରାଯାଉଥିବା ଏବଂ ତାଙ୍କର ଅର୍ଥ ସଂକ୍ରାନ୍ତୀୟ ନେଣଦେଣକୁ ମଧ୍ୟ ସେହି ଦୁଇ ମ୍ୟାନେଜର ପରିଚାଳନା କରୁଥିବା ଅଭିଯୋଗ ଆଣି ଏହାର ସିବିଆଇ ତଦନ୍ତ ଦାବି କରାଯାଇଛି।

## କରୁଆଁଝରରେ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ







ଖପ୍ରାଖୋଲ, ୨୫ ।୧୧(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ କରୁଆଁଝର ସରକାରୀ ଅପ୍ ଗ୍ରେଡ୍ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନ ଶିକ୍ଷକ ଅଚ୍ୟୁତାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବରେ ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିଲାଷ ମିଶ୍ର, ସମ୍ମାନୀତ ଅତିଥି ଭାବେ ସାଂସଦ ପ୍ରତିନିଧି ସନ୍ତୋଷ ଭଇଁସାଳ, ବିଆର୍‌ସିସି ରୁଦ୍ରଦେବ ଷଡଙ୍ଗୀ, ଏବିଇଓ ମୀନକେତନ ବରିହା, ଖପ୍ରାଖୋଲ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଇସପାଲ୍ ସୁନା, ବ୍ଲକ ବିଜ୍ଞାନ ସଂଯୋଜକ ଓମ୍‌ପ୍ରକାଶ ମେହେର ଯୋଗ ଦେଇଥିଲେ। ସେହିଭଳି ବିଚାରକ ଭାବେ ତମିଆଁ ଉଚ୍ଚ ବିଦ୍ୟାଳୟର ଘନଶ୍ୟାମ ହେରନା, ଓଁକାର ରଞ୍ଜନ ମିଶ୍ର, ସୋଲବନ୍ଧ ଉଚ୍ଚ ବିଦ୍ୟାଳୟର ବିଜୟ ସାହୁ, ରାମପୁର ଉଚ୍ଚ ବିଦ୍ୟାଳୟର ଶ୍ରୀକାନ୍ତ ମେହେର ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ତେବେ ଏହି ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ବ୍ଲକରୁ ୧୪୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

## ବିଜ୍ଞାନ ପ୍ରଦର୍ଶନୀ ଛାତ୍ରଛାତ୍ରୀଙ୍କ ଭିତରେ ବୈଜ୍ଞାନିକ ଜିଜ୍ଞାସା ଜନ୍ମ ଦେଇଥାଏ



**୨୭୨ ପ୍ରକଳ୍ପ ପ୍ରଦର୍ଶିତ**

ବଲାଙ୍ଗିର, ୨୫ ।୧୧(ସମିସ): ବଲାଙ୍ଗିର ସଦେଇପାଲି ବିସ୍ଥାପିତ କଲୋନୀ ହାଇସ୍କୁଲରେ ବଲାଙ୍ଗିର ବ୍ଲକ ଓ ପୌରାଞ୍ଚଳସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ନୀଳମଣି ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରଦର୍ଶନୀ ମେଳାକୁ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବଲାଙ୍ଗୀର ବ୍ଲକ ଉନ୍ନୟନ ଅଧିକାରୀ ହୃଷିକେଶ ଗଣ୍ଡ, ପୃଥ୍ୱୀରାଜ ହାଇସ୍କୁଲର ପ୍ରଧାନ ଶିକ୍ଷକ ସନ୍ତୋଷିନୀ ସେଠୀ, ଏବିଇଓ ସନ୍ଧ୍ୟାରାଣୀ ଧରୁଆ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ହନୁମାନ, ବିଜ୍ଞାନ ଆବାହକ ସରୋଜ ନାୟକ ଓ ବିଜ୍ଞାନ ସଂଯୋଜକ ରାଜପ୍ରସାଦ ପ୍ରଧାନ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ଶ୍ରୀ ନାଗ ନିଜ ବକ୍ତବ୍ୟରେ ସମାଜ ପାଇଁ ବିଜ୍ଞାନ, ନୂତନ ଉଦ୍ଭାବନ ଓ ଆବିଷ୍କାରର ଆବଶ୍ୟକତା ଉପରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ବିଜ୍ଞାନ ପ୍ରଦର୍ଶନୀ ଛାତ୍ରଛାତ୍ରୀଙ୍କ ଭିତରେ ବୈଜ୍ଞାନିକ ଜିଜ୍ଞାସା ଜନ୍ମ ଦେଇଥାଏ ବୋଲି କହିଥିଲେ। ବଲାଙ୍ଗୀର ବ୍ଲକ ଶିକ୍ଷା ଅଧିକାରୀ ନୀଳମଣି ପଟେଲ ନିଜ ବକ୍ତବ୍ୟରେ ବିଜ୍ଞାନ ମେଳା ଛାତ୍ରଛାତ୍ରୀଙ୍କୁ ଶିଖିବା ସହ ପ୍ରୟୋଗ କରିବାର ଶ୍ରେଷ୍ଠ ଅନୁଭବ ଦେଇଥାଏ ବୋଲି କହିଥିଲେ। ବିଭିନ୍ନ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରୁ ମନୋନୀତ ୨୭୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ରାଜକୁମାର ଭୋଇ, ଦୀପାଞ୍ଜଳି ଯୋଶୀ, ବିଷ୍ଣୁ ପ୍ରସାଦ ମିଶ୍ର, ତାରାକାନ୍ତ ମିଶ୍ର, ଗୀତାଞ୍ଜଳି ପଧାନ, ସୁଜିତ ଶତପଥୀ ପ୍ରମୁଖ ଯୋଗଦେଇ ପ୍ରକଳ୍ପଗୁଡିକର ମୂଲ୍ୟାଙ୍କନ କରିଥିଲେ। ମେଳାରେ ପ୍ରଦର୍ଶିତ ପ୍ରକଳ୍ପ ମଧ୍ୟରୁ ଟାଉନ ବାଳିକା ହାଇସ୍କୁଲର ଚାନ୍ଦିନୀ ଧରେଇ, ପିପି ଏକାଡେମୀର ବିଜୟ ଗୁଡ଼ିଆ, ଆରଆର କଲୋନୀ ହାଇସ୍କୁଲର ଶ୍ରୀମନ ନାରାୟଣ ତ୍ରିପାଠୀ, ମିର୍ଦ୍ଧାପାଲି ହାଇସ୍କୁଲର ବୁଦ୍ଧଦେବ ମହାକୁର, ପିଆର ହାଇସ୍କୁଲର ଅନ୍ୱେଷ ଭୂଷଣ ରଣା, ସଦେଇପାଲି ହାଇସ୍କୁଲର ତୃପ୍ତି ନାଗ, ପଥରଚେପା ଓଏଭିର ବିମଳେନ୍ଦୁ ଧରୁଆଙ୍କ ପ୍ରକଳ୍ପଗୁଡିକୁ ଜିଲ୍ଲାସ୍ତରୀୟ ମେଳା ପାଇଁ ମନୋନୀତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ବିଜ୍ଞାନ ପ୍ରଦର୍ଶନୀ ହେଉଛି ଏପରି ଏକ ମଞ୍ଚ ଯେଉଁଠାରେ ଛାତ୍ରଛାତ୍ରୀ ନିଜ ଚିନ୍ତାଧାରାକୁ ପ୍ରକାଶ କରନ୍ତି। ସୃଜନଶୀଳତାର ନୂଆ ମାର୍ଗ ଖୋଲନ୍ତି। ଆତ୍ମବିଶ୍ୱାସର ସହ ବିଜ୍ଞାନ ତଥ୍ୟକୁ ବିଶ୍ୱ ସାମ୍ନାକୁ ନେଇଯାନ୍ତି ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ ଯୋଗଦେଇ ନିଜ ବକ୍ତବ୍ୟରେ ଏଭଳି ବିଜ୍ଞାନ ପ୍ରଦର୍ଶନୀ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ ବୈଜ୍ଞାନିକ, ଇଞ୍ଜିନିୟର, ଅନୁସନ୍ଧାନକାରୀ ହେବାକୁ ପ୍ରେରଣା ଦେଇଥାଏ ବୋଲି କହିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉଭୟ ଅଧିବେଶନର କାର୍ଯ୍ୟକ୍ରମକୁ ଜସ୍ମିନ ଜଲି ଓ ରବୀନ୍ଦ୍ର ଠେଟୁଆଲ ସଂଯୋଜନା କରିଥିଲେ। ଶେଷରେ ବିକାଶ ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

## ଦେଓଗାଁ ଅଞ୍ଚଳରେ କୁରାଳ ପୂଜା

ଦେଓଗାଁ, ୨୫ ।୧୧(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ବଡବାହାଲ, ଗୌଡଗୋଠ, ରତାଖଣ୍ଡି ଓ ମୁଣ୍ଡପଲାରେ କୁରାଳ ପୂଜା ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଛି। ବଡବାହାଲ ରାମଜୀ ପଡ଼ାରେ ମହାପ୍ରଭୁ ବ୍ରହ୍ମା, ବିଷ୍ଣୁ, ଶିବ, ପାର୍ବତୀ, ଗଣେଶ, ରୁଦ୍ରପାଳ, ରତ୍ନେଶ୍ୱର, ଲକ୍ଷ୍ମୀ ଆଦି ମୂର୍ତ୍ତି ସ୍ଥାପନ କରି ପୂଜା କରାଯାଇଛି। ସତ୍ୟନାରାୟଣ ରଣା ଓ ତାଙ୍କ ପତ୍ନୀ ଦୟଣା ରଣା କର୍ତ୍ତା ଥିଲେ। ପ୍ରିୟବ୍ରତ ମିଶ୍ର ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ।

ନାରାୟଣ ରଣା, ଉପେନ୍ଦ୍ର ରଣା, ଗାୟକ ରୂପେ ଯୋଗ ଦେଇଥିଲେ। ରାଜକୁମାର ରଣା, ନୀଳାଞ୍ଚଳ ରଣା, ବିଜୟ ରଣା, ପୁରୁଷୋତ୍ତମ ରଣା, ଶ୍ୟାମସୁନ୍ଦର ରଣା, ରଞ୍ଜିତ ରଣା ଓ ମିତ୍ର ରଣା ପ୍ରମୁଖ ସହଯୋଗ କରିଥିଲେ।

## ଚୁଡ଼ାପାଲିରେ ମାଣବସା ମହାଲକ୍ଷ୍ମୀ ପୂଜା ମହୋତ୍ସବ



ବଲାଙ୍ଗିର, ୨୫ ।୧୧(ସମିସ): ବଲାଙ୍ଗିର ସଦର ବ୍ଲକ ଚୁଡାପାଲି ଗ୍ରାମରେ ୨୪ତମ ମାଣବସା ମହାଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ପୂଜା ଉତ୍ସବର ଏକ ବିଶେଷ ପରମ୍ପରା ରହିଛି। ମାଁ ଲକ୍ଷ୍ମୀ ଓ ନୃସିଂହ ଙ୍କ ବିବାହ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ କରିବା ସହ ବିବାହ ଉତ୍ସବରେ ସାମିଲ ହୋଇଥିଲେ। ଅନୁଷ୍ଠାନର ସଭାପତି ଗୌନ୍ତିଆ ଲୋକନାଥ କୁମୁରାଙ୍କ ତତ୍ତ୍ୱାବଧାନରେ ମନୋଜ ପଟେଲ, ନୀଳମଣି ଦଣ୍ଡସେନା, କପିଳ ବେହେରା, ମନୋଜ ଦଣ୍ଡସେନା, ପ୍ରମୋଦ ନାଏକ, ଶ୍ୟାମସୁନ୍ଦର ପୋଡଙ୍କ ସମ୍ପାଦନାରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ନୀଳମଣି ଜାଲ, ଶଶିରେଖା ଜାଲ କନ୍ୟା ପିତାମାତା ଦାୟିତ୍ୱ ତୁଲାଇଥିଲେ। ସେହିଭଳି ବସନ୍ତ ସାହୁ, ମନୋରମା ସାହୁ ବର ପିତାମାତା ଦାୟିତ୍ୱ ତୁଲାଇଥିଲେ। ନୀଳମଣି ଷଡଙ୍ଗୀ, କ୍ଷୀରୋଦ୍ର ଷଡଙ୍ଗୀ, ଅନନ୍ତ ଷଡଙ୍ଗୀ ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ।

## ହଳଦୀପାଲିରେ ବିଭିନ୍ନ ଖେଳକୁ ନେଇ ସଭା

ଦେଓଗାଁ, ୨୫ ।୧୧(ସମିସ): ବ୍ଲକ ମହଲେଇ ପଞ୍ଚାୟତର ହଳଦୀପାଲିରେ ଲୋକ ଉନ୍ନତି ସଂଗଠନ ତରଫରୁ ବିଭିନ୍ନ ଖେଳକୁ ନେଇ 'ଆସ ଆମେ ଖେଳିବା' କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି। ଏହି ସଭାରେ ଦେଓଗାଁ ବ୍ଲକ ଲୋକ ଉନ୍ନତି ସଂଗଠନର ସଂଯୋଜକ ରୂପାଧର ପୁଟା ସଭାପତିତ୍ୱ କରିଥିଲେ। ସଭାରେ ଗ୍ରାମର ବରିଷ୍ଠ ବ୍ୟକ୍ତି ମହିଳା, ସ୍ୱୟଂ ସହାୟକ ଦଳର ସଭ୍ୟା, ଯୁବକଯୁବତୀ ଉପସ୍ଥିତ ଥିଲେ। ଆଗକାଳରେ କେଉଁ କେଉଁ ଖେଳ ଖେଳା ଯାଉଥିଲା, କେଉଁ ସବୁ ଖେଳ ଖେଳିବା ଦ୍ୱାରା କେଉଁ ପ୍ରକାର ଲାଭ ମିଳୁଥିଲା ତାହା ଉପରେ ଆଲୋଚନା ହୋଇଥିଲା। ଲୋକ ଉନ୍ନତି ସଂଗଠନ ତରଫରୁ ସେ ଉପରେ ତଥ୍ୟ ସଂଗ୍ରହ କରାଯାଇଥିଲା। ସେ ସବୁ ଲିପିବଦ୍ଧ କରାଯାଇଥିଲା। ହଜି ଯାଇଥିବା ଖେଳ କିପରି ପୁଣି ଖେଳିହେବ ସେ ଉପରେ ଆଲୋଚନା କରାଯାଇଥିଲା। ତେବେ ଖେଳ ଦ୍ୱାରା ଶାରିରିକ ବିକାଶ ଓ ରକ୍ତ ସଞ୍ଚାଳନ ହୋଇଥାଏ ବୋଲି ଗ୍ରାମର ଇନ୍ଦୁ ଭୋଇ କହିଥିଲେ। ଆଗକାଳରେ ଲୁକ ଲୁକାନୀ, ବୋହୁ ଗୁଡୁ, ଗୁଟୁକି, କବାଡି, ଛୋର, ପିଥୁ, ବାଙ୍ଗିରି, ଖୁମ ଖୁମଲୋ ବାଇଗଣ ମାଲୋ, ପୁଚି, ବାଗିଡି, ଚଉଳି, ବାଡ଼ି ଘିଚାନୀ, ମାଠିଆଫଟା, ବସ୍ତାଦୌଡ଼, ସମ୍ବର ମରା, ରୁମାଲ ଚୋରି, ସୂତା ଖେଳ, ଫୁଟବଲ, ରସିଦୌଡ଼ି, କ୍ରିକେଟ, ଚୌକି ବସା, ବାଡ଼ି ଘିଚାନୀ, ଟ୍ରିପ୍ ଖେଳ ଇତ୍ୟାଦି ଖେଳା ଯାଉଥିଲା। ସେ ସବୁ ଖେଳ ଖେଳି ପିଲାମାନେ ଆନନ୍ଦ ଅନୁଭବ କରୁଥିଲେ। ଏବେ ଏଥିରୁ ଅନେକ ଖେଳ ଲୋପ ପାଇଯାଉଛି ବୋଲି ଇନ୍ଦୁ ଭୋଇ କହିଥିଲେ। ବର୍ତ୍ତମାନ କେବଳ କ୍ରିକେଟ ଖେଳ ଚାଲିଛି ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ସଭାରେ ଗ୍ରାମର ଅଙ୍ଗନବାଡ଼ି କର୍ମୀ ସବିତା ନନ୍ଦ, ଯଶୋଦା ଭୋଇ, ଗୌରୀ ଭୋଇ, ସରୋଜିନୀ ଭୋଇ, ଗେଲ ଭୋଇ, ସୌଦାମିନୀ ଧରୁଆ, ଇନ୍ଦୁ ଭୋଇ, ପୁଷ୍ପାଞ୍ଜଳି ଧରୁଆ, ଧୂବୁନି ଧରୁଆ, ସଂଯୁକ୍ତା ଭୋଇ, ରଷି ବାଗ ଓ ନମିତା ଧରୁଆ ପ୍ରମୁଖ ଉପସ୍ଥିତ। ସୁଶୀଲ ନନ୍ଦ, ବିଦ୍ୟାଧର ଜାଲ, ଶରତ ସୁନା ପ୍ରମୁଖ ସହଯୋଗ କରିଥିଲେ।

## ମୁରିବାହାଲ ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

## ୭ ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ




**୨୦୭ ପ୍ରକଳ୍ପ ପ୍ରଦର୍ଶିତ**

ମୁରିବାହାଲ, ୨୫ ।୧୧(ସମିସ): ହଳଦୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମୁରିବାହାଲ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ-୨୦୨୫ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପଞ୍ଚା ରଣାଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଇଓ ଶାନ୍ତନୁ କୁମାର ପଡ଼ିହାରୀ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଆରସିସି କୈଳାଶ ଚନ୍ଦ୍ର ଭୋଇ, ଏବିଇଓ କାନ୍ତାରାମ ଧରୁଆ ଯୋଗ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଡ଼ିଓ ବାସନ୍ତୀ ସେଠି, ମୁଖ୍ୟବକ୍ତା ଭାବେ ଟିଟିଲାଗଡ଼ ଡିଏଭି କଲେଜ ପଦାର୍ଥ ବିଜ୍ଞାନ ଅଧ୍ୟାପକ ମଳୟସେନ ଜ୍ୟୋତିଷ, ସମ୍ମାନିତ ଅତିଥି ଭାବେ ସିଡିପିଓ ପୂର୍ଣ୍ଣିମା ବୈଠାରୁ, ଡବ୍ଲୁଇଓ ଭୀମରାମ ମାଝୀ, କର୍ଲା ପ୍ରଧାନ ଶିକ୍ଷକ ଶ୍ରୀମନ୍ତ ନାଏକ, ହଳଦୀ କ୍ଲଷ୍ଟର ସିଆରସିସି ଯାଜ୍ଞସେନୀ ଜେନା, ସର୍ଦାପୁର ୟୁପି ସ୍କୁଲ ପ୍ରଧାନ ଶିକ୍ଷକ ସୁଦର୍ଶନ ବେହେରା, ଦିଗନ୍ତ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ହଳଦୀ ହାଇସ୍କୁଲର ତତ୍‌କାଳୀନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୧୦୮ ବିଦ୍ୟାଳୟର ୨୦୭ ଜଣ କୁନି କୁନି ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ମାଳିଶିରା ହାଇସ୍କୁଲର ରଶ୍ମିତା ପାତ୍ର, ସିରୋଲ ସ୍କୁଲର ଦୀପ୍ତି ଲୁହା, କର୍ଲା ସ୍କୁଲର ପୂଜା ବୁଡ଼େକ, ମୁରିବାହାଲ ଓଏଭିର ଆୟୁଷ କୁମାର ମହାନନ୍ଦ, ମାଳିଶିରା ହାଇସ୍କୁଲର ନିରୁପମା ରଣା, ମୁରିବାହାଲ ପଞ୍ଚାୟତ ହାଇସ୍କୁଲର ଗାୟତ୍ରୀ ମାହାର, ହଳଦୀ ସ୍କୁଲର ଲିସା ହାତୀ ଜିଲ୍ଲାସ୍ତରକୁ ମନୋନୀତ ହୋଇଥିଲେ। ଅତିଥିବୃନ୍ଦ ସମସ୍ତ କୃତୀ ବାଲ୍ ବୈଜ୍ଞାନିକଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ସିଆରସିସି ଲିଲୁମୋହନ ପଧାନ ମଞ୍ଚ ପରିଚାଳନା କରିଥିଲେ। ପ୍ରଦୀପ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ଓମ୍ ଭ୍ୟାଲି ଶିକ୍ଷାନୁଷ୍ଠାନରେ ବିଜ୍ଞାନମେଳା

ଟିଟିଲାଗଡ଼, ୨୫ ।୧୧(ସମିସ): ଓମଭ୍ୟାଲି ସ୍କୁଲରେ ପ୍ରଯୁକ୍ତି, ଇଞ୍ଜିନିୟରିଂ, ଗଣିତ ସନ୍ଦର୍ଭ ଶୀର୍ଷକ ଏକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। କୁନିକୁନି ବୈଜ୍ଞାନିକମାନେ ସେମାନଙ୍କ ପ୍ରସ୍ତୁତ ପ୍ରକଳ୍ପଗୁଡିକ ଏହି ବିଜ୍ଞାନ ମେଳାର ପ୍ରଦର୍ଶନ କରିଥିଲେ। ଅବସପ୍ରାପ୍ତ ଡିଏଭି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୀତାରାମ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ଦୀପକ ସାହୁ, ପରିଚାଳନା କମିଟି ସଦସ୍ୟ ବରିଷ୍ଠ ଆଇନଜୀବୀ ପ୍ରଦୀପ ମହାନ୍ତି, ସିଏ ରାକେଶ ଜୈନ, ଡ. ମୋହନ୍ ଲାଲ୍ ଜୈନ, ବରିଷ୍ଠ ଶିକ୍ଷାବିତ ଉମେଶଚନ୍ଦ୍ର ଦାସ, ବ୍ରହ୍ମାନନ୍ଦ ପୁହାଣ, କୁନାଲ ବହିଦାର, କୁନାଲ କର, ଜିକୁନ ଷଡ଼ଙ୍ଗୀ, ପ୍ରଦୀପ ମିଶ୍ର, ଶୁଭମ ପାଣିଗ୍ରାହୀ, ବିଦ୍ୟାଳୟର ଅଧ୍ୟକ୍ଷ ଏମ୍ ନାଗା ମାଲେଶ୍ୱର ରାଓ, ଉପଦେଷ୍ଟା ଡ. ରବିନ ଚନ୍ଦ୍ର ପରମାଣିକ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ବିଜ୍ଞାନ ମେଳାରେ ଶିକ୍ଷାନୁଷ୍ଠାନର ପ୍ରଥମଶ୍ରେଣୀଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୨୬୯ ଜଣ ଛାତ୍ରଛାତ୍ରୀ ମୋଟ ୧୫୫ଟି ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ଡିଏଭି କଲେଜ ଅଧ୍ୟକ୍ଷ ଡ. ଛାୟାକାନ୍ତ ଷଡ଼ଙ୍ଗୀ, ଡ. ବୃନ୍ଦାବନ ଷଡ଼ଙ୍ଗୀ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ।



## ସାଇବର ସଚେତନତା ଅଭିଯାନ

# ରାଉରକେଲା ପୁଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ





**ରାଉରକେଲା, ୨୫।୧୧(ସମିସ)**

ଏକମାସ ଧରି ରାଉରକେଲା ପୁଲିସ ଜିଲ୍ଲାରେ ଚାଲିଥିବା ସାଇବର ସଚେତନତା ଅଭିଯାନ ୨୦୨୫ କୁ ନେଇ ଆଜି ସ୍ଥାନୀୟ ସିଭିକ୍ ସେଣ୍ଟର୍‌ଠାରେ ଏକ ମେଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଜି ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଇବର ଅପରାଧ ରୋକିବା ପାଇଁ ରାଉରକେଲା ପୁଲିସ ପକ୍ଷରୁ ଆୟୋଜିତ ହୋଇଥିବା ସମସ୍ତ ସଚେତନତାମୂଳକ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ମହାନଗର ନିଗମ କମିଶନର ତଥା ଅତିରିକ୍ତ ଜିଲ୍ଲାପାଳ ଦୀନାଃ ଦସ୍ତଗିର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଜି ସାଇବର ସଚେତନତାକୁ ନେଇ ପରିବେଶିତ ହୋଇଥିବା ବିଭିନ୍ନ ସଚେତନତାମୂଳକ ନାଟକ, ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ସ୍ୱାଗତ କରିବା ସହ ଏହାକୁ ବାସ୍ତବ ଜୀବନରେ କାର୍ଯ୍ୟକାରୀ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏସ୍‌ପି ରାଉରକେଲା ଶ୍ରୀ ନିତେଶ ୱାଧୱାନୀ ସାଇବର ସୁରକ୍ଷାରେ ସଚେତନତା କାହିଁକି ଅତ୍ୟାବଶ୍ୟକ, ତାହା ଉପରେ କହିଥିଲେ ଯେ ଏହି ଅବଧିରେ ରାଉରକେଲା ପୁଲିସ ସର୍ବାଧିକଲୋକଙ୍କ ପର୍ଯ୍ୟନ୍ତ ସଚେତନତା ବାର୍ତ୍ତା ପହଞ୍ଚାଇ ପାରିଛି। ଓଲିଉଡ୍ ସଙ୍ଗୀତଶିଳ୍ପୀ ମୃଣ୍ମୟ ଏମ୍.ଏସ୍. ଗୀତ ପରିବେଷଣ କରିଥିଲେ। ପରେ ଖ୍ୟାତନାମା ଷ୍ଟାଣ୍ଡ-ଅପ୍ କମେଡିଆନ୍ ସତ୍ୟବ୍ରତ ମହାପାତ୍ର ତାଙ୍କର ହାସ୍ୟରସରେ ଦର୍ଶକମାନଙ୍କ ମନୋରଞ୍ଜନ କରିଥିଲେ। ଡିଏସ୍‌ପି ସେରୋଫିନା ଖେସ୍ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଯେ ସାଇବର ଅପରାଧ ଉପରେ ନିୟନ୍ତ୍ରଣ ରଖିବା ପାଇଁ ରାଉରକେଲାର ବିଭିନ୍ନ ସ୍କୁଲ, କଲେଜ ଏବଂ ସାର୍ବଜନୀନ ସ୍ଥାନରେ ସଚେତନତା ଅଭିଯାନ ସାଇବର ବିପଦ ଏବଂ ନିରାପଦ ଅନଲାଇନ୍ ଅଭ୍ୟାସ ବିଷୟରେ ଲୋକଙ୍କୁ ଶିକ୍ଷା ଦେବା ପାଇଁ ସାର୍ବଜନୀନ କ୍ଷେତ୍ରରେ ବ୍ୟାପକପ୍ରସାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୧୦୦ ଫୁଟର ସାଇବର ଆଲର୍ଟ ଓଡ଼ିଶାର ସବୁଠାରୁ ବଡ଼ ୧୦୦ ଫୁଟ୍ ସାଇବର ସଚେତନତା ବ୍ୟାନର ପ୍ରଦର୍ଶିତ ହୋଇଥିଲା, ଯାହା ଡିଜିଟାଲ୍ ସୁରକ୍ଷାର ଏକ ଦୃଢ଼ ଦୃଶ୍ୟ ସ୍ମରଣ ପ୍ରଦାନ କରିଥିଲା। ସାଇବର ଗଟ୍ ଟ୍ୟାଲେଣ୍ଟ ଅଂଶଗ୍ରହଣକାରୀମାନେ ନୁକ୍କଡ୍ ନାଟକ, ନୃତ୍ୟ, ଗୀତ, ଅଭିନୟ ଏବଂ ଷ୍ଟାଣ୍ଡ-ଅପ୍ କମେଡି ମାଧ୍ୟମରେ ସାଇବର ସଚେତନତା ବିଷୟବସ୍ତୁ ପ୍ରଦାନ କରିଥିଲେ। ପାଞ୍ଚ ଜଣ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା।

# ସିରିଜ୍ ଦୁର୍ଘଟଣା: ୧ ମୃତ; ୪ ଗୁରୁତର

**ରାଉରକେଲା, ୨୫।୧୧(ସମିସ):** ସ୍ଥାନୀୟ ଜଳଦା ଫାଣ୍ଡି ଅଧୀନ ସି'ବ୍ଲକ ଛକରେ ଆଜି ଜଣେ ମଦ୍ୟପ ସ୍କର୍ପିଓ ଚାଳକଙ୍କ ଉନ୍ମତ୍ତକାଣ୍ଡ ଯୋଗୁଁ ଏକ ସିରିଜ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ୪ ଜଣ ଗୁରୁତର ଭାବେ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତ ମହିଳା ହେଉଛନ୍ତି ଜଳଦା ସି ବ୍ଲକ ନିବାସୀ ସୁନିତା ମୁଣ୍ଡାରୀ (୩୫)। ସେ ଆଜି ଟିଫିନ୍ ନେଇ ହସ୍ପିଟାଲ ଯିବା ପାଇଁ ସି'ବ୍ଲକରେ ଛିଡା ହୋଇ ବସ୍‌କୁ ଅପେକ୍ଷା କରିଥିବା ବେଳେ ଲାଠିକଟା ଆଡୁ ଏକ ସ୍କର୍ପିଓ ଅତି ଦ୍ରୁତ ଗତିରେ ଆସି ୧୪୩ ନମ୍ବର ଜାତୀୟ ରାଜପଥରୁ ବାହାରୁ ସର୍ଭିସ୍ ରାସ୍ତା ଭିତରକୁ ପଶି ମହିଳାଙ୍କ ଉପରେ ଚଢ଼ି ଯାଇଥିଲା। ଏହା ପରେ ୨ଟି ବାଇକ୍ ଆରୋହୀଙ୍କୁ ଧକ୍କା ଦେଇ ସେଠାରେ ଛିଡା ଥିବା ଏକ କାରକୁ ମଧ୍ୟ ଧକ୍କା ଦେଇଥିଲା। ସ୍କର୍ପିଓ ଚାଳକ ଅତ୍ୟଧିକ ମଦ୍ୟପାନ କରିଥିବାରୁ ନିୟନ୍ତ୍ରଣ ହରାଇଥିବା କୁହାଯାଉଛି। ଏହି ଘଟଣାରେ ଆଉ ୪ ଜଣ ଗୁରୁତର ଭାବେ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ପାନପୋଷ ଏସଡିପିଓ ରଶ୍ମୀରଞ୍ଜନ ମହାପାତ୍ର, ରଘୁନାଥପାଲି ଥାନା ଅଧିକାରୀ ରାଜେନ୍ଦ୍ର କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

# ଜରେଇକେଲାରୁ ୩ ଅପରାଧୀ ଗିରଫ; ମାରଣାସ୍ତ୍ର ଜବତ



**ରାଉରକେଲା, ୨୫।୧୧(ସମିସ):** ବିଶ୍ରା ଥାନା ଅଧୀନ ସୀମାନ୍ତବର୍ତ୍ତୀ ଜରେଇକେଲା ଅଞ୍ଚଳରୁ ୩ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଆଜି ବିଶ୍ରା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ସେମାନଙ୍କ ନିକଟରୁ ବିପୁଳ ପରିମାଣର ମାରଣାସ୍ତ୍ର ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ବିଶ୍ରା ଥାନା ଅଧୀନ ଏର୍ଲା ଗାଁର ପ୍ରକାଶ ଓରାମ(୧୯), ନିଗମ କୁମ୍ଭାର(୩୦) ଏବଂ କାତେପୁର ଗାଁର ରାମ ମୁଣ୍ଡା (୨୮)। ସେମାନଙ୍କ ଠାରୁ ୨ଟି କଟୁରି, ୨ଟି ଲୁହାଛଡ଼, ଗୋଟିଏ ଛୁରି, ଗୋଟିଏ କୁରାଢ଼ୀ ଏବଂ ଏକ ଟର୍ଚ୍ଚଲାଇଟ୍ ଜବତ କରାଯାଇଛି। ସୂଚନା ମୁତାବକ ଗତକାଲି ରାତିରେ ଜରେଇକେଲା ଅଧୀନ କୁଣ୍ଡାପୋଶ ପୋଲ ନିକଟରେ କୁଖ୍ୟାତ ଡକାୟତ ଦୁର୍ଗାମୁଣ୍ଡା ନେତୃତ୍ୱରେ କିଛି ସଶସ୍ତ୍ର ଡକାୟତ ଜରେଇକେଲା ଅଞ୍ଚଳରେ ଡକାୟତି କରିବା ପାଇଁ ଯୋଜନା କରୁଥିବା ବିଶ୍ୱସ୍ତସୂତ୍ରରୁ ଖବର ପାଇ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ବିଶ୍ରା ପୁଲିସ କୁଣ୍ଡାପୋଷ ବ୍ରିଜକୁ କର୍ଡନ କରି ନେଇଥିଲେ। ହେଲେ ଅନ୍ଧାରର ସୁଯୋଗ ନେଇ ଦୁର୍ଗା ମୁଣ୍ଡା ସହ ତାର କିଛି ସହଯୋଗୀ ସେଠାରୁ ଦୌଡ଼ି ଫେରାର ହେବାକୁ ସକ୍ଷମ ହୋଇଥିଲେ। ତେବେ ପୁଲିସ ଟିମ୍ ଘଟଣାସ୍ଥଳରୁ ପ୍ରକାଶ ରାମ, ନିଗମ ଓରାମ ଓ ରାମମୁଣ୍ଡା ୩ ଜଣଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ଦୁର୍ଗା ମୁଣ୍ଡା ଓ ଝାଡ଼ଖଣ୍ଡ ରାଜ୍ୟ ପଶ୍ଚିମ ସିଂହଭୂମି ଜିଲ୍ଲା ଜରେଇକେଲା ଥାନା ଅଧୀନ ମକରଣ୍ଡା ଗାଁର ଲୁଲହା ମାହାନ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଗିରଫ ଅପରାଧିମାନେ ପୁଲିସ ନିକଟରେ ସ୍ୱୀକାର କରିଛନ୍ତି।

# ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ୍ ପ୍ରତିଯୋଗିତା




**କୁତ୍ରା, ୨୫।୧୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ବିରତୋଲାଠାରେ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କେନ୍ଦ୍ର ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଯୋଜନା ମାଧ୍ୟମରେ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମଟି ବିଦ୍ୟାଳୟର ଅଧ୍ୟକ୍ଷା ବାସନ୍ତୀ କାଲୋଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ କୁତ୍ରା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲାକ୍ରା ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବରେ କୁତ୍ରା ଗୋଷ୍ଠୀ ଶିକ୍ଷାଧିକାରୀ ଅନନ୍ତ କୁମାର ନାଏକ, ସଂଗ୍ରାମ ରାଉତ, ଅଧୀକ୍ଷକ ଅଲେଖ ଦଲାଇ, ତ୍ରିଲୋଚନ ନାଏକ, ଅମରେଶ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ସରବତୀ ଦେବୀ ମହିଳା ମହାବିଦ୍ୟାଳୟର ଉଭିଦ ବିଜ୍ଞାନ ମୁଖ୍ୟ ରେଶମ ଆରା ବେଗମ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମନୋଜ ଡୁଙ୍ଗଡୁଙ୍ଗ ମଞ୍ଚ ପରିଚାଳନା କରିଥିବା ବେଳେ ସୁଦୀପ୍ତ ବେହେରା, ରାଜେଶ ବେହେରା, ଡିଲେଶ୍ୱର ବେହେରା, ଅଙ୍କିତା ବା, ଆଶୀର୍ବାଦ ମିଶ୍ର, ସାନିକା ଖାଲଖୋ, ମମତା ଶତପଥୀ, ସିକନ୍ଦର ହରୋ ପ୍ରମୁଖ ପରିଚାଳନା କରିଥିଲେ। ଜନାର୍ଦ୍ଦନ ବଢେଇ, ବୃଦ୍ଧିଚନ୍ଦ୍ର ବିଲୁଙ୍ଗ, ସଞ୍ଜିତା କୁଜୁର, ସବିତା ଦାସ, ଟେକଚାନ୍ଦ ସିଂ, ବିକାଶ ଟପ୍ପୋ, କ୍ଷଣାପ୍ରଭା ମାର୍ଥା, ବୈଦ୍ୟନାଥ ଜୟପୁରିଆ, ତପନ ସେଠୀ ପ୍ରମୁଖ ସହଯୋଗ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନିରଞ୍ଜନ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲିଶଙ୍କରା ବ୍ଲକ୍‌ରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

**ରାଉରକେଲା, ୨୫।୧୧(ସମିସ) :** ସୁନ୍ଦରଗଡ଼ ଜିଲ୍ଲାର ବାଲିଶଙ୍କରା ବ୍ଲକ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୮୭ଟି ଅଭିଯୋଗ ଆସିଥିଲାବେଳେ ସେଥି ମଧ୍ୟରୁ ୨୬ଟି ବ୍ୟକ୍ତିଗତ ଓ ୫୬ଟି ସାମୂହିକ ଅଭିଯୋଗ ରହିଥିଲା। ଏହି ସବୁ ଅଭିଯୋଗ ଗୁଡ଼ିକ ମଧ୍ୟରୁ ୬ଟି ଅଭିଯୋଗର ତତ୍‌କ୍ଷଣାତ



ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୪ଟି ଓ ରେଡକ୍ରସର ଗୋଟିଏ ଆବେଦନ ରହିଥିଲା। ଆଜିର ଏହି ଅଭିଯୋଗ ଶୁଣାଣିରେ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତ୍ୱନୀ ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ଏକତା ପଦଯାତ୍ରା

**ରାଉରକେଲା, ୨୫।୧୧(ସମିସ) :** ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ସମଗ୍ର ରାଜ୍ୟରେ'ଏକତା ପଦଯାତ୍ରା' ଆୟୋଜିତ ହେଉଛି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ରେ ଏକ ବିଶାଳ ଏକତା ପଦଯାତ୍ରା ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇଥିଲେ। ଉପ ବାଚସ୍ପତି ଭବାନୀଶଙ୍କର ଭୋଇ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ସୁନ୍ଦରଗଡ଼ ପୌର ପରିଷଦ ଅଧ୍ୟକ୍ଷା ତନୟା ମିଶ୍ର ଯୋଗ ଦେଇଥିଲେ। ସେହିଭଳି ଜିଲ୍ଲା କ୍ରୀଡ଼ା ସଂସଦ ଷ୍ଟାଡିୟମ ଠାରେ ଆୟୋଜିତ ସାଧାରଣ ସଭାରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସର୍ଦ୍ଦାର ପଟେଲଙ୍କ ସାହସ ଏବଂ ଏକୀକରଣର ଚିରନ୍ତନ ଆଦର୍ଶକୁ ଆପଣେଇବା ପାଇଁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ। ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ୍ କୌର, ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ଆଇଏଏସ୍ ଶିକ୍ଷାନବିସ ଫାବୀ ରସିଦ, ଜିଲ୍ଲା ଶିକ୍ଷାଧିକାରୀ ମୁରଲୀ ବେହେରା, ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ତେଜକୁମାର ଖେସ୍, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ମାନ୍ୟଗନ୍ୟ ଅତିଥି ଯୋଗ ଦେଇଥିଲେ।


# ଯୋଗାଣ ମନ୍ତ୍ରୀଙ୍କୁ ଡିଲର ସଂଘର ୮ ଦଫା ଦାବିପତ୍ର



**ରାଉରକେଲା, ୨୫।୧୧(ସମିସ):** ସେକ୍ଟର-୨୦ ସ୍ଥିତ 'ରାଉରକେଲା ହାଉସ' ଠାରେ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ରାଉରକେଲା ସାରକାରୀ ଡିଲର ସଂଘ ତରଫରୁ ଆଠଦଫା ଦାବିପତ୍ର ପ୍ରଦାନ କରାଯାଇଛି। ମୃତ୍ୟୁବରଣ କରିଥିବା ଡିଲର ଭାଇମାନଙ୍କ ଉତ୍ତରାଧିକାରୀମାନଙ୍କୁ ପୁନଃ ନିଯୁକ୍ତି କରାଯିବା, ଇ-କେୱାଇସି କାର୍ଯ୍ୟ ସମ୍ପାଦନର ପାରିଶ୍ରମିକ ଅର୍ଥ ପ୍ରଦାନ, କରୋନାକାଳୀନ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାର ୧୦ ମାସର ପାରି ଶ୍ରମିକ ବକେୟା ଅର୍ଥ ପ୍ରଦାନ କରିବା, ଗୁଜୁରାଟ, ଦିଲ୍ଲୀ ରାଜ୍ୟ ପରି ଆମ ଓଡ଼ିଶା ଡିଲର ମାନଙ୍କ ପାରିଶ୍ରମିକ ରାଶି ବୃଦ୍ଧି କରିବା, ଅନ୍ୟ ରାଜ୍ୟ ପରି ଆମ ରାଜ୍ୟରେ ମଧ୍ୟ ୩ ବର୍ଷରେ ଥରେ ନବୀକରଣ କରାଯିବା, କରୋନା ସମୟରେ ସରକାରଙ୍କୁ ଫେରସ୍ତ ଦିଆଯାଇଥିବା ଅଖା ବୋରାର ମୂଲ୍ୟ ପ୍ରଦାନ କରାଯିବା, ସବୁ ମାସରେ ଷ୍ଟକ୍ ସମାନ ନଥିବା ବେଳେ ଏକ ମାସରୁ ଅନ୍ୟ ମାସକୁ ଟ୍ରାନ୍ସଫର ହେଉନଥିବାରୁ ଆଗପରି ଷ୍ଟକ୍ ଟ୍ରାନ୍ସଫର ବ୍ୟବସ୍ଥ କରାଯିବା ଆଦି ଉକ୍ତ ଦାବୀ ପତ୍ରରେ ଉଲ୍ଲେଖ ରହିଥିଲା। ଏଥିରେ ସଭାପତି ରଞ୍ଜିତ ନାୟକ, ସାଧାରଣ ସମ୍ପାଦକ ଦଣ୍ଡହରୀ ସାମଲ, ସମ୍ପାଦକ ଦିଲୀପ କୁମାର ଦାସ, କୋଷାଧ୍ୟକ୍ଷ କରୁଣାକର ପ୍ରହରାଜ, ସଂଯୋଜକ ମନମଥ ଦେ, ବିଜୟ ଖୁଣ୍ଟିଆ, ଅମିତାବ ଧଳ, ଅଫତାବ ଅଲି, ଅନନ୍ତ ସାମଲ, କୃଷ୍ଣ ପାତ୍ର, କଲ୍ୟାଣୀ ପ୍ରଧାନ, ପହଲି ନାୟକ, ଭୋଳାନାଥ ରାଉତ, ତପନ ପାତ୍ର, ସୂର୍ଯ୍ୟ ସୁବୁଦ୍ଧି, ଅର୍ପିତା ଏସଏଚ୍‌ଜି, ବସୁଧା ଏସଏଚ୍‌ଜି ଓ ଶିବ ପରିବାର ଏସଏଚ୍‌ଜି ପ୍ରମୁଖ ଉପସ୍ଥିତ ଥିଲେ।

# ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଜଣେ ଗିରଫ

**ରାଉରକେଲା, ୨୫।୧୧(ସମିସ):** ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ସେକ୍ଟର-୭ ଥାନା ପୁଲିସ ଜଣେ ଯୁବକକୁ ଗିରଫ କରିବା ସହ ତା ନିକଟରୁ ୧ କିଲୋଗ୍ରାମ ୬୫୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରିଛି। ଗିରଫ ଯୁବକ ହେଉଛନ୍ତି ଟିକେଶ୍ୱର ମହାନନ୍ଦ (୩୭)। ତାଙ୍କଘର ବୌଦ୍ଧଜିଲ୍ଲା କଣ୍ଟାମାଳ ଥାନା ଅଧୀନ ସୁରକାପଙ୍ଗା ଗାଁରେ ବୋଲି ପୁଲିସ ଜାଣିବାକୁ ପାଇଛି। ତା'ନିକଟରୁ ୭୫୦ ଟଙ୍କା ଓ ଏକ ମୋବାଇଲ ଫୋନ ଜବତ କରାଯାଇଛି। ସେ ସେକ୍ଟର-୬ ଇସ୍ପାତ ଫୁଟବଲ ଷ୍ଟାଡିୟମ୍ ଠାରେ ଏହି ଗଞ୍ଜେଇ ନେଇ ବିକ୍ରି କରିବା ପାଇଁ ଗ୍ରାହକ ଖୋଜୁଥିବା ବେଳେ ପୁଲିସ ତାକୁ କାବୁ କରିଥିଲା।



## ମାସିକ ସାହିତ୍ୟ ଆସର

# କବି ବଳରାମ ଦାସ ଥିଲେ ସନ୍ଥ ସଂସ୍କାରକ

**ରାଉରକେଲା, ୨୫।୧୧(ସମିସ):** ଛେଣ୍ଡ ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ନିର୍ମଳ ମୁଣ୍ଡାନଗର ଶାଖା ଓ ମଧୁସୂଦନ ପାଠାଗାରର ମିଳିତ ଆନୁକୂଲ୍ୟରେ ଆୟୋଜିତ ମାସିକ ସାହିତ୍ୟ ଆସରରେ 'ଲକ୍ଷ୍ମୀପୁରାଣ ରଚନାର ସାମାଜିକ ପୃଷ୍ଠଭୂମି ଓ ଆଜିର ଆବଶ୍ୟକତା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଭାପତି ପ୍ରଫେସର ଗିରିଜା ଶଙ୍କର ଗୋସ୍ୱାମୀ ଅଧ୍ୟକ୍ଷତା କରି ଲକ୍ଷ୍ମୀପୁରାଣ ଏକ ଧାର୍ମିକ ରଚନା ହେଲେ ମଧ୍ୟ କବି ବଳରାମ ଦାସ ସନ୍ଥ ସଂସ୍କାରକ ଭାବେ ସାମାଜିକ ଓ ପାରିବାରିକ ପରିବର୍ତ୍ତନର ବାର୍ତ୍ତା ଏହି କାବ୍ୟରେ ପ୍ରକାଶିତ ବୋଲି କହିଥିଲେ। ବିଷୟ ବିଶେଷଜ୍ଞ ଭାବେ ସୁସ୍ମିତା ମହାପାତ୍ର ଯୋଗଦେଇ ଲକ୍ଷ୍ମୀ ପୁରାଣ ରଚନାର ସାମାଜିକ, ଅର୍ଥନୈତିକ, ରାଜନୈତିକ ଭିତ୍ତିଭୂମି ଏଥିରେ କେଉଁ ନୀତି ଶିକ୍ଷା ରହିଛି, ଆଜିର ଦିନରେ




ଏହାର ପ୍ରାସଙ୍ଗିକତା କଣ, ମାର୍ଗଶିର ମାସ କାହିଁକି ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରତ୍ୟେକ ହିନ୍ଦୁ ନାରୀ କାହିଁକି ମାର୍ଗଶିର ମାସରେ ମାଣବସା ଗୁରୁବାର ପାଳନ କରନ୍ତି ଏହାର ସବିଶେଷ ତଥ୍ୟ ତାଙ୍କ ବକ୍ତବ୍ୟରେ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ରଜେନ୍ଦ୍ର ଦାଶ ଯୋଗ ଦେଇ ଲକ୍ଷ୍ମୀ ପୁରାଣରେ କବି ବଳରାମ ଦାସ ସାମାଜିକ ନ୍ୟାୟ, ନାରୀ ସଶକ୍ତିକରଣ ଓ ଗରୀବ କଲ୍ୟାଣକାରୀ ଯୋଜନା କିପରି ପ୍ରତିଫଳିତ ହୋଇଛି ତାହା ଉଦାହରଣ ମାଧ୍ୟମରେ ପ୍ରକାଶ କରିଥିଲେ। ଗାଳ୍ପିକ ଅଜୟ କୁମାର ମହାନ୍ତି ଗଳ୍ପ ପାଠ କରିଥିଲେ। ଲିଲି ପାଢ଼ୀ ଓ ସଂଯୁକ୍ତା କର ଲକ୍ଷ୍ମୀପୁରାଣ ପାଠ କରିଥିଲେ। ବିଜୟ କୁମାର ବରାଳ ସ୍ୱାଗତଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ରଶ୍ମୀତା ନାଥ ଧନ୍ୟବାଦ ଅର୍ପଣ କରିଥିବାବେଳେ ଅଧ୍ୟାପିକା ଚିନ୍ମୟୀ ପୁରୋହିତ ସଂଯୋଜନା କରିଥଲେ। ହରିହର ଶତପଥୀ, ରବୀନ୍ଦ୍ର କୁମାର ଦାସ, ବିକ୍ରମ ଆଚାର୍ଯ୍ୟ, ଅମୀୟ ମହାନ୍ତି, ରମେଶ ଚନ୍ଦ୍ର ସିଂ, ସଞ୍ଜୟ କୁମାର ମହାପାତ୍ର, ବ୍ରଜକିଶୋର ପାଣି, ରାଖାଲ ମହାନ୍ତି, ଗଜେନ୍ଦ୍ର ସାହାଣୀ, ଆଦିକନ୍ଦ ନାୟକ, ରବୀନ୍ଦ୍ର ନାୟକ, ବେଣୁଧର ମଲ୍ଲ, ପ୍ରଭାତୀ ଗୋସ୍ୱାମୀ, ପ୍ରତିମା ମିଶ୍ର ଏବଂ ଜ୍ୟୋସ୍ନାରାଣୀ ରାୟ ପ୍ରମୁଖ ଯୋଗ ଦେଇଥଲେ। କରୁଣାକର ପାଟ୍ଟଶାଣୀ ଓ ସୂର୍ଯ୍ୟ ନାରାୟଣ ପଣ୍ଡା ସହଯୋଗ କରିଥଲେ।

## ଜନସାଧାରଣଙ୍କୁ ସ୍ୱଦେଶୀ ଆପଣାଇବାକୁ ଆହ୍ୱାନ

# ରୋଟାରୀ, ଇନ୍‌ରହୁଇଲ କ୍ଲବ୍ ରିଭରସାଇଡ୍‌ର ପଦଯାତ୍ରା


**ରାଉରକେଲା, ୨୫।୧୧(ସମିସ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭର ଭାରତ ଅଭିଯାନକୁ ଉତ୍ସାହିତ କରିବା ପାଇଁ ଓ ଜନସାଧାରଣଙ୍କୁ ଅଧିକରୁ ଅଧିକ ଭାବେ ସ୍ୱଦେଶୀ ଆପଣେଇବାକୁ ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ରୋଟାରୀ କ୍ଲବ୍ ଅଫ୍ ରାଉରକେଲା ରିଭରସାଇଡ୍ ଓ ଇନରହୁଇଲ କ୍ଲବର ମିଳିତ ଆନୁକୂଲ୍ୟରେ ଛେଣ୍ଡ ଭିଏସ୍‌ଏସ୍ ମାର୍କେଟଠାରେ ୱାକାଥନ୍ ବା ଗଣପଦଯାତ୍ରାର ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଆଲମ୍ ସିଂ ରୁପ୍ରା ଯୋଗଦେଇ ଏହି ଗଣପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଏହି ଗଣପଦଯାତ୍ରାରେ ଉଭୟ ରୋଟାରୀ ଏବଂ ଇନରହୁଇଲ କ୍ଲବ୍ ର ସଦସ୍ୟ ସଦସ୍ୟା, ଛେଣ୍ଡ ଯୋଗ ଗ୍ରୁପ୍, ସକାଳ ୱାକରସ୍ ଗ୍ରୁପ୍, ଗୋପବନ୍ଧୁ ପାଠାଗାର, ବୟସ୍କ ନାଗରିକ ସଂଘ, ହାଇଟେକ ମେଡିକାଲ କଲେଜ, ରିମସ୍ ତଥା ଚିନ୍ମୟ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ମିଶାଇ ଦୁଇ ଶହରୁ ଉର୍ଦ୍ଧ୍ୱ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରଥମ ଦ୍ୱିତୀୟ ଓ ତୃତୀୟସ୍ଥାନ ଅଧିକାର କରିଥିବାବ୍ୟକ୍ତିଙ୍କୁ



ଅର୍ଥ ଆକାରରେ ପୁରସ୍କାର ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଇନର୍ ହୁଇଲ ସଭାପତି ସିମ୍ରନଜିତ୍ ସେଖୋନ୍ ଓ ରୋଟାରି କ୍ଲବ ସଭାପତି ଶଙ୍କର ପ୍ରସାଦ ତ୍ରିପାଠୀ ଓ ସେକ୍ରେଟାରୀ ଶରତ କୁମାର ପାଣିଗ୍ରାହୀଙ୍କ ସହ ଦିଲୀପ ବେହେରା, ଆଦିତ୍ୟ ମହାପାତ୍ର, ଅଞ୍ଜଳି ହୋତା, ଅଜିତା ମହାନ୍ତି, ଘନଶ୍ୟାମ ମିରି, ପରମେଶ୍ୱର ପ୍ରଧାନ, ପ୍ରଶାନ୍ତ ରଞ୍ଜନ ପାତ୍ର, ପ୍ରମିଳା ମିଶ୍ର, ଅଜୟ ସାହୁ, ଭଗବାନ ପାଢ଼ୀ, ମୀନା ଶତପଥୀ, ଡ. ମୀନତି ପଣ୍ଡା, ଝରଣା ଦାସ, ସୌଦାମିନୀ ଶତପଥୀ, ଅର୍ଚ୍ଚନା ଦେବତା, ରଞ୍ଜିତା ପଣ୍ଡା, ସୁପ୍ରିୟା ମହାନ୍ତି, ଡ. ଖୁସବୁ ମିଶ୍ର, ଆରତୀ ଷଡ଼ଙ୍ଗୀ, ମହିମା ମହାପାତ୍ର, ପ୍ରାଚୀ ମହାପାତ୍ର, ସବିତା ମହାନ୍ତି, ମଞ୍ଜୁବାଳା ପାଢ଼ୀ, ସହଯୋଗ କରିଥିବାବେଳେ କାବ୍ୟା ହୁଣ୍ଡାଇ, ଛେଣ୍ଡ ପୁଲିସ ଥାନା ଅଧିକାରୀ, ରାଉରକେଲା ସରକାରୀ ଡାକ୍ତରଖାନା, ଇଣ୍ଟରଷ୍ଟେଟ ସିଣ୍ଡିକେଟ ଓ ସିଂହବାହିନୀ ଟ୍ରାନ୍ସପୋର୍ଟ ସହଯୋଗ ଦେଇଥିବାରୁ ତାଙ୍କୁ ୱାକାଥନର ଆବାହକ ସୁଖଭିନ୍ଦର ସିଂ ଶେଖୋନ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟଅତିଥି ଆଲମ୍ ସିଂ ରୁପ୍ରା, ସମ୍ମାନିତ ଅତିଥି ପୁଷ୍ପା ଖଇତାନ ଓ ନଳିନୀ ପ୍ରଭା ପଟ୍ଟନାୟକଙ୍କ ସହ ହରପାଲ ରୁପ୍ରା, ଡ. ପିସି ମହାପାତ୍ର, ଡ. ସୁବୋଧ ମେହେର ପୁରସ୍କାର ବିତରଣ କରିଥଲେ। ପ୍ରତିମା ମହାପାତ୍ର ପରିଚାଳନା କରିଥିଲେ।

# ସମ୍ପାଦକୀୟ



ଶିଶୁ ଶ୍ରମିକ ପ୍ରଥା ମାନବିକତା ବିରୋଧୀ... । ମୋ ଜୀବନକାଳ ମଧ୍ୟରେ ଏହି ଘୃଣ୍ୟ ପ୍ରଥାର ସମାପ୍ତି ମୁଁ ଦେଖିବି

- କୈଳାସ ସତ୍ୟାର୍ଥୀ

ସକାଳ
THE SAKALA

## ଗଣତନ୍ତ୍ରରେ ଉତ୍ତରଦାୟିତ୍ୱ

ଦୀର୍ଘ ୭୯ ବର୍ଷର ଯାତ୍ରାରେ ସ୍ୱାଧୀନ ଭାରତର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଅନେକ ଉତ୍‌ଥାନ ପତନର ସମ୍ମୁଖୀନ ହୋଇଛି । ଗଣତନ୍ତ୍ରର ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠିଛି । କିନ୍ତୁ ସମ୍ବିଧାନର ସାହାରାରେ ପୁଣି ଅଣ୍ଟା ସଳଖି ବିଶ୍ୱ କୂଟନୀତି, ଭୂ-ରାଜନୀତି ସହିତ ସଦର୍ପେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଛି । କିନ୍ତୁ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତ ଆଗରେ ଏବେ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଉତ୍ତରଦାୟିତ୍ୱର ଅଭାବ । ସାମଗ୍ରିକ ଶାସନ ବ୍ୟବସ୍ଥାକୁ ନିରେଖି ଦେଖିଲେ ସମ୍ବେଦନଶୀଳ ପ୍ରଶ୍ନଟିଏ ଉଠିବା ସ୍ୱାଭାବିକ ଯେ ଗଣତନ୍ତ୍ରର ଚାରି ସ୍ତମ୍ଭ ବିଧାନପାଳିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଓ ଗଣମାଧ୍ୟମ ନିଜ ନିଜ ଉତ୍ତରଦାୟିତ୍ୱ ନିର୍ବାହ କରିବାରେ ନିଷ୍ଠାବାନ ତ? ଏହାର ତିକ୍ତ ଅପ୍ରିୟ ଉତ୍ତର ନାସ୍ତିବାଚକ ହେବାକୁ ବାଧ୍ୟ ।

ସମ୍ବିଧାନ ଆମକୁ ଅଭିବ୍ୟକ୍ତିର ସ୍ୱାଧୀନତା, ସ୍ୱୟଂଶାସନର କ୍ଷମତା ଓ ଅନେକ ମୌଳିକ ଅଧିକାର ଦେଇଛି । କିନ୍ତୁ ଏହି ସ୍ୱାଧୀନତାକୁ ବ୍ୟବହାର କଲା ବେଳେ କିମ୍ବା କ୍ଷମତାର ପ୍ରୟୋଗ କିମ୍ବା ମୌଳିକ ଅଧିକାର ସାବ୍ୟସ୍ତ କଲା ବେଳେ ଉତ୍ତରଦାୟିତ୍ୱର ଅଭାବ ପରିଲକ୍ଷିତ ହେଉଛି । ଗଣତନ୍ତ୍ରର ସର୍ବୋଚ୍ଚ ମନ୍ଦିର ବିଧାନପାଳିକା ନୀତି ନିର୍ଦ୍ଧାରକମାନଙ୍କର ନିତାନ୍ତ ସ୍ୱଅଧିକାର କ୍ଷେତ୍ର ହୋଇଥିଲେ ମଧ୍ୟ ନିର୍ବାଚିତ ଜନପ୍ରତିନିଧି ହିସାବରେ ରାଷ୍ଟ୍ର ଓ ନାଗରିକଙ୍କ ପ୍ରତି ସେମାନଙ୍କ କାର୍ଯ୍ୟଧାରା ଉତ୍ତରଦାୟିତ୍ୱର ଶୃଙ୍ଖଳାରୁ ମୁକ୍ତ ନୁହେଁ । କିନ୍ତୁ ସାମ୍ବିଧାନିକ ମୂଲ୍ୟବୋଧକୁ କ୍ଷମତାସୀନ ଦଳମାନେ ନିଜକୁ ସୁହାଇବା ପରି ମୋଡ଼ିମକଚି ଦେବାରେ କୁଣ୍ଠାବୋଧ କରୁନଥିବାର ଅଭିଯୋଗ ବହୁଳ । ସେହିପରି ବିରୋଧୀ ଦଳର ଉଚ୍ଚାରଣ ଓ ଆଚରଣ ଉତ୍ତରଦାୟିତ୍ୱମୁକ୍ତ ହୋଇ ଗଣତାନ୍ତ୍ରିକ ଅନୁଷ୍ଠାନ ପ୍ରତି ବିଶ୍ୱସନୀୟତା ସଙ୍କଟ ସୃଷ୍ଟି କରୁଛି । ସଂଘୀୟ ଶାସନ ବ୍ୟବସ୍ଥାରେ ରାଜ୍ୟପାଳମାନେ କେନ୍ଦ୍ର-ରାଜ୍ୟ ଭିତରେ ସେତୁ ଭାବରେ କାର୍ଯ୍ୟ କରିବା ପାଇଁ ସମ୍ବିଧାନ କେତେକ ନିର୍ଦ୍ଦିଷ୍ଟ କ୍ଷମତା ଓ ଅଧିକାର ଦେଇଛି ଏବଂ କିଛି ଲକ୍ଷ୍ମଣରେଖା ଟାଣିଛି । ଅଥଚ ଉତ୍ତରଦାୟିତ୍ୱ ଅଭାବରୁ ସେହି ସେହି କ୍ଷମତା ଓ ଅଧିକାରର ଦୁରୁପଯୋଗ ଅନେକ ସମୟରେ ସାମ୍ବିଧାନିକ ସଙ୍କଟ ସୃଷ୍ଟି କରୁଛି ଏବଂ ନ୍ୟାୟପାଳିକାକୁ ଅଯଥା ହସ୍ତକ୍ଷେପ କରିବାକୁ ପଡୁଛି ।

ସେହିପରି କାର୍ଯ୍ୟପାଳିକା ସମ୍ବିଧାନ ପ୍ରଦତ୍ତ ଅଧିକାର ଓ କର୍ତ୍ତବ୍ୟ ନିର୍ବାହ ବେଳେ ଉତ୍ତରଦାୟିତ୍ୱକୁ ଗୁରୁତ୍ୱ ନ ଦେଇ କ୍ଷମତାସୀନ ଦଳର ହାତବାରିସି ହେଉଥିବାରୁ ସାଧାରଣରେ ନିନ୍ଦିତ ହେଉଛି, ଯାହାଫଳରେ ସାମଗ୍ରିକ ଭାବେ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ସାମ୍ବିଧାନିକ ମୂଲ୍ୟବୋଧ ପ୍ରଭାବିତ ହେଉଛି । ନ୍ୟାୟପାଳିକାର ରାୟ ମଧ୍ୟ ଅନେକ ସମୟରେ ଦୂରଦର୍ଶୀ ନ ହୋଇ ତତ୍କାଳିକ ସାମାଧାନଭିତ୍ତିକ ହେଉଥିବାରୁ ରାୟର ପୁନଃତର୍ଜମା କରି ସଂଶୋଧନ କରିବାକୁ ପଡୁଛି । ଏହାଫଳରେ ନ୍ୟାୟପାଳିକାର ନିରପେକ୍ଷତା ଏବଂ ସାମ୍ବିଧାନିକ ଲକ୍ଷଣରେଖାର ସମ୍ମାନରକ୍ଷାରେ ଉତ୍ତରଦାୟିତ୍ୱ ଉପରେ ନାଗରିକ ସମାଜ ଦ୍ୱାରା ପ୍ରଶ୍ନ ଚିହ୍ନଟିଏ ଉଠୁଛି । ଗଣତନ୍ତ୍ରର ଜାଗ୍ରତ ପ୍ରହରି ଗଣମାଧ୍ୟମ ମଧ୍ୟ ଉତ୍ତରଦାୟିତ୍ୱ ନିର୍ବାହରେ ଅବହେଳା ଅଭିଯୋଗରୁ ମୁକ୍ତ ନୁହେଁ । ସାମ୍ପ୍ରତିକ ପ୍ରତିଯୋଗିତାପୂର୍ଣ୍ଣ ଓ ବିବିଧ ଆହ୍ୱାନଭରା ବିଶ୍ୱରେ ନିରପେକ୍ଷ ସମ୍ବାଦ ପରିବେଷଣ କରି ତିଷ୍ଠି ରହିବା ସମ୍ପୂର୍ଣ୍ଣ ସମ୍ଭବ ନ ହେଲେ ମଧ୍ୟ ଗଣମାଧ୍ୟମର ବିଶ୍ୱସନୀୟତା ଓ ପବିତ୍ରତା ହନନ ହେବା ଅନୁଚିତ । କିନ୍ତୁ ବାଧ୍ୟବାଧକତାରେ ହେଉ କିମ୍ବା ଉଦ୍ଦେଶ୍ୟମୂଳକ ଭାବେ ହେଉ ଅନେକ ସମୟରେ ବିଭ୍ରାନ୍ତିକର, କପୋଳକଳ୍ପିତ, ପକ୍ଷପାତପୂର୍ଣ୍ଣ ଓ ପରସ୍ପର ବିରୋଧୀ ଖବରମାନ ପ୍ରକାଶ ପାଇଲେ ପାଠକୀୟ ସମାଜର ଗଣମାଧ୍ୟମ ପ୍ରତି ଶ୍ରଦ୍ଧା, ସମ୍ମାନ, ଭରସା ତୁଟିବା ସ୍ୱାଭାବିକ । ଏହାଫଳରେ ଗଣ ଓ ସରକାରଙ୍କ ମଧ୍ୟରେ ସେତୁଟି ଦୁର୍ବଳ ହେଉଛି ଏବଂ ଶାସନତନ୍ତ୍ର ସ୍ୱୈରଚାର ଆଡ଼କୁ ଟାଣି ହୋଇଯିବାର ଅବାଞ୍ଛିତ ସୁଯୋଗ ସୃଷ୍ଟି କରୁଛି, ଯାହା ଗଣତନ୍ତ୍ରର ପରିପନ୍ଥୀ । ତେଣୁ ଗଣମାଧ୍ୟମ ନିଜକୁ ସ୍ୱଚ୍ଛ, ସ୍ୱଷ୍ଟ କରିବା ସହିତ ଉତ୍ତରଦାୟୀ ହେବା ସୁସ୍ଥ ଗଣତନ୍ତ୍ର ପାଇଁ ଅପରିହାର୍ଯ୍ୟ ।

ମୋଟ ଉପରେ ଦେଖିବାକୁ ଗଲେ କେବଳ ଗଣତନ୍ତ୍ରର ଚାରି ସ୍ତମ୍ଭ ନୁହେଁ, ନାଗରିକମାନେ ମଧ୍ୟ ନିଜ ନିଜ ଉତ୍ତରଦାୟିତ୍ୱ ପ୍ରତି ସଚେତନ, ନିଷ୍ଠାବାନ୍ ଓ ସମ୍ବେଦନଶୀଳ ନୁହନ୍ତି । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ନାଗରିକଙ୍କୁ ସ୍ୱାବଲମ୍ବନ ଓ ଅର୍ଥ ଉପାର୍ଜନର ସ୍ୱାଧୀନତା ଓ ଅଧିକାର ଆମ ସମ୍ବିଧାନ ଦେଇଛି । କିନ୍ତୁ ଏହା ସହିତ ସମାଜ ଓ ରାଷ୍ଟ୍ରର ସାମୂହିକ ମଙ୍ଗଳ ଓ କଲ୍ୟାଣସାଧନ ପାଇଁ ଯେଉଁ ଉତ୍ତରଦାୟିତ୍ୱ ଯୋଡ଼ି ହୋଇଛି ତାହାର ଘୋର ଅଭାବ ରହିଥିବାରୁ ସାମାଜିକ, ଅର୍ଥନୈତିକ ଓ ପରିବେଶଗତ ବୈଷମ୍ୟ ଉତ୍କଟ ହେବାରେ ଲାଗିଛି । ସ୍ୱାବଲମ୍ବନର ଅର୍ଥ ନୁହେଁ ସର୍ବସାଧାରଣରେ ନିଷେଧ ଦ୍ରବ୍ୟ ବିକ୍ରି କରିବା କିମ୍ବା ନିଷିଦ୍ଧ ଓ ଅଶୋଭନୀୟ କାର୍ଯ୍ୟକଳାପ ପ୍ରଦର୍ଶନ କରିବା । ସମ୍ବିଧାନ ଓ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ଉର୍ଦ୍ଧ୍ୱରେ ଆମ ସମାଜ ଆମ ପାଇଁ କେତେକ ସଂସ୍କାର, ସଂଭ୍ରମ, ସଂଯମ ଓ ଶିଷ୍ଟତାର ଲକ୍ଷ୍ମଣରେଖା ଟାଣିଛି । ସ୍ୱାଧୀନତାର ପରିପ୍ରକାଶ ଓ ଅଧିକାର ସାବ୍ୟସ୍ତ ବେଳେ ଏହି ଲକ୍ଷ୍ମଣରେଖାର ସୁରକ୍ଷା ଓ ସମ୍ମାନ ପ୍ରତି ଥିବା ଆମର ଉତ୍ତରଦାୟିତ୍ୱ ନିର୍ବାହ କରିବାକୁ ପଡ଼ିବ । କିନ୍ତୁ ଏହାର ତୀବ୍ର ଉଲ୍ଲଙ୍ଘନ ଓ ଉତ୍ତରଦାୟିତ୍ୱର ଅଭାବ ହେତୁ ଶିଳ୍ପ, ଶବ୍ଦ, ଜଳ ପ୍ରଦୂଷଣ ପରି ଭୀଷଣ ପରିବେଶ ସଙ୍କଟ ସୃଷ୍ଟି ହେଉଛି, ସାଂସ୍କୃତିକ ଅବକ୍ଷୟ ଘଟୁଛି ଏବଂ ମାନବୀୟ ସଂହତିର ବିପରୀତ ବାତାବରଣକୁ ଜନ୍ମ ଦେଉଛି । ଏହା ସମ୍ବିଧାନ ପ୍ରଦତ୍ତ ସ୍ୱଚ୍ଛ ଓ ସାବଲୀଳ ଜୀବନ ଜିଇଁବାର ଅଧିକାରର ପରିପନ୍ଥୀ । ଗୋଟିଏ ଅଧିକାର ସାବ୍ୟସ୍ତ ବେଳେ ଉତ୍ତରଦାୟିତ୍ୱ ନ ରହିଲେ ତାହା ଅନ୍ୟର ଅଧିକାରକୁ ହନନ କରେ । ଏହାଦ୍ୱାରା ସ୍ୱାଧୀନତା ହିଁ ଅର୍ଥହୀନ ହୋଇପଡ଼େ ।

ସ୍ୱାଧୀନତାର ଅମୃତକାଳ ଯାତ୍ରାରେ ଆମ ସମ୍ବିଧାନ ଅଧିକ ପରିପକ୍ୱ ହେଉଛି । ସାମ୍ପ୍ରତିକ ଅସ୍ଥିର ଭୂ-ରାଜନୈତିକ ପୃଷ୍ଠଭୂମିରେ ନାଗରିକ ଭାବେ ଆମର କର୍ତ୍ତବ୍ୟ ହେଉଛି ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ପ୍ରତି ଥିବା ଆମର ଉତ୍ତରଦାରୟିତ୍ୱର ନିର୍ବାହନ । ସ୍ୱାଧୀନତାର ଉପଭୋଗ ସହିତ ଉତ୍ତରଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ ହୋଇପାରିଲେ ସାମ୍ବିଧାନିକ ଅଧିକାର ସୁରକ୍ଷିତ ରହିପାରିବ ଏବଂ କ୍ଷମତାର ମଧ୍ୟ ସୁଷମ ଓ ସନ୍ତୁଳିତ ସଦୁପଯୋଗ ସୁନିଶ୍ଚିତ ହେବ । ●

## ଦୁର୍ନୀତି ଓ ଦୁରାଚାର

ବୈକୁଣ୍ଠନାଥ ମିଶ୍ର

ଏକ ସାମାଜିକ ପ୍ରାଣୀ ହିସାବରେ ମନୁଷ୍ୟ ଯେଉଁ ଆତ୍ମଗରିମା ଲାଭ କରି ଅନ୍ୟ ଉପରେ ଶ୍ରେଷ୍ଠତ୍ୱ ଜାହିର କରି ଆସୁଥିଲା, ତାହା କେବଳ ଏକ ବାଚନିକ ସଂଶ୍ଳେଷଣ । ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ । କାରଣ ମଣିଷର ସାମାଜିକ ତତ୍ତ୍ୱ ଆଜି ଘୋର ବିତର୍କ ମଧ୍ୟକୁ ଠେଲି ହୋଇଯାଇଛି । ବାହ୍ୟରୂପକୁ ଦେଖି କୌଣସି ମଣିଷର ସ୍ୱଭାବ ଆକଳନ କରିବା କେବେ ବି ନିର୍ଭୁଲ ହୋଇ ନପାରେ । ବାହ୍ୟଦୃଷ୍ଟିରେ ଗୁରୁଗମ୍ଭୀର ଅଥବା ଧୀରପ୍ରଶାନ୍ତ, ପୁଣି ଅଙ୍ଗରାଜିରେ ବୟସର ଛାପ ପରିଲକ୍ଷିତ ହେଉଥିଲେ ମଧ୍ୟ ଅନ୍ତରରେ କୁତ୍ସିତ ଆଦିମତା ଭରପୂର ରହିଛି । ଏଭଳି ତତ୍ତ୍ୱମାନଙ୍କୁ ଦେଖିଲେ ମନରେ ସ୍ୱତଃ ସନ୍ଦେହ ଉପୁଜେ ଯେ ବ୍ୟକ୍ତିଟିକୁ ଆମେ ଯାହା ମନେକରୁ ସେ ତାହା ନୁହେଁ । ତେବେ ବିଶ୍ୱାସ ଶବ୍ଦଟି କ'ଣ ସମୟର ପ୍ରଭାବରେ ମରି ହଜି ଯିବାକୁ ବସିଛି । ଯଦି ବିଶ୍ୱାସର ବିଲୟ ଘଟେ ତେବେ ମାନବିକତା ତିଷ୍ଠିବ କିପରି? ତେବେ କ'ଣ ମନୁଷ୍ୟ କ୍ରମେ ପଶୁଠାରୁ ବି ନିମ୍ନସ୍ତରକୁ ଖସିଯାଉଛି? ଜଣେ ଚିନ୍ତାଶୀଳ ବ୍ୟକ୍ତିର ମନୋରାଜ୍ୟରେ ଆଜି ସହସ୍ର ସଂଶୟର ଭୂକମ୍ପନ ।

ସମାଜରେ ଶୃଙ୍ଖଳା ନାହିଁ । ବ୍ୟକ୍ତିର ବ୍ୟକ୍ତିତ୍ୱ ଭୂଲୁଣ୍ଠିତ । ନାରୀର ଇଜ୍ଜତ ପ୍ରତି କେହି ସମ୍ବେଦନଶୀଳ ନୁହନ୍ତି । ସରକାରର ତିନିଟିଯାକ ଅଙ୍ଗ- ବ୍ୟବସ୍ଥାପିକା, ଶାସନ ଓ ନ୍ୟାୟପାଳିକା ଅଳ୍ପବହୁତେ କୀଟଦଂଷ୍ଟ । ଗୁରୁ ହରାଇ ବସିଲେଣି ଗୁରୁତ୍ୱ । ନିଜ ପୁତ୍ରୀ ସମାନ ଛାତ୍ରୀଟି ଗୁରୁଙ୍କଠାରୁ ଲାଭ କରୁଛି ଅବାଞ୍ଛିତ ମାତୃତ୍ୱ । ଈଶ୍ୱରଙ୍କ ଅନ୍ୟ ଏକ ଅବତାର ଚିକିତ୍ସକ ପବିତ୍ର କର୍ତ୍ତବ୍ୟରୁ ଓହରି ଯାଇ ଅର୍ଥ ଲିପ୍ସାର ଗୋଲାମ ସାଜୁଛି । ମନସ୍ଥିର, ଜ୍ଞାନଧୀର, କର୍ମଚଞ୍ଚଳ ଓ ଭକ୍ତପାଗଳ ଭଳି ମହାର୍ଘ ବାଣୀ ଆଜି ବିଲକ୍ଷଣଯୁକ୍ତ । କେଉଁଠି ପତ୍ନୀ ନିଜ ପ୍ରେମିକ ସହ ହାତ ମିଳାଇ ପତିଙ୍କର ମୃତ୍ୟୁଲୀଳା ରଚିଲାଣି ତ ପୁଣି କେଉଁଠି ପରକୀୟା ପ୍ରୀତିରେ ନିମଗ୍ନ କାମୁକ ପୁରୁଷଟି ପତିପ୍ରାଣା ପତ୍ନୀଙ୍କୁ ଦେଉଛି ହତ୍ୟାର ଉପହାର । ବୃଦ୍ଧ ପିତାମାତା ଆତ୍ମଜଙ୍କ ଦ୍ୱାରା ଉପେକ୍ଷିତ ଓ ଲାଞ୍ଛିତ ହୋଇ ଶେଷଦିନର ଅବଗଣନା କରୁଛନ୍ତି ।

ମଣିଷ ନା ନିଜେ ସୁଖରେ ରହି ପାରୁଛି, ନା ଅନ୍ୟକୁ ସୁଖରେ ରହିବାରେ ସହାୟକ ହେଉଛି । ବିନା ଶାସନ, ବିନା ଭୟରେ ସମସ୍ତେ ଏକ ଉଦ୍ଦାମ ସ୍ୱାଧୀନତା ଉପଭୋଗରେ ନିମଗ୍ନ । ଭୟ ଥିଲେ ରାଜ୍ୟର ପ୍ରଶାସନିକ ସେବା ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଯୁବକଟି ମାତ୍ର ୧୫ହଜାର ଟଙ୍କାର ଲାଞ୍ଚ ନେଇ ବିଚାରାଧୀନ ଅପରାଧୀ ସାଜି ନ ଥା'ନ୍ତା । ଭୟ ଥିଲେ ଏଏସଆଇ ଚାକିରି କରାଇ ଦେବାକୁ ମୁଣ୍ଡପିଛା ୨୫ଲକ୍ଷ ଟଙ୍କାର ଲାଞ୍ଚ ଆଦାୟ କରି ପୁଲିସ୍ ହାତରେ ଧରା ପଡ଼ି ନ ଥା'ନ୍ତେ । ଦୁର୍ନୀତି ଏକ ସଂକ୍ରାମକ ରୋଗର ରୂପ ନେଇ ସାରିଥିବା ବେଳେ ଯୌନ ଉଚ୍ଛୃଙ୍ଖଳତା ଏକ ଦୁରାରୋଗ୍ୟ ସଂକ୍ରାମକ ଭାବେ ତୀବ୍ର ପ୍ରସାର ଲାଭ କରିବାରେ ଲାଗିଛି । ଦୁର୍ନୀତି ଓ ଦୁରାଚାର ସମାଜର ସବୁସ୍ତରକୁ ବ୍ୟାପିଗଲାଣି । ଏଥିରୁ ଶିକ୍ଷକ, ପ୍ରଶାସକ, ଚିକିତ୍ସକ, ନେତା ଅଭିନେତା ଓ ଅନ୍ୟ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ କେହି ବି ମୁକ୍ତ ନୁହନ୍ତି ।

ଚଳଚିତ୍ର ଜଗତରେ କାଷ୍ଟିଂ କାଉଚ (ଅଭିନୟ ପାଇଁ ସୁଯୋଗ ଦେବା ଆଳରେ ଅଭିନେତ୍ରୀମାନଙ୍କ ପ୍ରତି ଯୌନ ଆକାଂକ୍ଷା ପୋଷଣ କରିବା ) ଏକ ଲୁକ୍‌କାୟିତ ପ୍ରକ୍ରିୟା, ଯାହା ସମୟାନ୍ତରେ ପ୍ରକଟିତ ହୋଇ ସଭ୍ୟ ସମାଜର ଭ୍ରୂକୁଞ୍ଚନ ସୃଷ୍ଟିକରେ । ୨୦୧୭ ମସିହାରେ ହଲିଉଡ୍ ଚଳଚିତ୍ର ପ୍ରଯୋଜକ ୱାଇନ୍‌ଷ୍ଟାଇନ୍, ଯେକି ଫିଲ୍ମ ଜଗତର ଜଣେ କ୍ଷମତାଶାଳୀ ବ୍ୟକ୍ତିତ୍ୱ ତାଙ୍କ ବିରୋଧରେ ଯୌନ ଶୋଷଣର ଅଭିଯୋଗ ଆଣିଥିଲେ ପ୍ରାୟ ୮୦ଜଣ ଅଭିନେତ୍ରୀ । ସେଥିପାଇଁ ୱାଇନ୍‌ଷ୍ଟାଇନ୍‌ଙ୍କୁ ନିଜ କମ୍ପାନୀ ବହିଷ୍କାର କରିଥିଲା । ସେହିପରି ଲୋକପ୍ରିୟ ନିର୍ଦ୍ଦେଶକ ଜେମ୍‌ସ୍ ଟବାକଙ୍କ ନାମରେ ଯୌନ ଶୋଷଣର ଅଭିଯୋଗ ଆଣିଥିଲେ ୨୩୮ଜଣ ମହିଳା । ଫିଲ୍ମ ଜଗତରେ ପୁରୁଷମାନଙ୍କ ଆଧିପତ୍ୟ ରହୁଥିବାରୁ ନାରୀଙ୍କ ସ୍ୱର ଗୌଣ ହୋଇଥାଏ । ମାତ୍ର କୌଣସି କ୍ଷେତ୍ରରେ ଗୋଟିଏ ନାରୀ ସାହସ ସଞ୍ଚୟ କରି ସ୍ୱର ଉଠାଇଲେ ଅନ୍ୟ ପୀଡ଼ିତାମାନେ ନିଜ ଉପରେ ବହିଯାଇଥିବା ଅପ୍ରକାଶ୍ୟ ଝଡ଼କୁ ପ୍ରକାଶ କରିବାର ସୁଯୋଗ ପା'ନ୍ତି । ସମ୍ମାନହାନି ଭୟରେ ମହିଳାମାନେ ଅଧିକାଂଶ କ୍ଷେତ୍ରରେ ଅନିଚ୍ଛା ସତ୍ତ୍ୱେ ନିରବ ରହିବାକୁ ଶ୍ରେୟ ମଣନ୍ତି । ନାରୀମାନେ ଯୌନାଚାର ବିରୋଧରେ ନିରବତା ଅବଲମ୍ବନ କରନ୍ତି । କାରଣ ସେମାନଙ୍କୁ ହିଁ ପ୍ରଥମେ କଷ୍ଟ ଭୋଗିବାକୁ ହେବ ।

ନ୍ୟାସନାଲ କ୍ରାଇମ୍ ରେକର୍ଡସ୍ ବ୍ୟୁରୋର ସଦ୍ୟ ଆକଳନ ଅନୁଯାୟୀ ଭାରତରେ ଦୈନିକ ୪୨୦ ମହିଳା ଯୌନ ଅତ୍ୟାଚାରର ଶିକାର ହେଉଛନ୍ତି । ଧର୍ଷଣ, ଅପହରଣ, ଯୌତୁକ ଜନିତ ମୃତ୍ୟୁ ଓ ପରକୀୟା ପ୍ରୀତିର କରୁଣ ପରିଣତି ଯେପରି ଭାବରେ ବଢ଼ି ଚାଲିଛି, ନିଜକୁ ଏକ ସଭ୍ୟ ଜାତିର ଦାୟଦ କହିବାକୁ ଲଜ୍ଜାବୋଧ ହେଉଛି । ଦିବ୍ୟଜନନୀ ଶ୍ରୀମା କହନ୍ତି -'ପ୍ରତ୍ୟେକ କନ୍ୟାରତ୍ନ ଉଦ୍ୟାନର ଗୋଟିଏ ଗୋଟିଏ ପୁଷ୍ପ ସଦୃଶ । ସେମାନଙ୍କୁ ଦୂରରୁ ଅବଲୋକନ କରି ତା' ସୌନ୍ଦର୍ଯ୍ୟରେ ଆତ୍ମହରା ହେବା ଏବଂ ତା'ର ସୃଷ୍ଟିକର୍ତ୍ତାଙ୍କୁ ଧନ୍ୟବାଦ ଦେବା । କୌଣସି ପରିସ୍ଥିତିରେ ପୁଷ୍ପଗୁଡ଼ିକୁ ଦଳିତ ମଥିତ କରିବାର ଅଧିକାର ଆମର ନାହିଁ ।'

ଦିନଥିଲା, ପିଲାମାନେ ସଂଭ୍ରମତାର ସହ ପ୍ରତ୍ୟେକ କାର୍ଯ୍ୟ ସମ୍ପାଦନକୁ ଶ୍ରେୟ ମଣୁଥିଲେ । ଏହାଦ୍ୱାରା ତାଙ୍କ ପରିବାରର ସମ୍ମାନ ବୃଦ୍ଧି ପାଉଥିଲା । ବର୍ତ୍ତମାନ ଯଦି କାହା ପୁଅ ଗୁଣ୍ଡାଗର୍ଦ୍ଦି କରୁଛି, ତା' ବାପାର ପାଦ ତଳେ ଲାଗୁନି ଯେ ପୁଅକୁ ପାଞ୍ଚଜଣ ଡରୁଛନ୍ତି, ଯଦ୍ଦ୍ୱାରା ତା' ପୁଅ ଉଚ୍ଚସମ୍ମାନର ଅଧିକାରୀ ହୋଇଛି । ବର୍ତ୍ତମାନ ଯେତେକ ଆପତ୍ତିଜନକ କାର୍ଯ୍ୟ ସେସବୁ ଭଲ କାମ ବୋଲି ବିବେଚିତ ହେଲାଣି । ଚୋରି, ଡକାୟତି, ଲୁଣ୍ଠନ କରି ଅର୍ଥର ସାମ୍ରାଜ୍ୟ ବିସ୍ତାର କରିପାରିଲେ ତା'କୁ ପରିବାର ତରଫରୁ ଶ୍ରେୟ ମିଳୁଛି । ସାଧାରଣ ଚାକିରିଟିଏ କରିଥିବା ପିଲାଟି ଅପେକ୍ଷା ଚୋରି ଡକାୟତିରେ ବିପୁଳ ଅର୍ଥ ଉପାର୍ଜନ କରିଥିବା ପିଲାଟି ବାପାମା'ଙ୍କର ଅଧିକ ପ୍ରିୟ ହୋଇପାରିଛି ।

କିଛିବର୍ଷ ତଳେ ମଦ୍ୟପାନକୁ ଘୃଣା କରାଯାଉଥିବା ବେଳେ ଆଜିକାଲି ମଦ୍ୟପାନ ଉଗ୍ର ଆଧୁନିକତା ତଥା ସମ୍ଭ୍ରାନ୍ତୀୟ ଲକ୍ଷଣର ପରିଚୟ ବହନ କରୁଛି । ପୂର୍ବେ ସମାଜ ଶୃଙ୍ଖଳିତ ଥିଲା, କାରଣ ମଦ୍ୟପାନ ନଥିଲା । ମଦ ଗୋଟିଏ ଏପରି ଜିନିଷ, ଯାହା ମଣିଷର ବୁଦ୍ଧି ବିବେକକୁ ପ୍ରଥମେ ପ୍ରଭୂତ କ୍ଷତି ପହଞ୍ଚାଇଥାଏ । ଜଣେ ସୁସ୍ଥ ମସ୍ତିଷ୍କଧାରୀ ବ୍ୟକ୍ତି କୌଣସି ଆପତ୍ତିଜନକ କାର୍ଯ୍ୟ କରିପାରିବ ନାହିଁ । କିନ୍ତୁ ମଦ୍ୟପଟିଏ ଅକ୍ଳେଶରେ ଏହା କରିପାରେ । ମଦକୁ ନିଷିଦ୍ଧ କରିବା ପରିବର୍ତ୍ତେ ସରକାର ମଦ୍ୟପଙ୍କୁ ପରୋକ୍ଷରେ ପ୍ରୋତ୍ସାହିତ କରୁଛନ୍ତି । ବାର୍ଷିକ ପ୍ରାୟ ୧୦ହଜାର କୋଟି ଟଙ୍କାର ରାଜସ୍ୱ କ୍ଷତି ହେବା ଭୟରେ ସରକାର ମଦ ବିକ୍ରିକୁ ପ୍ରୋତ୍ସାହିତ କରି ଆସୁଛନ୍ତି । ତେଣୁ ସମାଜରେ ସମସ୍ତ ପ୍ରକାର ବ୍ୟଭିଚାର ବଢ଼ି ଚାଲିଛି । ମଧ୍ୟପ୍ରଦେଶ ସରକାର କିଛିଦିନ ତଳେ ବିଧାନସଭାରେ ଏକ ଆଇନ ପ୍ରଣୟନ କରିଛନ୍ତି, ଯେଉଁଥିରେ ୧୨ କିମ୍ବା ତା'ଠାରୁ କମ୍ ବୟସର ଝିଅକୁ ବଳାତ୍କାର କରିବା ପ୍ରମାଣିତ ହେଲେ ଅପରାଧୀକୁ ମୃତ୍ୟୁଦଣ୍ଡର ପ୍ରାବଧାନ ଅଛି । ●

ସିଦ୍ଧଳ(ଜଗତସିଂହପୁର), ମୋ: ୯୯୩୭୪୫୦୫୪୦

## ହିଂସାମୁକ୍ତ ଓ ଶାନ୍ତିଯୁକ୍ତ ପୃଥିବୀର ପରିକଳ୍ପନା

ମୀରା ବେଉରା

ଆଜି ସମଗ୍ର ବିଶ୍ୱ ବାରୁଦର ସ୍ତୂପ ଉପର ଦଣ୍ଡାୟମାନ । ଦେଶ-ଦେଶ ମଧ୍ୟରେ ସ୍ନେହ, ପ୍ରେମ, ଭ୍ରାତୃତ୍ୱ ଭାବ କ୍ଷୁଣ୍ଣ ହୋଇ ହିଂସା, ଈର୍ଷା, ଅସହିଷ୍ଣୁତା, ପରଶ୍ରୀକାତରତା, ତିକ୍ତତା ଆଦି ବୃଦ୍ଧି ପାଇ ଆତଙ୍କବାଦକୁ ପ୍ରତି ମୁହୂର୍ତ୍ତରେ ନିମନ୍ତ୍ରଣ କରୁଛି । ପ୍ରେମ ସଂପର୍କ କ୍ରମଶଃ ତିକ୍ତ ହେଉଛି । ଦେଶ ସୁରକ୍ଷା ଆଳରେ ପରମାଣୁ ଅସ୍ତ୍ର-ଶସ୍ତ୍ରର ପ୍ରତିଯୋଗିତା ଆରମ୍ଭ ହୋଇଛି । ବିଶ୍ୱଶାନ୍ତି ପାଇଁ ଆଜି ପ୍ରତିଟି ମଣିଷ ଆର୍ତ୍ତଚିତ୍କାର କରୁଛି । ଏହିସମୟରେ ଇ.ଏମ୍. ଫୋଷ୍ଟରଙ୍କ କଥା ମନେ ପଡ଼େ । ଏଇ ପ୍ରଖ୍ୟାତ ଇଂରାଜୀ ଲେଖକ କହୁଥିଲେ ଯଦି ବିଭିନ୍ନ ଦେଶର ମାଆମାନେ ଏକତ୍ର ବସି ବିଶ୍ୱଶାନ୍ତି ସ୍ଥାପନ ଉପରେ ଚିନ୍ତା କରିବେ ତେବେ ବିଶ୍ୱରୁ ଯୁଦ୍ଧ ବିଭୀଷିକା ଲୋପ ପାଇଯାଆନ୍ତା । ଜଣେ ଉତ୍ତମ ମାଆ ହିଁ ସୃଷ୍ଟି କରିପାରେ ଗୋଟିଏ ହିଂସାମୁକ୍ତ ଓ ଶାନ୍ତିଯୁକ୍ତ ସୁନ୍ଦର ପରିବାର, ସମାଜ, ରାଷ୍ଟ୍ର ଓ ସମଗ୍ର ବିଶ୍ୱ ।

ଏ ସୃଷ୍ଟିରେ ଯେତେ ସ୍ୱର ଝଙ୍କୃତ ହୁଏ ସବୁଠୁ ସୁନ୍ଦର ସ୍ୱର ହେଉଛି 'ମାଆ' ଡାକର । ସତରେ ମାଆ ଏଭଳି ଦିବ୍ୟସତ୍ତାଟିଏ, ଯିଏ ନିଜର ରକ୍ତ, ମାଂସ, ମଜ୍ଜାରୁ ସୃଷ୍ଟି କରେ ସନ୍ତାନ । ପୁଣି ସେହି ସନ୍ତାନ ପାଇଁ ଜୀବନର ସମସ୍ତ ସୁଖ, ସୌନ୍ଦର୍ଯ୍ୟକୁ ଜଳାଞ୍ଜଳି ଦେଇ ସେହି ସନ୍ତାନର ପରିଚୟରେ ପରିଚିତ ହୋଇ ଆତ୍ମଗର୍ବ କରେ । ଆଜି ମନେ ପଡ଼ନ୍ତି ଅନେକ ତ୍ୟାଗଶୀଳା, ବାତ୍ସଲ୍ୟମୟୀ ମାତା - ମାଆ କୌଶଲ୍ୟା, ମାତା କୁନ୍ତୀ, ମାଆ ଗାନ୍ଧାରୀ, ମାଆ ଯଶୋଦା । ମାଆ ପୁତୁଲୀବାଇ, ମାଆ ଜୀଜାବାଇ, ମଦରଟେରେସା, ଫ୍ରାନ୍ସର ମହୀୟସୀ ମାଆ ମୀରା ଆଲଫ୍‌ସା, ମାଆ ପ୍ରଭାବତୀ ଦେବୀ, ମାଆ ରମା ଦେବୀ, ମାଆ ସରଳା ଦେବୀ, ମାଆ କସ୍ତୁରବା ଗାନ୍ଧୀଙ୍କୁ ପାଇ ଏ ଜାତି ଆଜି ବି ଗର୍ବ କରୁଛି । ସେହି ମାତୃଜାତି ଯେଉଁ ଅମୂଲ୍ୟ ରତ୍ନ ସ୍ୱରୂପ ସନ୍ତାନ ସୃଷ୍ଟି କରିଥିଲେ, ସେହି ଅମ୍ଳାନ କାଳଜୟୀ ସନ୍ତାନମାନଙ୍କୁ ନେଇ କେବଳ ରାଷ୍ଟ୍ର ନୁହେଁ, ସମଗ୍ର ବିଶ୍ୱ ମଧ୍ୟ ଗର୍ବିତ । ରାଷ୍ଟ୍ର ନିର୍ମାଣର ଦିବ୍ୟ ସ୍ରଷ୍ଟା ହେଉଛି ମାଆ । ଆମ ବେଦ ମଧ୍ୟ କହେ ମାଆ ହେଉଛି ଗୋଟିଏ ରାଷ୍ଟ୍ରର ଧ୍ୱଜା । ପ୍ରତିଟି ସନ୍ତାନ ଏହା ମଧ୍ୟ ସ୍ୱୀକାର କରିବ ଯେ, ତା'ର ପ୍ରଥମ ପରିଚୟ ହେଉଛି ମାଆର ଛାତି, ଯେଉଁଠାରୁ ଅମୃତ ପାନ କରି ବଡ଼ ମଣିଷ ହୋଇ ସମାଜ ଓ ରାଷ୍ଟ୍ରର ବିକାଶରେ ଶ୍ରେଷ୍ଠ ସାଧକ ହୁଏ ।

ଏଇଠି ମନେ ପଡ଼ନ୍ତି ବିଂଶ ଶତାବ୍ଦୀର ଆମେରିକାର ବିଖ୍ୟାତ ବୈଜ୍ଞାନିକ ଥୋମାସ୍ ଆଲଭା ଏଡିସନ୍ । ସାତବର୍ଷ ବୟସରେ ସ୍କୁଲରୁ ପାଇଥିବା ଗୋଟିଏ ଡାଇରି ଯେତେବେଳେ ଘରକୁ ଆଣି ମାଆଙ୍କୁ ଦେଖାନ୍ତି ଓ ପଚାରନ୍ତି - 'ମାଆ ଶିକ୍ଷୟିତ୍ରୀ କ'ଣ ଲେଖିଛନ୍ତି?' ମାଆ ପଢ଼ି କହନ୍ତି, 'ତମ ପିଲା ଜଣେ ଅସାଧାରଣ ପ୍ରତିଭା ସଂପନ୍ନ ବୁଦ୍ଧିମାନ ବାଳକ । ତା'କୁ ପଢ଼ାଇବାକୁ ଏଠାରେ ଶିକ୍ଷକ ନାହାନ୍ତି । ତେଣୁ ତା'କୁ ତୁମେ ଘରେ ପାଠ ପଢ଼ାଅ ।' ସେଦିନ ସେ ନିଜ ସ୍ୱାଭିମାନ ରକ୍ଷା କରି ପିଲାଟିର ବୌଦ୍ଧିକତାକୁ ବାଧା ନଦେଇ ନିଜେ ଘରେ ତାଙ୍କ ପାଠପଢ଼ାର ଦାୟିତ୍ୱ ନେଲେ । ସେହି ପିଲା ଦିନେ ବୁଦ୍ଧିମତ୍ତାରେ ସମଗ୍ର ବିଶ୍ୱକୁ ଚମତ୍କୃତ କରି ବିଦ୍ୟୁତ୍ ବଲବ୍ ସହ ପ୍ରାୟ ତିନିଶହ ନୂତନ ପଦାର୍ଥ ଉଦ୍ଭାବନ କରି ସମଗ୍ର ବିଶ୍ୱକୁ ଆଲୋକିତ କରିଥିଲେ । ମାଆଙ୍କ ଦେହାନ୍ତ ପରେ ଯେତେବେଳେ ଥୋମାସ୍ ସେହି ଡାଏରିଟିକୁ ପାଇ ପଢ଼ିଲେ ସେଥିରେ କିନ୍ତୁ ଲେଖାଥିଲା: 'ଥୋମାସ୍ ଆଲଭା ଏଡିସନ ଏକ ବିକୃତ ମସ୍ତିଷ୍କ ପିଲା । ତା'କୁ ଏଠାରେ ପଢ଼ାଇ ହେବନି । ତାକୁ ଘରେ ପଢ଼ାନ୍ତୁ ।' ଏଡିସନ ଏକଥା ଜାଣି ମାଆଙ୍କ ମହନୀୟତାକୁ ସ୍ମରଣ କରି ସେହି ଡାଏରୀରେ ଲେଖିଲେ, ଥୋମାସ୍ ଆଲ୍‌ଭା ଏଡିସନ୍ ଜଣେ ବିଚଳିତ ଶିଶୁ ଥିଲେ, ଯିଏ ଜଣେ ବୀରା ମାଆଙ୍କ ଦ୍ୱାରା ଦେଶର ପ୍ରତିଭା ରୂପେ ପରିଚୟ ଲାଭ କରିଥିଲେ ।' ଏହି ଦୂରଦର୍ଶୀ ବିଚକ୍ଷଣା ହୃଦୟଗ୍ରାହୀ ମାଆ ଥିଲେ ନାନ୍ସୀ ଏଡିସନ୍ ଯେ କି ବାଳକ ଏଡିସନଙ୍କ ମନରେ ପ୍ରଚଣ୍ଡ ଆତ୍ମବିଶ୍ୱାସ ସହ ଆଶାର ସୌଧ ଗଢ଼ି ଦେଇଥିଲେ ।

ବିଶ୍ୱକବି କାଳିଦାସ ରଚିତ ନାଟକ 'ଅଭିଜ୍ଞାନ ଶକୁନ୍ତଳମ୍'ରେ ମଧ୍ୟ ବର୍ଣ୍ଣନା ହୋଇଛି ମାତା ମେନକା ଓ ପିତା ବିଶ୍ୱାମିତ୍ରଙ୍କଠାରୁ ଜନ୍ମିତ ଶକୁନ୍ତଳା ଥିଲେ କଣ୍ୱ ଋଷିଙ୍କ ପାଳିତ କନ୍ୟା । ଶକୁନ୍ତଳା ହସ୍ତିନା ନୃପତି ଦୁଷ୍ମନ୍ତଙ୍କୁ ବିବାହ କରି ମାତା ହୋଇଥିଲେ । ପରେ ପିତୃତ୍ୱର ସତ୍ୟତା ପାଇଁ ତାଙ୍କୁ କେତେ ପରୀକ୍ଷା ଓ ବିଷମ ପରିସ୍ଥିତିର ସମ୍ମୁଖୀନ ହେବାକୁ ନ ପଡ଼ିଛି! ନିଜକୁ ମାଆ ରୂପେ ପ୍ରମାଣ କରିବାକୁ ସେ କେତେ କଷ୍ଟ କରିନଥିଲେ! କାଶ୍ୟପ ମୁନିଙ୍କ ଆଶ୍ରମରେ ସେ ଧୈର୍ଯ୍ୟର ସହିତ ପାଳି ଚାଲିଲେ ତାଙ୍କ ପୁତ୍ର ଭରତକୁ । ମାତୃତ୍ୱର ଦାମ୍ଭିକତା ନେଇ ସେ ସାହସର ସହ ଦେଶର ଭବିଷ୍ୟତକୁ ସେଦିନ ପାଳନ କରିଥିଲେ ଯେଉଁ ଭରତଙ୍କ ନାମାନୁସାରେ ଆଜି ଆମ ରାଷ୍ଟ୍ରର ନାମ ଭାରତବର୍ଷ ହୋଇଛି । ସେହିପରି ଭଗବାନ ଗୌତମବୁଦ୍ଧ ଯେତେବେଳେ ଗୃହତ୍ୟାଗ କରି ବୁଦ୍ଧତ୍ୱ ଲାଭ କରିବାକୁ ଯାଇ ପତ୍ନୀ ଯଶୋଧାରାଙ୍କୁ ତ୍ୟାଗ କଲେ, ଶିଶୁ ପୁତ୍ର ରାହୁଲର ସଂପୂର୍ଣ୍ଣ ଦାୟିତ୍ୱ ସେ ନେଇ ସୁନ୍ଦର ମାତୃତ୍ୱର ପରିଚୟ ଦେଇଥିଲେ ।

ନବମ ଲୁଇ ଥିଲେ ଫ୍ରାନ୍ସ ରାଜପରିବାରର ଜଣେ ଲୋକପ୍ରିୟ ପ୍ରଭାବଶାଳୀ ଓ ତେଜସ୍ୱୀ ରାଜା, ଯିଏ ଜୀବନର ସମସ୍ତ ସଫଳତାର ଶ୍ରେୟ ତାଙ୍କ ମାତାଙ୍କୁ ହିଁ ଦେଇଥିଲେ । ଯେତେବେଳେ ସେ ଛୋଟ ଥିଲେ ତାଙ୍କ ମା' ତାଙ୍କୁ ଭଲ ମଣିଷ ହେବା ପାଇଁ ପ୍ରେରଣା ଦେଇ ତାଗିଦ୍ କରି ସେଦିନ କହିଥିଲେ, 'ତୁମେ ଜୀବନରେ କୌଣସି ଅକରଣୀୟ କାମ କରିବ ନାହିଁ । ଯଦି ତୁମେ ଭୁଲ ବାଟରେ ଯାଅ ଏବଂ ତୁମ ଆତ୍ମାରେ କଳଙ୍କର ଟିକା ଲାଗେ, ତେବେ ମୁଁ ଏହା କଦାପି ସହ୍ୟ କରିବି ନାହିଁ । ବରଂ ସିଂହାସନ ଖାଲି ରହୁ ବୋଲି ଇଚ୍ଛା କରିବି । ତୁମର କୁକର୍ମ ଦେଖିବା ଅପେକ୍ଷା ବରଂ ମୁଁ ନିଜେ ତୁମର ମୃତ୍ୟୁର କାମନା କରିବି ।' ନିଜର ଶିଶୁପୁତ୍ରକୁ ଭଲ ବାଟରେ ଆଣିବା ପାଇଁ ଏହା କେବଳ କଡ଼ା ତାଗିଦ୍ ନଥିଲା, ଥିଲା କଠୋରତା ଓ କଟୁତା । ମାଆଙ୍କ ପ୍ରେରଣାରେ ନବମ ଲୁଇ ଭବିଷ୍ୟତରେ ଜଣେ ଲୋକପ୍ରିୟ ପ୍ରଭାବଶାଳୀ ରାଜା ହୋଇ ପାରିଥିଲେ ।

ଏ ତ ଥିଲା ମାତୃତ୍ୱର ପରାକାଷ୍ଠା ଓ ପ୍ରେରଣା ତା'ର ସନ୍ତାନ ପ୍ରତି । ଆଜିର ଆଧୁନିକ ମଣିଷ ଜଗତିକରଣ, ପାଶ୍ଚାତ୍ୟକରଣ ଓ ସହରୀକରଣର ଆଳ ଦେଖାଇ ବସ୍ତୁବାଦୀ ମୋହରେ ଅଧିକ ଅର୍ଥ ଓ ପ୍ରତିଷ୍ଠା ପଛରେ ଧାଇଁ ନୈତିକତାକୁ ହରାଇ ମାଆ ପ୍ରତି ସମ୍ମାନ ତ ଦୂରର କଥା ବରଂ ଆଧୁନିକ ସମାଜରେ ଜରାଶ୍ରମ ହିଁ ମାଆର ଶେଷ ଠିକଣା ହୋଇଛି । ମାଆ ଆଜି ବୋଝ ପାଲଟି ଯାଇଛି । ଆମେ ଭୁଲିଯିବା ଉଚିତ ନୁହେଁ ଯେ ମାତୃଶକ୍ତି ବିନା ସମାଜ ଓ ରାଷ୍ଟ୍ରର ବିକାଶ ସମ୍ଭବ ନୁହେଁ । ପ୍ରତ୍ୟେକ ମାଆ ଶାନ୍ତି, ମୈତ୍ରୀ ଓ ପ୍ରୀତିର ସ୍ୱାକ୍ଷର, ବିଶ୍ୱାସର ମେରୁଦଣ୍ଡ ଓ ପ୍ରଗତିର ପ୍ରତୀକ । ଯଦି ଆମେ ଆମ ସମାଜର ଓ ରାଷ୍ଟ୍ରର ପ୍ରତ୍ୟେକ ମାଆଙ୍କୁ ଉପଯୁକ୍ତ ସମ୍ମାନ ଦେଇ ଶୃଙ୍ଖଳିତ ହୋଇ ମାଆର ଇଚ୍ଛାକୁ ବିଶ୍ୱକଲ୍ୟାଣରେ ବ୍ରତୀ କରାଇ ଦେଶକୁ ପ୍ରଗତିପଥରେ ଆଗେଇ ନେବା, ତେବେ ଆମେ ଗଢ଼ିବା ଏକ ହିଂସାମୁକ୍ତ ଓ ଶାନ୍ତିଯୁକ୍ତ ସୁନ୍ଦର ସୁସ୍ଥ ପୃଥିବୀ । ●

କଟକ, ମୋ: ୭୮୪୬୯୨୧୪୦୦

## ଦଣ୍ଡିତ ଜଗନ୍ନାଥ

**ଲୋକକଥାରେ ଲୋକଦେବତା**

ସ୍ୱପ୍ନେଶ୍ୱର

ମାର୍ଗଶୀର ମାସର ପ୍ରତି ଗୁରୁବାର ଦିନ ଓଡ଼ିଶାର ଘରେଘରେ ମାଣ ବସେଇ ମାଆ ଲକ୍ଷ୍ମୀଙ୍କର ଆରାଧନା କରାଯାଏ । ନୂଆ ଧାନରେ ପୂର୍ଣ୍ଣ ମାଣକୁ ମାଆଙ୍କର ପ୍ରତୀକାତ୍ମକ ବିଗ୍ରହ ବୋଲି ଧରାଯାଏ । ଲକ୍ଷ୍ମୀ ସୃଷ୍ଟି ପାଳନ ପାଇଁ ଆବଶ୍ୟକ ସମସ୍ତ ସାଧନର ଅଧିଷ୍ଠାତ୍ରୀ ଦେବୀ ଏବଂ ପାଳନ କର୍ତ୍ତା ବିଷ୍ଣୁଙ୍କର ଶକ୍ତି । ତେଣୁ ଧାନ ଅମଳ ପରେ ଓଡ଼ିଆମାନେ କୃତଜ୍ଞତାର ସହ ମାଆଙ୍କର ଆରାଧନା କରନ୍ତି ।

ଥରେ ସେହିପରି ଏକ ଗୁରୁବାର ପାଳିଦିନ ପ୍ରଭାତରେ ମାଆ ମହାପ୍ରଭୁଙ୍କ ଅନୁମତି କ୍ରମେ ନଗର ଭ୍ରମଣରେ ବାହାରିଲେ । ବୁଲି ବୁଲି ମାତା ଲକ୍ଷ୍ମୀ ଏକ ଚାଣ୍ଡାଳ ସାହିରେ ପହଞ୍ଚିଲେ । ଯାଉ ଯାଉ ତାଙ୍କର ପାଦ ଗୋଟେ ଘର ସାମନାରେ ଅଟକି ଗଲା । ଘର ଭିତରୁ ଧୂପଦୀପର ସୁଗନ୍ଧ ବାହାରି ବାତାବରଣକୁ ସୁଗନ୍ଧିତ କରୁଥିଲା; ଶଙ୍ଖ ହୁଳହୁଳିର ଶବ୍ଦ ଅଞ୍ଚଳକୁ ପ୍ରକମ୍ପିତ କରୁଥିଲା । ଘର ବାହାର ପରିଷ୍କାର କରି ଝୋଟିଚିତାରେ ମଣ୍ଡଣି କରା ଯାଇଥିଲା । ମାଆ ପଦ୍ମଫୁଲର ସୁଗନ୍ଧରେ ଆକର୍ଷିତା ହୋଇ ଘର ଭିତରକୁ ଗଲେ ଏବଂ ଦେଖି ଖୁସି ହେଲେ ଯେ ଶ୍ରୀୟା ନାମକ ଜଣେ ଚଣ୍ଡାଳୁଣୀ ଭକ୍ତି ଓ ସମର୍ପଣ ଭାବ ସହ ତାଙ୍କର ପୂଜା କରୁଥିଲା । ତା'ର ଭକ୍ତି ଓ ଆନ୍ତରିକତାରେ ମାଆ ମୁଗ୍ଧ ହେଲେ ଏବଂ ତା' ଘରେ ସ୍ୱଦେହରେ ଦର୍ଶନ ଦେଇ ଅନେକ ବର ପ୍ରଦାନ କଲେ ।

ରକ୍ଷଣଶୀଳ ବଡ଼ଠାକୁର ବଳଭଦ୍ର ଯୋଗବଳରେ ଲକ୍ଷ୍ମୀ ଚଣ୍ଡାଳୁଣୀର ପୂଜା ଗ୍ରହଣ କରୁଥିବା କଥା ଜାଣି କ୍ରୋଧିତ ହେଲେ ଏବଂ ମହାପ୍ରଭୁଙ୍କ ସମସ୍ତ ବୃତ୍ତାନ୍ତ କହି ଲକ୍ଷ୍ମୀଙ୍କୁ ମନ୍ଦିରରୁ ବାହାର କରି ଦେବା ପାଇଁ ଆଦେଶ ଦେଲେ । ଜଗନ୍ନାଥ ଜାଣିଥିଲେ ଯେ ସାରା ସଂସାରର ସମସ୍ତଙ୍କୁ ସେ ସମାନ କରି ଗଢ଼ିଥିଲେ ଏବଂ ଲକ୍ଷ୍ମୀଙ୍କ ପୂଜା ଗ୍ରହଣରେ କିଛି ଅସ୍ୱାଭାବିକତା ନ ଥିଲା । ମହାପ୍ରଭୁ ବଡ଼ଭାଇଙ୍କ ନିଷ୍ପତ୍ତିକୁ ନାପସନ୍ଦ କରୁଥିଲେ ମଧ୍ୟ ଘରର ମୁରବିଙ୍କୁ ଅବମାନନା କରିବାର ଏକ ଅସୁସ୍ଥ ପରମ୍ପରା ସୃଷ୍ଟି କରିବାକୁ ଚାହୁଁ ନ ଥିଲେ । କିନ୍ତୁ ବଡ଼ଠାକୁର ଘୋଷଣା କଲେ - 'ଭାରିଜାରେ କାର୍ଯ୍ୟ ଯେବେ ଅଛିରେ କହ୍ନାଇ, ଚଣ୍ଡାଳ ସାହିରେ ଘର ତୋଳ ବେଗେ ଯାଇ ।' ଅନ୍ୟ ଉପାୟ ନ ଦେଖି ମହାପ୍ରଭୁ ଲକ୍ଷ୍ମୀ ନଗର ଭ୍ରମଣରୁ ଫେରିବା ପରେ ତାଙ୍କୁ ବଡ଼ ଭାଇଙ୍କ ନିଷ୍ପତ୍ତି ଜଣେଇ ଦେଲେ ଏବଂ ତାଙ୍କର ମନ୍ଦିର ପ୍ରବେଶକୁ ବାରଣ କଲେ ।

ଏପରି ନିଷ୍ପତି ଶୁଣି ଲକ୍ଷ୍ମୀ ମର୍ମାହତା ହେଲେ, କିନ୍ତୁ ଭାଙ୍ଗିପଡ଼ିଲେ ନାହିଁ । କାରଣ ସେ ଭଲ ଭାବରେ ଜାଣି ଥିଲେ ଯେ ସେ କିଛି ଭୁଲ କରି ନ ଥିଲେ । ଦୁଇ ଭାଇଙ୍କୁ ଏକ ଶିକ୍ଷା ଦେବା ପାଇଁ ଏହାକୁ ବ୍ୟବହାର କଲେ । ମାତା ଅଭିଶାପ ଦେଲେ-'ମୁହିଁ ଯାଉ ଅଛି ହୀନା ଅରକ୍ଷିତା ହୋଇ, ମୋର ଅଭିଶାପ ଘେନ ପ୍ରଭୁ ଭାବଗ୍ରାହୀ/ ସତେ ଯେବେ ଚନ୍ଦ୍ର ସୂର୍ଯ୍ୟ ହ୍ୱନ୍ତି ଆତଯାତୟ, ତୁମ୍ଭଙ୍କୁ ଅନ୍ନ ନ ମିଳୁ ଆହେ ଜଗନ୍ନାଥ / ବାର ବର୍ଷ ଯାଏଁ ତୁମ୍ଭେ ଦରିଦ୍ର ହୋଇବ, ଅନ୍ନ ବସ୍ତ୍ର ଜଳ ବି ତୁମ୍ଭଙ୍କୁ ନ ମିଳିବ ।'

ଲକ୍ଷ୍ମୀଙ୍କ ଅଭିଶାପ ଅନୁଯାୟୀ ଦୁଇଭାଇ ବାରବର୍ଷ ପର୍ଯ୍ୟନ୍ତ ଭୋକରେ ବାର ଦୁଆର ବୁଲିଲେ ସିନା ହେଲେ ଖାଇବାକୁ ମିଳିଲା ନାହିଁ । ଓଡ଼ିଆରେ ଏକ ଲୋକକଥା ଅଛି ଲକ୍ଷ୍ମୀଛଡ଼ାଙ୍କୁ ଖାଇବାକୁ ମିଳେ ନାହିଁ । ଜଗନ୍ନାଥ ଓ ବଳଭଦ୍ରଙ୍କ ଅବସ୍ଥା ସେୟା ହେଲା । ଶେଷରେ ଅଜାଣତରେ ଦୁଇଭାଇ ଲକ୍ଷ୍ମୀଙ୍କ ଦୁଆରକୁ ଯାଇ ଅନ୍ନଭିକ୍ଷା କଲେ । ଦୁଇ ଭାଇ ଭୋଗୀ ଥିବା ଦୁଃଖ ସେତେବେଳକୁ ମାଆଙ୍କୁ ବିଚଳିତ କରି ସାରିଥିଲା । ସେ ଦୁଇ ଭାଇଙ୍କର ମନ ମୁତାବକ ନାନା ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରି ଦାସୀମାନଙ୍କ ହାତରେ ପରଶି ଦେଲେ । ଭୋଜନ ଶେଷରେ ପୋଡ଼ପିଠା ପରଶିଲେ । ଆକଣ୍ଠ ଭୋଜନ କରି ଦୁଇ ଭାଇ ତୃପ୍ତ ହେଲା ପରେ ବଡ଼ ଠାକୁର ଜାଣିପାରିଲେ ଯେ ତାହା ଲକ୍ଷ୍ମୀଙ୍କ ହାତରନ୍ଧା । ତେଣୁ ସେ ଲକ୍ଷ୍ମୀଙ୍କୁ ଯାଇ କ୍ଷମା ମାଗି ମନ୍ଦିରକୁ ଫେରିଯିବା ପାଇଁ ଅନୁରୋଧ କରିବାକୁ ଜଗନ୍ନାଥଙ୍କୁ ଆଦେଶ ଦେଲେ । ଲକ୍ଷ୍ମୀ କେତେକ ସର୍ତ୍ତରେ ଯିବା ପାଇଁ ରାଜି ହେଲେ- 'ଏତେ କହି ଗୋବିନ୍ଦ ଧରିଲେ ଲକ୍ଷ୍ମୀ ହସ୍ତ, ଜଗତ ମାତ ବୋଇଲେ ତୁମ୍ଭେ କର ସତ୍ୟ / ଚଣ୍ଡାଳୁ ବ୍ରାହ୍ମଣ ଯାଏଁ ଖୁଆ ଖୋଇ ହେବେ, ସମସ୍ତେ ଖାଇଣ ହାତ ଜଳେ ନ ଧୋଇବେ / ହାଡ଼ିର ହାତୁ ବ୍ରାହ୍ମଣ ଛଡ଼ାଇ ଖାଇବେ, ବ୍ରାହ୍ମଣେ ଖାଇ ହାତକୁ ମୁଣ୍ଡରେ ପୋଛିବେ / ଅନ୍ନ ଖାଇ ସର୍ବେ ମୁଣ୍ଡେ ପୋଛୁଥିବେ ହସ୍ତ, ତେବେ ବଡ଼ ଦେଉଳକୁ ଯିବି ଜଗନ୍ନାଥ ।' ମହାପ୍ରଭୁ ମାଆଙ୍କର ସମସ୍ତ କଥାରେ ରାଜି ହେବାରୁ ଦୁଇ ଠାକୁର ମାଆଙ୍କ ସହ ମନ୍ଦିରକୁ ବିଜେ କଲେ । ଏହି ଲୋକକଥା ଆଧାରରେ 'ଲକ୍ଷ୍ମୀ ପୁରାଣ' ଲେଖି ମହାତ୍ମା ବଳରାମ ଦାସ ସଂସାରକୁ ଏକ ଶିକ୍ଷା ଦେବା ପାଇଁ ସଫଳ ପ୍ରୟାସ କରିଥିଲେ । ●

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୨୫ • ପାଉଣ୍ଡ ୧୧୭.୦୩
- ୟୁରୋ ୧୦୨.୯୪ • ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୭,୪୫୦ (ନୂଆଦିଲ୍ଲୀ)
- ରୁପା : ୧,୬୨,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୮୪,୫୮୭.୦୦
- ନିଫ୍ଟି ୨୫,୮୮୪.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

## କାନାରା ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳର ନୂତନ ମଣ୍ଡଳ ମୁଖ୍ୟ



ଭୁବନେଶ୍ୱର, ୨୫।୧୧ (ସମିସ): କାନାରା ବ୍ୟାଙ୍କ, ଭୁବନେଶ୍ୱର ମଣ୍ଡଳର ନୂତନ ମଣ୍ଡଳ ମୁଖ୍ୟ ଭାବେ ସୁମନ ଚକ୍ରବର୍ତ୍ତୀ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶ୍ରୀ ଚକ୍ରବର୍ତ୍ତୀଙ୍କର ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ବିଭିନ୍ନ ସ୍ଥାନରେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିବାର ଦୀର୍ଘ ୨୯ ବର୍ଷର ଅଭିଜ୍ଞତା ରହିଛି। ତାଙ୍କର ସଫଳ ନିଜର କ୍ୟାରିୟରରେ ସେ ରିଟେଲ ଆସେଟ୍ ହବ୍, ରିଜିଓନାଲ ମୁଖ୍ୟ, ଟ୍ରେଜେରୀ ପରିଚାଳନା , ମିଡ୍ କର୍ପୋରେଟ୍ କ୍ରେଡିଟ୍, ରିସ୍କ ମ୍ୟାନେଜମେଣ୍ଟ ସହିତ ହଙ୍ଗକଙ୍ଗ୍ ଏବଂ ଜୋହନସବର୍ଗର ବ୍ୟାଙ୍କର ବିଦେଶୀ ଶାଖାରେ କାର୍ଯ୍ୟ କରିଛନ୍ତି। ଶ୍ରୀ ଚକ୍ରବର୍ତ୍ତୀ ଭୁବନେଶ୍ୱରର ମଣ୍ଡଳ ମୁଖ୍ୟ ଭାବେ ବ୍ୟବସାୟିକ ଅଭିବୃଦ୍ଧିକୁ ସୁଦୃଢ଼ କରିବା, ଗ୍ରାହକ ସେବା ପ୍ରଦାନ କରିବା, କାର୍ଯ୍ୟ ଦକ୍ଷତାକୁ ବୃଦ୍ଧି କରିବା ଏବଂ ଓଡିଶାର ଗ୍ରାମୀଣ, ଅର୍ଦ୍ଧ-ସହରୀ ଓ ସହରାଞ୍ଚଳରେ ବ୍ୟାଙ୍କିଙ୍ଗ୍ ସେବାକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିବେ ବୋଲି ସୂଚନା ଦେଇଛନ୍ତି।

## ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ୪ ନୂଆ ପାସିଭ୍ ସ୍କିମ୍

ମୁମ୍ବଇ,୨୫।୧୧ : ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ ଚାରିଟି ନୂତନ ପାସିଭ୍ ସ୍କିମ୍ ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି। ସେଗୁଡିକ ହେଉଛି ଡିଏସ୍‌ପି ନିଫ୍‌ଟି ମିଡ୍‌କ୍ୟାପ ୧୫୦ ଇଣ୍ଡେକ୍ସ ଫଣ୍ଡ, ଡିଏସ୍‌ପି ନିଫ୍‌ଟି ମିଡ୍‌କ୍ୟାପ ୧୫୦ ଇଟିଏଫ, ଡିଏସ୍‌ପି ନିଫ୍‌ଟି ସ୍ମଲକ୍ୟାପ୍ ୨୫୦ ଇଣ୍ଡେକ୍ସ ଫଣ୍ଡ ଏବଂ ଡିଏସ୍‌ପି ନିଫ୍‌ଟି ସ୍ମଲକ୍ୟାପ୍ ୫୦ ଇଟିଏଫ୍। ଏହି ନୂତନ ଉତ୍ପାଦଗୁଡିକ ମିଡ୍ ଓ ସ୍ମଲ୍ କ୍ୟାପ୍ ବିଭାଗଗୁଡିକ ନିମନ୍ତେ ନିୟମ ଆଧାରିତ, କମ୍ ଖର୍ଚ୍ଚସାପେକ୍ଷ ସୁଯୋଗ ଯୋଗାଇଦେଇ ଡିଏସ୍‌ପିର ପରୋକ୍ଷ ପୁଞ୍ଜିନିବେଶ କ୍ଷେତ୍ରକୁ ସୁଦୃଢ଼ କରୁଛି।

# ୨୦୨୭ ସୁଦ୍ଧା ଅଧା ହୋଇଯିବ ତେଲ ଦର

## ୩୦ ଡଲାର ତଳକୁ ଖସିଆସିବ ଅଶୋଧିତ ତୈଳ




## ବିଶ୍ୱ ବଜାରରେ ଚାହିଦା ଅପେକ୍ଷା ୩ ଗୁଣ ବଢ଼ିବ ଯୋଗାଣ

ନୂଆଦିଲ୍ଲୀ,୨୫।୧୧(ଏଜେନ୍ସି): ଆଗାମୀ ଦିନରେ ଦିନରେ ଦେଶରେ ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ମୂଲ୍ୟ ହ୍ରାସ ପାଇପାରେ। ଆର୍ଥିକବର୍ଷ ୨୦୨୭ ସୁଦ୍ଧା ବିଶ୍ୱ ବଜାରରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ପ୍ରତି ବ୍ୟାରେଲ ୩୦ ଡଲାରକୁ ହ୍ରାସ ପାଇପାରେ। ଏହାର ମୁଖ୍ୟ କାରଣ ହେଉଛି, ଯେତେବେଳେ ବିଶ୍ୱରେ ତୈଳ ଯୋଗାଣ ଚାହିଦାଠାରୁ ବହୁତ ଅଧିକ ରହିବ ସେତେବେଳେ ତେଲ ଦରରେ ଏଭଳି ପରିବର୍ତ୍ତନ ଘଟିବ ବୋଲି ବିଶ୍ୱ ସ୍ତରୀୟ ରେଟିଂ ଏଜେନ୍ସି ଜେପି ମୋର୍ଗାନ୍ କହିଛି। ଏହା ଭାରତ ଭଳି ଦେଶ ପାଇଁ ଭଲ ଖବର। ସୂଚନାଯୋଗ୍ୟ ଯେ, ଭାରତ ଏହାର ଅଶୋଧିତ ତୈଳ ଆବଶ୍ୟକତାର ୮୫% ରୁ ଅଧିକ ଆମଦାନୀ କରିଥାଏ।

ଜେପି ମୋର୍ଗାନର ସଦ୍ୟତମ ପୂର୍ବାନୁମାନ ଅନୁଯାୟୀ, ଆଗାମୀ ତିନି ବର୍ଷ ମଧ୍ୟରେ ତୈଳ ବ୍ୟବହାର ବୃଦ୍ଧି ପାଇବ, କିନ୍ତୁ ତୈଳ ଉତ୍ପାଦନ ଆହୁରି ଦ୍ରୁତ ଗତିରେ ବୃଦ୍ଧି ପାଇବ। ବିଶେଷକରି ଓପେକ୍ ପ୍ଲସ୍ ରାଷ୍ଟ୍ରଙ୍କ ବ୍ୟତୀତ ଅନ୍ୟ ଦେଶଗୁଡ଼ିକ ମଧ୍ୟ ଅଶୋଧିତ ତୈଳ ଉତ୍ପାଦନ ବୃଦ୍ଧି କରିବେ। ରିପୋର୍ଟ ଅନୁଯାୟୀ, ବିଶ୍ୱ ବଜାରରେ ତେଲ ଯୋଗାଣ ଚାହିଦା ଅପେକ୍ଷା ପ୍ରାୟ ତିନି ଗୁଣ ଦ୍ରୁତ ଗତିରେ ବୃଦ୍ଧି ପାଇବ। ୨୦୨୭ରେ ଯୋଗାଣ ବୃଦ୍ଧିର ଗତି ସାମାନ୍ୟ ହ୍ରାସ ପାଇବ, କିନ୍ତୁ ଏହା ବଜାର ପାଇଁ ଗୁରୁତ୍ୱପୂର୍ଣ୍ଣ ରହିବ। ଚାହିଦା ଏବଂ ଯୋଗାଣରେ ଏହି ଅସନ୍ତୁଳନ ଅଣ-ଓପେକ୍ ପ୍ଲସ୍ ଦେଶଗୁଡ଼ିକରୁ ତୈଳ ଉତ୍ପାଦନ ବୃଦ୍ଧି ହେତୁ ହୋଇଛି। ୨୦୨୭ ସୁଦ୍ଧା ମୋଟ ଯୋଗାଣ ବୃଦ୍ଧିର ଅଧା ଏହି ଦେଶଗୁଡ଼ିକରୁ ଆସିବ। ଏହି ଅସନ୍ତୁଳନ ଯୋଗୁଁ, ୨୦୨୬ ରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ୬୦ ଡଲାର ତଳକୁ ଖସିଯାଇ ବର୍ଷର ଶେଷ ତିନି ମାସରେ ୫୦ ଡଲାରରେ ପହଞ୍ଚିପାରେ। ୨୦୨୭ ସୁଦ୍ଧା, ହାରାହାରି ମୂଲ୍ୟ ୪୨ ଡଲାରକୁ ଯାଇ ବର୍ଷ ଶେଷ ସୁଦ୍ଧା ୩୦ ଡଲାର ତଳକୁ ମଧ୍ୟ ଖସିଯାଇପାରେ। ବର୍ତ୍ତମାନ, ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ପ୍ରତି ବ୍ୟାରେଲ ୬୦ ଡଲାର ଉପରେ କାରବାର କରୁଛି।

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର,୨୫।୧୧(ସମିସ): ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ୱାର୍ଲ୍ଡ ସ୍କିଲ୍ ସେଣ୍ଟରଠାରେ ୧୮ତମ ସିକେୱାଇସିଆର୍ଆର୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ବରିଷ୍ଠ ଅଧିକାରୀମାନଙ୍କ ସମେତ ଭୁବନେଶ୍ୱର ସହର ଅନ୍ତର୍ଗତ ବିଭିନ୍ନ ବ୍ୟାଙ୍କର ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ମୁଖ୍ୟ କାର୍ଯ୍ୟାଳୟର କେୱାଇସି ମହାପ୍ରବନ୍ଧକ ସୁନିଲ କୁମାର, ଅର୍ଥ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଡିଏଫ୍ଏସ୍ ସୁଧିର ଶ୍ୟାମ ,ମୁଖ୍ୟ ମହାପ୍ରବନ୍ଧକ ପ୍ରବୀଣ ଶର୍ମା, ସେରସାଇର ଏମ୍‌ଡି ଉମେଶ କୁମାର ସିଂ, ଫିଉ-ଇଣ୍ଡର ଡେପୁଟୀ ଡାଇରେକ୍ଟର ହନି ପାଟଡି, ମୁଖ୍ୟ ମହାପ୍ରବନ୍ଧକ ତଥା ଏସ୍ଏଲ୍‌ବିସି ସଂଯୋଜକ ଗୌତମ ପାତ୍ର ଏବଂ ଭୁବନେଶ୍ୱରର ଅଞ୍ଚଳ ପ୍ରବନ୍ଧକ ଏଚ୍. କେ ଦାସ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମେନ୍ଦ୍ରଙ୍କୁ ଭାରତ ମସଲାର ଶ୍ରଦ୍ଧାଞ୍ଜଳି




କଟକ,୨୫।୧୧(ସମିସ): ଭାରତ ମସଲାକୁ ବିଶ୍ୱଦରବାରରେ ପହଞ୍ଚାଇବାରେ ଧର୍ମେନ୍ଦ୍ରଙ୍କର ରହିଛି ମହତ୍ୱପୂର୍ଣ୍ଣ ଅବଦାନ। ୨୦୧୫ରୁ ସେ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ଭାବେ କାର୍ଯ୍ୟ କରି ଆସୁଥିଲେ। ତାଙ୍କର ଦେହାନ୍ତ ଖବର ପାଇ ଭାରତ ମସଲା କମ୍ପାନୀର ପ୍ରତ୍ୟେକ ସଦସ୍ୟ ଆଜି ଦୁଃଖରେ ମ୍ରିୟମାଣ। ଆଜିଠାରୁ ଧର୍ମେନ୍ଦ୍ରଜୀଙ୍କ ସ୍ୱରରେ ଟିଭି ପରଦାରେ ଆଉ ଶୁଭିବନି ଭାରତ ମସଲା 'ଦି ଟେଷ୍ଟ ଅଫ ନିଉ ଇଣ୍ଡିଆ' ବୋଲି ଧର୍ମେନ୍ଦ୍ରଙ୍କ ବିୟୋଗରେ ଶୋକ ବ୍ୟକ୍ତ କରି କହିଛନ୍ତି ଭାରତ ମସଲାର ଏମ୍‌ଡି ସୁଶାନ୍ତ କୁମାର ପଣ୍ଡା। କଟକ ବାରଙ୍ଗସ୍ଥିତ ରାମଦାସପୁର କମ୍ପାନୀ ପରିସରରେ ଆୟୋଜିତ ଶୋକସଭାରେ ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଏସଏନ ମିଲେନିୟମ, ଜିଏମ୍ ଅପରେସନ ଅରୁଣ କୁମାର ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନ ଓ ଲୋକ ସମ୍ପର୍କ ଅଧିକାରୀ ଆଶିଷ ମଚ୍ଛନ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।


**ADMISSION NOTICE-2025-26**

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

*Campus:* 262, Puranpadhan, Balakati, Bhubaneswar

Mob. 7019799641, 7978608747 9853801459

Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**LOST**

I, **Saroj Kumar Sahu**, S/o- Jagadananda Sahu, resident of Vill/PO: Purena, PS/Teh: Padampur, Dist: Bargarh, Odisha do hereby declare that, the original Regd. Sale Deed bearing No. 10171401541 dtd- 31.07.2014 & the original patta of M.S.R.O.R Khata No. 152/334 (Issue dt. 23.09.2021) Mouza- Purena, PS- Padampur, Dist: Bargarh has been lost somewhere while I was going from my house at Purena to Padampur on dt. 29/10/2025. If anyone finds it kindly contact to my address. If anyone will misutilize it, we will not be responsible for it.

**Saroj Kumar Sahu**

**NOTICE**

By virtue of an affidavit sworn before **Hemangini Majhi O.R.S Executive Magistrate, Kakatpur**, dated 21/11/2025, **LAXMIPRIYA BEHERA**, W/o Ajay Behera permanent resident of Tentulia, Po: Bangurigaon, Ps - Kakatpur, Dist- Puri, State- Odisha, Pin-752118 declare that I have changed my daughter's name from **PRAGNAYAPARIMITA BEHERA** to **PRANGA PARIMITA BEHERA.** Henceforth, she shall be known as **PRANGA PARIMITA BEHERA** for all future purposes.

(Sd- **LAXMIPRIYA BEHERA**)

B-733

E-mail ID: eerbngpur@yahoo.com
Tel & Fax -06858-222833 (O)

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, NABARANGPUR (R&B) DIVISION, NABARANGPUR**

**e-Procurement Notice**

**Bid Identification No. S.E (R&B)-22/2025-26/NGP**

**No.6364/Date 17.11.2025**

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e www.tendersodisha.gov.in.

1. Name of the Work : Electrical Work as mentioned in DTCN
2. No. of Work : 05 Nos.
3. Estimated Cost : Rs. 6.73 Lakhs to 37.47 Lakhs
4. Period of completion : 2 Calendar of Months
5. Date & Time of Bidding : From 11.00 hours of 25.11.2025. upto 16.00 hours of 05.12.2025.
6. Last date & time for receipt of bids in portal : 16.00 hours of 05.12.2025.
7. Bids received online shall be opened on : 11.00 hours of 06.12.2025.
8. Name and address of the officer inviting Bid : Superintending Engineer, Nabarangpur(R&B)Division, Nabarangpur

Further details can be seen from the www.tendersodisha.gov.in

OIPR-

Superintending Engineer
Nabarangpur (R&B) Division

**AFFIDAVIT**

By virtue of an affidavit sworn before The Notary Public, Bhubaneswar, date- 18/11/2025. I, Susit Kumar Jena, S/o Nimain Charan Jena, resident of Flat No. 401, Manjulata Mansion, Nandan Vihar, Kalarahanga, Bhubaneswar, DIst- Khordha, PIN- 751024, Odisha declare that I have changed my minor daughter's name from **Sritika Sephali Jena to Sritika Jena.** Henceforth, she shall be known as **Sritika Jena** (new name) for all purposes.

**Susit Kumar Jena**

**AFFIDAVIT**

By virtue of an affidavit no. 4439, before the Executive Magistrate, Salipur, Cuttack on dtd.24.11.2025, I, WAZDA TABSUM, W/o- Mohammed Habib, resident of At/Po: Tilda, Ps: Salipur, Dist: Cuttack, Odisha, do hereby declare that my name has been wrongly mentioned as WAZEDA TABASSUM in some documents, whereas my correct and actual name is **WAZDA TABSUM** both names refer to the same and one person, i.e., myself. Henceforth, I shall be known as **WAZDA TABSUM** for all purposes.

**NOTICE**

By virtue of an affidavit sworn before Executive Magistrate, Puri, dated 20.11.2025 I, Sujata Mallik, D/o: Duryodhana Mallik, Vill- Balipadia, Po: Gorual, Ps: puri sadar, Dist: Puri, Pin: 752002, odisha declare that I have changed my name from Puja Mallik to Sujata Mallik. Henceforth, I shall be known as Sujata Mallik for all purposes.

**Sujata Mallik**

**AFFIDAVIT**

By virtue of an affidavit sworn before NOTARY PUBLIC, KESINGA, Dated 24/11/2025. I, PRIYA RANJAN SADANGI, S/o- Niranjan Sarangi, At: Bagad, Po/Ps - Kesinga, Dist.: Kalahandi, Odisha declare that, I have changed my name from PRIYA RANJAN SADANGI to PRIYA RANJAN SARANGI. Henceforth, I shall be known as PRIYA RANJAN SARANGI for all purpose.

**PRIYA RANJAN SARANGI**

**AFFIDAVIT**

**I, Jitendra Kumar Behera,** S/o.: Kuda Behera, Permanent resident of At/PO.: Arkil, P.S.: Rengali Dam Side, Dist.: Angul, Odisha-759100 declare by this Affidavit No.: 5927, sworn before Executive Magistrate, Angul on Dt.11.11.2025 that from now onwards my name Jitendra Behera will be known as **Jitendra Kumar Behera** for all future legal purposes.

**AFFIDAVIT**

By virtue of an affidavit sworn before NOTARY PUBLIC, KESINGA, Dated 24/11/2025. I, CHANMIYI DAS, W/o- Priya Ranjan Sarangi, At: Bagad, Ward No. 2, Po/Ps - Kesinga, Dist.: Kalahandi, Odisha declare that, I have changed my name from CHANMIYI DAS to CHINMAYEE DASH. Henceforth, I shall be known as CHINMAYEE DASH for all purpose.

**CHINMAYEE DASH**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 15/11/2025. I, **Susanta Behera** (new name), formerly called as Shushant Behera (old name), S/o- Balakrishna Behera, permanent resident of AT/PO- Rigdul, PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my name from **Shushant Behera** (old name) to **Susanta Behera** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Susanta Behera** (new name) for all future purposes.

**Susanta Behera**

**AFFIDAVIT**

By virtue of an affidavit sworn before NOTARY PUBLIC, KESINGA, Dated 24/11/2025. I, PRIYA RANJAN SARANGI, S/o- Niranjan Sarangi, At: Bagad, Po/Ps - Kesinga, Dist.: Kalahandi, Odisha declare that, I have changed my daughter's name from SANTIDAUPA SADANGI to SHANTADWEEPA SARANGI. Henceforth, she will be known as SHANTADWEEPA SARANGI for all purpose.

**PRIYA RANJAN SARANGI**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar Address dated 21.11.2025, I, Baidhar Shau, Vill-Narasinghpur, P.O.:- Bhandaridiha, Dist-Kendujhar, Odisha Pin-758025 declare that, I have changed the name of my daughter from Dipika Priyadarshini Shau to Dipika Priyadarshini Sahu. Henceforth, she shall be known as Dipika Priyadarshini Sahu for all purposes.

**AFFIDAVIT**

I, Sutapali Balajee, S/o- Sri Surya Narayan Sutapali, Resident of Dasarathi Street, Bell Road, Back side of Old Bhaskar Rao Pan Shop, Jeypore L/R, Po./Ps.- Jeypore Town, Dist.- Koraput, Odisha declare by this affidavit no. 1043, dated- 25/11/2025 that, now onwards I shall be known as **SUTAPALI BALAJI** for all future purposes.

**AFFIDAVIT**

I, Sakuntala Chintala, W/o Eswara Rao Chintala, resident of B-801, Tamarind Terraces, Sailashree Vihar, Bhubaneswar-751021, Odisha declare by this affidavit no: IN-KA64946288954308X, dt- 09/10/2025 that now onwards I shall be known as **SAKUNTALA SAHU** for all future purposes.

**GOVERNMENT OF ODISHA**
**ST & SC DEVELOPMENT DEPARTMENT**
**INTEGRATED TRIBAL DEVELOPMENT AGENCY: CHAMPUA**
**DIST- KEONJHAR**
**"e" procurement Notice**
**Bid Identification No. ITDACH.-04/2025-26**
**No. 1915 Dt. 25.11.2025**
**e-mail: itda.champua@gmail.com**

1. No. of the work :- 02 Nos of Construction work.
2. Estimated cost :- Rs. 260.76 to Rs.260.76 lakh
3. Period of completion :- **09 (Nine Calender Months)**
4. Date and Time of availability of Bid document in the portal:- From 10.00 Hr **02.12.2025** to 17.30 Hr of **13.12.2025**
5. Last date / Time for receipt of bids in the portal :- 17.30 Hr of **13.12.2025.**
6. Date of opening of Bid from Portal :- 11.30 Hr of **15.12.2025.**
7. Name and address of the officer inviting Bid :- Project Administrator, I.T.D.A., Champua

**Further details can be seen from the e-procurement portal "http://tendersorissa.gov.in"**

**Project Administrator,**
**I.T.D.A., Champua.**

यूनियन बैंक ऑफ इंडिया | Union Bank of India
भारत सरकार का उपक्रम | A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।**

ଏତଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୧୧.୧୨.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତା/ କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା / ବକେୟା ଦେୟ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
| --- | --- | --- | --- |
| ୧. | **ଭାବିନିପୁର ଶାଖା, ଫୋନ୍: ୭୨୦୫୨୨୭୫୭୦/** **୧) ବି ଚନ୍ଦ୍ରୟା,** ପିତା: ବୁରୁଡୁ ସାତେୟା, ପଡା ପେଣ୍ଠାପଲ୍ଲୀ, ବାହାଦୁର ପେଟା, ଡୁରା, ଗଞ୍ଜାମ, **୨) ବି ଲଚିମି ଆମ୍ମା,** ସ୍ୱାମୀ: ବି ଚନ୍ଦ୍ରୟା, ପଡା ପେଣ୍ଠାପଲ୍ଲୀ, ବାହାଦୁର ପେଟା, ଡୁରା, ଗଞ୍ଜାମ, ଓଡ଼ିଶା, **୩) ରବି ନାରାୟଣ ସାହୁ,** ପିତା: କୃଷ୍ଣ ଚନ୍ଦ୍ର ସାହୁ, ବିଜୟ ବିହାର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା / **ମୋଟ ବକେୟା: ୦୨.୦୧.୨୦୨୦ ସୁଦ୍ଧା ଟ.୬,୭୩,୯୬୨/-** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ବି ଲଚିମି ଆମ୍ମାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୨୧୧, ଖାତା ନଂ.: ୧୨୯୦/୯୮୭, କ୍ଷେତ୍ର: ଏକର୦.୦୨୫ ଡିସିମିଲି, ରେଭିନ୍ୟୁ ମୌଜା: ଡୁରା, ପଡା ପେଣ୍ଠାପଲ୍ଲୀ, ବାହାଦୁର ପେଟା, ଡୁରା, ତହସିଲ: କନିସି, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପି ଏରମ୍ମାଙ୍କ ଗୃହ, ପଶ୍ଚିମ: ବି ସାତେୟାଙ୍କ ଗୃହ, ଉତ୍ତର: ଦଣ୍ଡାସୀ ଷ୍ଟ୍ରିଟ୍, ଦକ୍ଷିଣ: ରାସ୍ତା | ଟ.୧୧,୩୨,୫୦୦/- / ଟ.୧,୧୩,୨୫୦/- / ଟ.୧୧,୫୦୦/- |
| ୨. | **ନୀଳକଣ୍ଠନଗର ଶାଖା,ଫୋନ୍: ୯୮୬୧୨୮୧୨୩୪ /** **୧) ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ,** ପିତା: ଅଭିମନ୍ୟୁ ବିଶ୍ୱାଳ/ ସୁରକ୍ଷା ବିଶ୍ୱାଳ, ସା: ରାମ ନଗର ୨ୟ ଲେନ୍, କମାପଲ୍ଲୀ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୦୦୦୨, **୨) ଶ୍ରୀ ନୀଳକଣ୍ଠ ମହାନ୍ତି,** ପିତା: ଶ୍ରୀ ସୁଦର୍ଶନ ମହାନ୍ତି, ସା: ଶାସ୍ତ୍ରୀ ନଗର-୨, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୧୦୧୮ / **ମୋଟ ବକେୟା: ୦୬.୦୪.୨୦୨୦ ସୁଦ୍ଧା ଟ.୧୯,୧୫,୨୯୧.୫୦** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ**ଙ୍କ ନାମରେ ଥିବା ଜମି ସହିତ ଫାଉଣ୍ଡେସନ୍ ଷ୍ଟ୍ରକଚର ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪୨୬୭/୧୫୬୩୯/୧୬୮୩୭, ଖାତା ନଂ.: ୧୫୩୦/୭୯୪୧, ମୌଜା: ଭାବିନିପୁର, ରେଭିନ୍ୟୁ ସର୍କଲ: ବଡ଼କୁଶସ୍ଥଳି, ଥାନା: ବ୍ରହ୍ମପୁର ସଦର, ତହସିଲ: କନିସି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଗୃହ ସମ୍ପତ୍ତିର **ସମୁଦାୟ ପରିମିତ କ୍ଷେତ୍ର: ଏକର ୦.୦୧୪ ଡ଼ିସିମିଲି,** ଏହାର ଚାରିପାର୍ଶ୍ୱରେ ପୂର୍ବ: ନୀଳକଣ୍ଠ ମହାନ୍ତିଙ୍କ ସମ୍ପତ୍ତି, ପଶ୍ଚିମ: ସନ୍ତୋଷ କୁମାର ସାହୁ ଏବଂ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ସମ୍ପତ୍ତି, ଉତ୍ତର: ପ୍ଲଟ୍ ନଂ.: ୪୨୪୪, ଦକ୍ଷିଣ: ରାସ୍ତା | ଟ.୧୧,୨୮,୦୦୦/- / ଟ.୧,୧୫,୦୦୦/- / ଟ.୧୨,୦୦୦/- |
| ୩. | **ଦିଗପହଣ୍ଡି ଶାଖା, ଫୋନ୍: ୯୭୦୪୯୧୯୨୭୦ /** ୧) ମେସର୍ସ ଅଏଲଲେସ୍ ଫୁଡ଼ ଇଣ୍ଡଷ୍ଟ୍ରି, ସ୍ୱତ୍ୱାଧିକାରୀ: **ଶ୍ରୀମତୀ ହିଙ୍ଗଲ ତିଳତମା ରେଡ୍ଡୀ,** ସା/ପୋ.: ଗୋକର୍ଣ୍ଣପୁର, ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା - ୭୬୧୦୧୨, **୨) ଶ୍ରୀ ହିଙ୍ଗଲ ସୁରେନ୍ଦ୍ର ରେଡ୍ଡୀ,** ପିତା: ଶ୍ରୀ ହିଙ୍ଗଲ ସୋମନାଥ ରେଡ୍ଡୀ, ସା/ପୋ.: ଗୋକର୍ଣ୍ଣପୁର, ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା - ୭୬୧୦୧୨ / **ମୋଟ ବକେୟା: ୧୦.୧୦.୨୦୨୨ ସୁଦ୍ଧା ଟ.୧୧,୪୯,୧୦୬.୬୭** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ହିଙ୍ଗଲ ସୁରେନ୍ଦ୍ର ରେଡ୍ଡୀ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୭୧୭, ଖାତା ନଂ.: ୬୬୯, ରେଭିନ୍ୟୁ ମୌଜା: ଗୋକର୍ଣ୍ଣପୁର, ତହସିଲ/ଏସ୍ଆର୍‌ଓ: ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର ୦.୦୨୦ ଡିସିମିଲି ଯାହା ୮୭୧ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଶିବରାମ ମହାରଣାଙ୍କ ଜମି, ପୂର୍ବ: ଏଚ୍ ରଘୁନାଥ ରେଡ୍ଡୀଙ୍କ ଗୃହ, ପଶ୍ଚିମ: ଏଚ୍ କସ୍ତୁରୀଙ୍କ ଗୃହ | ଟ.୧୮,୩୫,୦୦୦/- / ଟ.୧,୮୩,୫୦୦/- / ଟ.୧୯,୦୦୦/- |
| ୪. | **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /** **୧) ଶ୍ରୀ ପ୍ରଭାକର ସାହୁ,** ପିତା: ଶ୍ରୀ ଅଶୋକ କୁମାର ସାହୁ, ସା: ଆରୁଆପଲ୍ଲୀ, ଗଞ୍ଜୁ, ଗୋପାଳପୁର, ଗଞ୍ଜାମ, ଓଡ଼ିଶା, **୨) ଶ୍ରୀ ଅଶୋକ କୁମାର ସାହୁ,** ପିତା: ଶ୍ରୀ ଖଲ୍ଲି ସାହୁ, ସା: ଆରୁଆପଲ୍ଲୀ, ଗଞ୍ଜୁ, ଗୋପାଳପୁର, ଗଞ୍ଜାମ, ଓଡ଼ିଶା / **ମୋଟ ବକେୟା: ୦୧.୦୯.୨୦୧୮ ସୁଦ୍ଧା ଟ.୧୦,୨୧,୪୬୪/-** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଅଶୋକ କୁମାର ସାହୁ(ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପରିମିତ କ୍ଷେତ୍ର:୧୦୮୯ ବର୍ଗଫୁଟ, ପ୍ଲଟ୍ ନଂ.: ୧୧୧୮, ଖାତା ନଂ.: ୪୭୦/୨୮୧, ରେଭିନ୍ୟୁ ମୌଜା: ଆରୁଆପଲ୍ଲୀ, ଆରୁଆପଲ୍ଲୀ, ଗଞ୍ଜୁ, ଗଞ୍ଜାମ ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ତ୍ରିନାଥ ସାହୁଙ୍କ ଗୃହ, ପଶ୍ଚିମ: ନରସିଂଘ ସାହୁଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ସୀମା ବେହେରାଙ୍କ ସମ୍ପତ୍ତି | ଟ.୨୯,୦୩,୦୦୦/- / ଟ.୨,୯୦,୩୦୦/- / ଟ.୨୯,୧୦୦/- |
| ୫. | **କୁଲ୍ଲାଡ ଶାଖା, ଫୋନ୍: ୭୦୦୪୮୩୬୬୭୬ /** **୧) ରବିନ୍ଦ୍ର ନାୟକ,** ପିତା: ବିଜୟ ନାୟକ, **୨) ବିଜୟ ନାୟକ,** ପିତା: ସହଦେବ ନାୟକ, ଉଭୟଙ୍କ ଠିକଣା- ସା.: ରାଇପଲ୍ଲୀ, ପୋ.: ତିଳିସିଙ୍ଗି, ଭାୟା: କୁଲ୍ଲାଡ, ଗଞ୍ଜାମ, ଓଡିଶା-୭୬୧୧୩୧ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୮,୯୪,୧୦୫.୭୦** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **୧) ରବିନ୍ଦ୍ର ନାୟକ,** ପିତା: ବିଜୟ ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ମୌଜା: ବାଲିଆପଟା, ଏସ୍ଆର୍‌ଓ /ତହସିଲ: ଘୁମୁସର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୬୮/୧୦୦, ପ୍ଲଟ୍ ନଂ.: ୭୬୭/୧୨୦୮, କ୍ଷେତ୍ର: ଏକର ୦.୨୦୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ : ଉମା ଚରଣ ପ୍ରଧାନଙ୍କ ଜମି, ପଶ୍ଚିମ: ଶତୃଘନ ପ୍ରଧାନଙ୍କ ଜମି, ଦକ୍ଷିଣ: ରବିନ୍ଦ୍ର ନାୟକଙ୍କ ପ୍ଲଟ୍ ନଂ.: ୭୬୮, ଉତ୍ତର: ରାସ୍ତା, **୨) ବିଜୟ ନାୟକ,** ପିତା: ସହଦେବ ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ମୌଜା: ରାଇପଲ୍ଲୀ, ଏସ୍ଆର୍‌ଓ / ତହସିଲ: ଘୁମୁସର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୨୩, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର ୦.୦୩୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଲିଙ୍ଗରାଜ ପ୍ରଧାନଙ୍କ ଜମି, ଦକ୍ଷିଣ: କାଶୀନାଥ ଗୌଡଙ୍କ ଜମି, ଉତ୍ତର: ତ୍ରିନାଥ ନାୟକଙ୍କ ଜମି, ପଶ୍ଚିମ: ରାସ୍ତା | (୧) ଟ.୧୧,୬୬,୦୦୦/- / ଟ.୧,୨୦,୦୦୦/- / ଟ.୧୨,୦୦୦/- (୨) ଟ.୫,୮୫,୦୦୦/- / ଟ.୬୦,୦୦୦/- / ଟ.୬,୦୦୦/- |
| ୬. | **ରମ୍ଭା ଶାଖା, ଫୋନ୍: ୯୮୬୧୦୧୪୪୯୦ /** **୧) ରଞ୍ଜନ କୁମାର ନାହାକ,** ପିତା: ରାମ ଚନ୍ଦ୍ର ନାହାକ, **୨) ଗୁରୁବାରୀ ନାହାକ (ବନ୍ଧକଦାତା/ଗ୍ୟାରେଣ୍ଟିଦାତା),** ସ୍ୱାମୀ: ରାମ ଚନ୍ଦ୍ର ନାହାକ, **୩) ବିକ୍ରମ କୁମାର ନାହାକ,** ପିତା: ହାଡୁ ବନ୍ଧୁ ନାହାକ, ସମସ୍ତଙ୍କ ଠିକଣା- ସା: ମଧୁରଚୁଆ, ପୋ: ରମ୍ଭା, ଗଞ୍ଜାମ, ପିନ୍-୭୬୧୦୨୮ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୨,୫୩,୭୨୦.୦୭** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଗୁରୁବାରୀ ନାହାକ,** ସ୍ୱାମୀ: ରାମ ଚନ୍ଦ୍ର ନାହାକ, ସା: ମଧୁରଚୁଆ, ପୋ: ରମ୍ଭା, ଗଞ୍ଜାମଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ସା: ଏନ୍‌ଏସି ମେନ୍ ରୋଡ୍, ହାଇସ୍କୁଲ ସମ୍ମୁଖ, ମୌଜା: ମଧୁରଚୁଆ, ଥାନା: ରମ୍ଭା, ତହସିଲ/ ଜିଲ୍ଲା: ଗଞ୍ଜାମ, ପ୍ଲଟ୍ ନଂ.: ୫୧୩, ଖାତା ନଂ.:୧୯୫ (ପୁରୁଣା), ଖାତା ନଂ.: ୩୧୨/୨୧୩ (ନୂତନ), କ୍ଷେତ୍ର: ଏକର୦.୦୩୬ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ନାହାକଙ୍କ ଗୃହ, ପଶ୍ଚିମ: ଭିକାରୀ ନାହାକଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ଯୋଗୀ ମହାପାତ୍ରଙ୍କ ଜମି | ଟ.୧୩,୧୦,୦୦୦/- / ଟ.୧,୩୧,୦୦୦/- / ଟ.୧୫,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ : ତା.୧୧.୧୨.୨୦୨୫ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : **https://baanknet.com**

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ତା.୧୧.୧୨.୨୦୨୫ରିଖ ଇ-ନିଲାମ ଆରମ୍ଭ ସୁଦ୍ଧା

ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ: ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡ଼ିକୁ ତନଖି କରିବାର ତାରିଖ ଏବଂ ସମୟ : ତା.୧୦.୧୨.୨୦୨୫ରିଖ ସୁଦ୍ଧା ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ,ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: **https://baanknet.com and https://www.unionbankofindia.co.in/auction-property/view-auction-property.aspx** ଦେଖନ୍ତୁ। ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ଦୁର୍ଗା ପ୍ରସାଦ ବେହେରା, ମୋ.: ୬୨୮୯୨୪୬୪୯୨

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି, ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: ବ୍ରହ୍ମପୁର, ତାରିଖ: ୨୫.୧୧.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଦେବଗଡ଼ରେ ଧାନ ସଂଗ୍ରହ ପାଇଁ ପ୍ରସ୍ତୁତି

ଦେବଗଡ଼, ୨୫।୧୧(ସମିସ)



ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ୨୦୨୫ ଖରିଫ ବିପଣନ ବର୍ଷ ନିମନ୍ତେ ଧାନ ସଂଗ୍ରହ କମିଟି ପ୍ରସ୍ତୁତି ବୈଠକ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଅରୁଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାରେ ଡିସେମ୍ବର ୧୯ ତାରିଖ ଠାରୁ ପ୍ରତି ମଣ୍ଡିରେ ଧାନ କ୍ରୟ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏପର୍ଯ୍ୟନ୍ତ ଜିଲ୍ଲାର ୨୧, ୪୧୪ ଜଣ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇଥିବା ବୈଠକରେ ସୂଚନା ପ୍ରଦାନ କରାଯାଇଛି। ଧାନମଣ୍ଡି ଖୋଲିବା ପୂର୍ବରୁ ପ୍ରତ୍ୟେକ ମଣ୍ଡିରେ ପ୍ରାମାଣିକ ଓଜନ କଣ୍ଟା, ଏଫଏକ୍ୟୁ ମାନ ପରୀକ୍ଷଣ ଯନ୍ତ୍ରପାତି, ମାନ ପରୀକ୍ଷଣ କର୍ମଚାରୀ ଉପଲବ୍ଧ କରାଇବାକୁ ନିୟନ୍ତ୍ରିତ ବଜାର କମିଟିକୁ ଜିଲ୍ଲାପାଳ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଧାନ କ୍ରୟ ସମୟରେ କୌଣସି ଆପତ୍ତି ଅଭିଯୋଗ କରିବା ନିମନ୍ତେ ୧୯୬୭ ଟୋଲ ଫ୍ରି ନମ୍ବର, ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ମୋବାଇଲ ନମ୍ବର ଓ ଏଫଏକ୍ୟୁ ମାନ ସମ୍ପର୍କରେ ବହୁଳ ପ୍ରଚାର ନିମନ୍ତେ ନିୟନ୍ତ୍ରିତ ବଜାର କମିଟିକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ଧାନ ମଣ୍ଡିରେ କମ୍ପ୍ୟୁଟର, ପ୍ରିଣ୍ଟର, ଇଣ୍ଟରନେଟ, ଇନଭର୍ଟର ଓ ଇଲେକ୍ଟ୍ରିସିଟି ଆଦି ଉପଲବ୍ଧ କରାଇବାକୁ ଜିଲ୍ଲା ସମବାୟ ସମିତିର ଉପନିବନ୍ଧକ ଭୀମସେନ ସାହୁ ଓ ସହକାରୀ ନିବନ୍ଧକ ସଚ୍ଚିଦାନନ୍ଦ ଜେନାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ୍ ଚୋପଦାର୍, ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ଜିଲ୍ଲା କୃଷି ଅଧିକାରୀ ସଞ୍ଜୟ ପାତ୍ର, ଜିଲ୍ଲା ଯୋଗାଣ ଅଧିକାରୀ କିଶୋର ଚନ୍ଦ୍ର ମହାରଣା, ସମବାୟ ସମିତି ସମୂହର ଉପନିବନ୍ଧକ ଭୀମସେନ ସାହୁ, ସଚ୍ଚିଦାନନ୍ଦ ଜେନା, କୃଷକ ପ୍ରତିନିଧି ପ୍ରଭାସ ମିଶ୍ର, ରଞ୍ଜିତ ପଟେଲ, ସନ୍ତୋଷ ସାହୁ, ମୀନକେତନ ପ୍ରଧାନ, ଯୋଗେଶ୍ୱର ବିଶ୍ୱାଳ, ଅରୁଣ ସାହୁ, ପ୍ରମୋଦ ଝାଙ୍କର୍, ତିଳେଇବଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ରାଇସ ମିଲର ମନୋଜ ଅଗ୍ରୱାଲ, ସଞ୍ଜୟ ଅଗ୍ରୱାଲ, କ୍ରୀଷ୍ଣା ଅଗ୍ରୱାଲ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ, ଯୋଗାଣ ବିଭାଗର କର୍ମଚାରୀ ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

## ଚାନ୍ଦିନୀମାଲ ଧନୁଯାତ୍ରା ପାଇଁ ପ୍ରସ୍ତୁତି



ଝାରସୁଗୁଡ଼ା, ୨୫।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଅଧୀନ ଚାନ୍ଦିନୀମାଲ ଗାଁରେ ଧନୁଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ମଙ୍ଗଳବାର ହୋଇଯାଇଛି। କମିଟିର ସଭାପତି ପ୍ରମୋଦ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ମହାଶିବରାତ୍ରି ଜାଗର ଯାତ୍ରା କମିଟି ଚାନ୍ଦିନୀମାଲର ସମସ୍ତ ସଦସ୍ୟ ଓ ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳର ଲୋକ ଯୋଗ ଦେଇଥିଲେ। ଆସନ୍ତା ଫେବୃୟାରୀ ୧୩ରୁ ୧୯ ତାରିଖ ପର୍ଯ୍ୟନ୍ତ ଧନୁଯାତ୍ରା ମହୋତ୍ସବ ଆୟୋଜନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ବୈଠକରେ ଚାନ୍ଦିନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ସାଧାରଣ ସମ୍ପାଦକ ପର୍ଶୁରାମ ରୋହିଦସ, କୋଷାଧ୍ୟକ୍ଷ ଲିଙ୍ଗରାଜ ରୋହିଦାସଙ୍କ ସମେତ ଅଞ୍ଚଳର ଅନେକ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ଧବାହାଲ ଧନୁଯାତ୍ରା କାର୍ଯ୍ୟାଳୟ ଉଦ୍‌ଘାଟିତ



ଇବଥର୍ମାଲ, ୨୫।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲାରେ ପ୍ରସିଦ୍ଧି ଲାଭ କରିଥିବା ୧୯ ତମ ବନ୍ଧବାହାଲ ଆଞ୍ଚଳିକ ଧନୁଯାତ୍ରା ସକାଶେ ମଙ୍ଗଳବାର ବନ୍ଧବାହାଲ କଲୋନୀ ସ୍ଥିତ ମାଉସୀ ମାଁ ମନ୍ଦିର ପରିସରରେ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅୱଦ କିଶୋର ପାଣ୍ଡେ ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବନହରପାଲି ଥାନା ଆଇଆଇସି ରଞ୍ଜିତ ନାଏକ, ବନ୍ଧବାହାଲ ଫାଣ୍ଡି ଅଧିକାରୀ ଗଣେଶ କଲେତ, ଆଞ୍ଚଳିକ ଧନୁଯାତ୍ରା କମିଟି ସଭାପତି ବେଣୁଧର ସିଂହ, ମୁଖ୍ୟ ପେଟ୍ରନ୍ ରଘୁନନ୍ଦନ ପଣ୍ଡା, କାର୍ଯ୍ୟକାରୀ ସଭାପତି ଉମାକାନ୍ତ ପଣ୍ଡା, ସାଧାରଣ ସମ୍ପାଦକ ପ୍ରେମାନନ୍ଦ ସାହୁ, ଝାଙ୍କର ଟଙ୍କଧର ନେଟି ପ୍ରମୁଖ ଯୋଗ ଦେଇଥିଲେ। କମିଟି ସଭାପତି ଶ୍ରୀ ସିଂ ଏଥିରେ ସଭାପତିତ୍ୱ କରିଥିଲେ। ବନ୍ଧବାହାଲ ଧନୁଯାତ୍ରାର ପ୍ରସିଦ୍ଧି ବଢୁଥିବା ବେଳେ ସବୁ ବର୍ଷ ପରି ସମସ୍ତଙ୍କ ସହଯୋଗରେ ଏହାକୁ ପାଳନ କରିବାକୁ କହିଥିଲେ। ଆଇଆଇସି ଶ୍ରୀ ନାଏକ ଆଇନ୍ ଶୃଙ୍ଖଳା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଜମିଦାର ବଂଶଜ ସଞ୍ଜୟ ସିଂହ, କମିଟି କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ସିଂହ ଅତିଥିମାନଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକାରୀ ସଭାପତି ଉମାକାନ୍ତ ପଣ୍ଡା ସଭା ସଞ୍ଚାଳନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ମୌଳିକ ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର

ବରପାଲି, ୨୫।୧୧(ସମିସ): ବରପାଲି ଲିଟିଲ ଆଞ୍ଜେଲ୍ସ ପବ୍ଲିକ ସ୍କୁଲ ପରିସରରେ ଜିଲ୍ଲା ପୁଲିସ ଆରକ୍ଷୀ ଅଧୀକ୍ଷକ ଓ ଏନସିସି ଓଡ଼ିଶା ୫ ବାଟାଲିୟାନଙ୍କ ନିର୍ଦ୍ଦେଶକ୍ରମେ ଚତୁର୍ଥ ବାଟାଲିୟନ ଦେବଗଡ଼ ଓଡ୍ରାଫ୍ ଟିମଙ୍କ ସହଯୋଗରେ ଦୁଇ ଦିନିଆ ମୌଳିକ ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଓଡ୍ରାଫ ଟିମ୍‌ର ଉପାସୁ ମାହାରଙ୍କ ନେତୃତ୍ୱରେ ପରିଚାଳିତ ଦୁଇ ଦିନିଆ ଶିବିରରେ ସୁଜିତ ମହାନ୍ତି, ଶୁଭେନ୍ଦୁ ପ୍ରଧାନ, ଦୁର୍ଗା ମୁଣ୍ଡା, ସୁଧୀର ବିଲୁଙ୍ଗ, ମୁକ୍ତେଶ୍ୱର ମହାକୁର, ଗିରିଧାରୀ ବୁଧିଆ, ବିପିନ ବିହାରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିପର୍ଯ୍ୟୟ ପୂର୍ବରୁ ବା ପରେ କିପରି ପରିସ୍ଥିତିକୁ କିପରି ନିୟନ୍ତ୍ରଣ କରାଯିବ ତା'ଉପରେ ମୌଳିକ ତାଲିମ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କୁ ମେଡିକାଲର ବ୍ୟବହାର, ପ୍ରାଥମିକ ଉପଚାର ପ୍ରକ୍ରିୟା, ଆପତ୍‌କାଳୀନ ସହାୟତା ଓ ଜୀବନରକ୍ଷା ପ୍ରକ୍ରିୟା ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ କରାଯାଇଥିଲା। ଏନସିସି କ୍ୟାଡେଟ ମାନେ ଜରୁରୀ ପରିସ୍ଥିତିରେ ସେବାଦାନ ପାଇଁ ପ୍ରସ୍ତୁତି, ଆତ୍ମବଳ ଓ ଦାୟିତ୍ୱବୋଧକୁ ବୁଝିପାରିବା ସହ ଜୀବନ ବଞ୍ଚାଇବାର କୌଶଳ ଶିକ୍ଷା ଗ୍ରହଣ କରିଥିଲେ। ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦିବସ ପାଳନ ଅବସରରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ଓ ଉପାଧ୍ୟକ୍ଷ ସୁଶୀଳ ରଥଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ବିଦ୍ୟାଳୟର ଏନ୍‌ସିସି ଅଧିକାରୀ ମିଲ୍କୀ ବାରିକଙ୍କ ନେତୃତ୍ୱରେ ପ୍ରାୟ ୧୦୦ ଜଣ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା



ପାଇକମାଲ, ୨୫।୧୧(ସମିସ): ସୁନ୍ଦରଗଡ଼ ଜିଲ୍ଲାରେ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ୧୪ ବର୍ଷ ବାଳିକା ବିଭାଗରେ ବରଗଡ଼କୁ ହରାଇ ସୁନ୍ଦରଗଡ଼ ବିଜେତା ହୋଇଥିବା ବେଳେ ବରଗଡ଼ ଉପବିଜେତା ହୋଇଛି। ଏଥିରେ ମାଣ୍ଡୋସିଲ କସ୍ତୁରବା ବାଳିକା ବିଦ୍ୟାଳୟର ୪ ଜଣ ଛାତ୍ରୀ ବରଗଡ଼ ଜିଲ୍ଲା ତରଫରୁ ଖେଳି ନିଜ ଜିଲ୍ଲା ପାଇଁ ଟ୍ରଫି ଆଣିବାର ଗୌରବ ଅର୍ଜନ କରିଛନ୍ତି। ସେମାନେ ହେଲେ ତପସ୍ୱିନୀ ବିନାଟ, ଲଭଲୀ ବିନ୍ଧାଣି, ଟିକେଶ୍ୱରୀ ଗଏଁତା, ସଞ୍ଚିତା ପଟେଲ। ସୁନ୍ଦରଗଡ଼ରୁ ଫେରିବା ପରେ ମାଣ୍ଡୋସିଲ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ମାଣ୍ଡୋସିଲ ଅଞ୍ଚଳର ଅନେକ ଖେଳପ୍ରେମୀ, ବୁଦ୍ଧିଜୀବୀ, ଶିକ୍ଷାବିତ ତଥା ଅଞ୍ଚଳବାସୀ ବାଜା ରୋଷଣୀ ସହ ପହଞ୍ଚି ଖେଳାଳିଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ଗାଁ କମିଟି ସଭାପତି ଜଗନ୍ନାଥ ପୁଟା, ରାଧେଶ୍ୟାମ ପଟେଲ, ମହେନ୍ଦ୍ର ଖୁଣ୍ଟିଆ, ଗୋପାଳ ପ୍ରସାଦ ବେହେରା, ରାଜୀବ ସାହୁ, ରକ୍ଷଦେବ ରଣା, ଶରତ ହଂସ, ବୈବସ୍ୱତ ପ୍ରଧାନ, ହେମସାଗର ସାହୁ, ଉଗ୍ରସେନ ପ୍ରଧାନ, ହୃଷିକେଶ ବାଗ, ଭୂପେନ୍ଦ୍ର ସାହୁ, ପୋର୍ଟା ମିନତୀ ଟେଟେ, ପ୍ରଭାତ ମିଶ୍ର, ତାପସ ସାହୁ, କେଜିବିବିର ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ ତଥା ଗାଁର ଅନେକ ଭଦ୍ରବ୍ୟକ୍ତି ଫୁଲତୋଡା ଓ ଉପଢୌକନ ଦେଇ ସ୍ୱାଗତ କରିଥିଲେ।

## ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଶତବାର୍ଷିକୀ ଜୟନ୍ତୀ ପ୍ରସ୍ତୁତି

ବରଗଡ଼, ୨୫।୧୧(ସମିସ): ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଶତବାର୍ଷିକୀ ଜୟନ୍ତୀ ଉତ୍ସବ ପାଳନ ପାଇଁ ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ବିଜେପୁର ବିଧାୟକ ସନତ ଗଡ଼ତିଆଙ୍କ ସହିତ ସମାଜସେବୀ ଗୀତା ମିଶ୍ର, ମମତା ମିଶ୍ର, ସମାଜସେବୀ ସୁବ୍ରତ ବିର୍ତ୍ତିଆ, ଡୋଲାମଣୀ ଶତପଥୀ, ଅଞ୍ଜନା ଦାଶ, ସୁଧାଂଶୁ ବାଲା ଦାଶ, ପାର୍ବତୀ ଗିରି ବୃଦ୍ଧାଶ୍ରମର ପରିଚାଳକ ଜଳନ୍ଧର ପଟେଲ, ସୁବାଷ ପ୍ରଧାନ, ଡ.ତହସିଲ ସାହୁ, ଜିଲ୍ଲା ପରିଷଦ ସୁଶାନ୍ତ ଗଡ଼ତିଆ, ନିବାରକୁମରିଆ, ପ୍ରମୋଦିନି ସାହୁ, ବ୍ରଜ ସୁନ୍ଦର ସାହୁ, ସୁବିଜ୍ଞ ମଲ୍ଲିକ ତଥା ସମଲେଇପଦର ଓ ଆଖପାଖ ଗାଁର ଅନେକ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜୟନ୍ତୀ କିପରି ଭବ୍ୟ ଭାବେ ପାଳନ ହୋଇପାରିବ ସେଥିପାଇଁ ସମସ୍ତେ ନିଜନିଜ ମତ ପ୍ରକାଶ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି ଜିଲ୍ଲାପାଳ ଅଦିତ୍ୟ ଗୋୟଲ ପ୍ରତିଶ୍ରୁତି ଦେଇଥିଲେ। ଉଭୟ ବିଧାୟକ ଏଥିପାଇଁ ଖୁବଶୀଘ୍ର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ଏବଂ କାର୍ଯ୍ୟକ୍ରମରେ ସାମିଲ ହେବାପାଇଁ ପ୍ରସ୍ତାବ ଦିଆଯିବ ବୋଲି କହିଥିଲେ। ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ଉନ୍ନୟନ ଅଧିକାରୀ ଲଲାଟ ଲୁହା, ସଂସ୍କୃତି ଅଧିକାରୀ ତାହିର ହୁସେନ ପ୍ରମୁଖ ଉପସ୍ଥିତ ଥିଲେ।

## ପାଇକମାଲ ଜବାହର ନବୋଦୟ ବିଦ୍ୟାଳୟରେ ଯୁବ ଗ୍ରାମସଭା



ପାଇକମାଲ, ୨୫।୧୧(ସମିସ): ପାଇକମାଲ ନବୋଦୟ ବିଦ୍ୟାଳୟର ଉପାଧ୍ୟକ୍ଷ ଅରବିନ୍ଦ ପାତ୍ରଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟରେ ଯୁବ ଗ୍ରାମସଭା ଆୟୋଜିତ ହୋଇଯାଇଛି। ପାଇମାଳ ପଞ୍ଚାୟତର ସରପଞ୍ଚ ତୁଳବତୀ ତାଣ୍ଡି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ବିଦ୍ୟାଳୟର ୩୭ ଜଣ ଛାତ୍ରଛାତ୍ରୀ ଯୁବ ଗ୍ରାମସଭାରେ ଅଭିନୟ କରିଥିଲେ। କିଭଳି ଗ୍ରାମସଭା ପରିଚାଳିତ ହୁଏ ତାହା ଅଭିନୟ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଅଧିକାରୀ ଅଧ୍ୟାପକ ଡ.ରଶ୍ମି ରଞ୍ଜନ ପଟ୍ଟନାୟକ ଲେଖକ ଓ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇ ଥିଲେ। ଅଧ୍ୟାପକ ମନୋରଞ୍ଜନ ପାତ୍ରୀ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ କେଶବ, ରାଜେଶ ସାହୁ, ନିରଜ ଶର୍ମା ସହଯୋଗ କରିଥିଲ। ଅଧ୍ୟାପକ ବଳଦେବ ମେହେର ଧନ୍ୟବାଦ ଦେଇଥିଲେ। ନବୋଦୟ ପରି ଗ୍ରାମୀଣ ବିଦ୍ୟାଳୟର ଛାତ୍ରଛାତ୍ରୀ କିଭଳି ପଞ୍ଚାୟତିରାଜ ଅନୁଷ୍ଠାନ ମାଧ୍ୟମରେ ଗାଁ ବିକାଶରେ ଭାଗୀଦାର ହେବେ ସେ ବିଷୟରେ ଶିକ୍ଷଣୀୟ ବାର୍ତ୍ତା ପ୍ରଦାନ କରାଯାଇଥିଲା।

## ତାରଙ୍ଗରେ କୁରାଳ ପଞ୍ଚମୀ ମହୋତ୍ସବ

ରିଆମାଳ, ୨୫।୧୧(ସମିସ): ଦେବଗଡ଼ ଜିଲ୍ଲା ଅଧୀନ ରିଆମାଳ ତାରଙ୍ଗ ଠାରେ ମଙ୍ଗଳବାର ଆଠପଡ଼ା (କ)ୱାର୍ଡ ପକ୍ଷରୁ କୁରାଳ ପଞ୍ଚମୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ତ୍ରିଲୋଚନ ବେହେରା ଓ ସମ୍ପାଦକ ହରେକୃଷ୍ଣ ବେହେରାଙ୍କ ତତ୍ତ୍ୱାବଧାନରେ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ସଞ୍ଜୟ ଶତପଥୀ ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ। ମହାପ୍ରଭୁ ବିଷ୍ଣୁ, ରୁଦ୍ରପାଳ ଓ ରତ୍ନେଶ୍ୱରୀ ଦେବୀଙ୍କର ପୂଜା ହୋଇଥିଲା। ଆଜି କୁମ୍ଭାରବନ୍ଧରୁ କଳସ ଯାତ୍ରା ହୋଇଥିଲା। ସୂର୍ଯ୍ୟ ପୂଜା, ଗୋ ପୂଜା, ବରୁଣ ପୂଜା, ସଙ୍କଳ୍ପ, ଅଷ୍ଟାଦଶ ମାତୃଗଣ ପୂଜା, ନବଗ୍ରହ ପୂଜା, ଗାୟତ୍ରୀ ସାବିତ୍ରୀ, ଲକ୍ଷ୍ମୀନାରାୟଣ, ଉମାମହେଶ୍ୱର, ଶାନ୍ତି ହୋମ, ଯଜ୍ଞକର୍ମ ଓ କୁରାଳ ପୁରାଣ ପାଠ କରାଯାଇଥିଲା। ଦୁଷ୍ମନ୍ତ ବେହେରା, ପତ୍ନୀ କଲ୍ୟାଣୀ ବେହେରା ପୂଜାର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ତାରଙ୍ଗ ପୁରୁଷ ଓ ମହିଳା ସଙ୍କୀର୍ତ୍ତନ ମଣ୍ଡଳୀ ନାମ ସଙ୍କୀର୍ତ୍ତନ କରିଥିଲେ। ରିଆମାଳ, ବଡବାହଲଳ, ରାମପାଲି, ବୁଡିଦୋ, ତାରଙ୍ଗ, କୁମାଳ, ବୁଡିଦୋ, ସାଲେଭଟା ଓ ବୁଢ଼ାକଟା ଆଦି ଗାଁର କୁରାଳ ସମାଜର ସଦସ୍ୟ ମାନେ ଯୋଗ ଦେଇଥିଲେ। ଚିନ୍ତାମଣି ବେହେରା, କବି ବେହେରା, ଯୁଗଳ କିଶୋର ବେହେରା, ଅଚ୍ୟୁତ ବେହେରା, କୁମର ମଣି ବେହେରା, ରୁଦ୍ର ବେହେରା, ଶେଷଦେବ ବେହେରା, ବଳରାମ ବେହେରା, ପରମାନନ୍ଦ ବେହେରା, ଲିଙ୍ଗରାଜ ବେହେରା ଓ କମଳ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଅଦ୍ୱିକା ଯୋଜନାରେ ଆନ୍ତଃ ଜିଲ୍ଲା ଭ୍ରମଣରେ ୪୪ କିଶୋର କିଶୋରୀ

ଦେବଗଡ଼, ୨୫।୧୧(ସମିସ): ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଅଧୀନ ଅଦ୍ୱିକା ଯୋଜନାରେ ୪୪ ଜଣ କିଶୋର କିଶୋରୀ ମଙ୍ଗଳବାର ଆନ୍ତଃଜିଲ୍ଲା ପରିଭ୍ରମଣରେ ବାହାରିଛନ୍ତି। ସମସ୍ତେ ଏକ ଘରୋଇ ଯାତ୍ରୀବାହି ବସ୍ ଯୋଗେ ଭୁବନେଶ୍ୱର ଯାତ୍ରା ଆରମ୍ଭ କରିଛନ୍ତି। ଦେବଗଡ଼ ଜିଲ୍ଲାପାଳ କବିନ୍ଦ୍ର ସାହୁ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ସମାଜ କଲ୍ୟାଣ ଅଧିକାରିଣୀ ପଙ୍କଜିନି ସାହୁ, ପ୍ରଡକ୍ସନ୍ ଅଫିସର୍ ଜ୍ୟୋତ୍ସ୍ନା ତନ୍ତୀ, ପ୍ରୋଗ୍ରାମ ଅଫିସର ତାରକାନ୍ତୀ ମହାନନ୍ଦିଆ ତଥା ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ଯାତ୍ରାରେ ହବ୍‌ର ୪ଜଣ କର୍ମଚାରୀ ଓ ୨ ଜଣ ପ୍ରୋଗ୍ରାମ ଅଫିସର୍ ଦାୟିତ୍ୱରେ ଯାଇଥିବା ଜଣାପଡ଼ିଛି।

## ସର୍ପାଘାତ ଓ ବଜ୍ରପାତ ସତର୍କତା ପାଇଁ ପ୍ରସ୍ତୁତି

ଦେବଗଡ଼, ୨୫।୧୧(ସମିସ): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ସାପ କାମୁଡା ଓ ବଜ୍ରପାତ ପ୍ରତି ଜନ ସାଧାରଣଙ୍କୁ ସୁରକ୍ଷିତ ରଖିବା ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ହେମନ୍ତ ସିଂଙ୍କ ଆବାହକତ୍ୱ ଓ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ବୈଠକରେ ଆଲୋଚନା କରାଯାଇଥିଲା। ଏଥି ନିମନ୍ତେ ଜିଲ୍ଲାସ୍ତରରେ ସଚେତନତା କାର୍ଯ୍ୟକ୍ରମ ପାଇଁ ୩ ବ୍ଲକ, ପଞ୍ଚାୟତ ଓ ପୌରପରିଷଦରେ ପ୍ରଥପ୍ରାନ୍ତ ନାଟକ, ଲୋକନୃତ୍ୟ, କାନ୍ଥରେ ସଚେତନତା ଚିତ୍ର, ସ୍କୁଲ କଲେଜରେ ସଚେତନତା କାର୍ଯ୍ୟକ୍ରମ, ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ସଂଗଠନ ବୈଠକ, ଯୁବ କ୍ଲବ୍ ସଂଘ ଓ ଏଞ୍ଜିଓ ମଧ୍ୟମରେ ସଚେତନତା କାର୍ଯ୍ୟକ୍ରମ କରାଯିବା ପାଇଁ କୁହାଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲା କୃଷି ଅଧିକାରୀ ସଞ୍ଜୟ ପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ନାୟକ, ଡେପୁଟି କଲେକ୍ଟର ମମତାଜ୍ ମହାରଣା, ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ ଈଶ୍ୱର ଗୁରୁ, ଡିପିଏମ୍ ଓଏଲେମ୍ ଶିଶିର ଷଡଙ୍ଗୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତିଳେଇବଣି, ରିଆମାଳ, ବାରକୋଟ ଓ ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ, ତହସିଲଦାର, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଓ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଏଡ୍‌ସ ଓ ଯୌନରୋଗ ଆଲୋଚନାଚକ୍ର

ବରପାଲି, ୨୫।୧୧(ସମିସ): ବରପାଲି ମହାବିଦ୍ୟାଳୟ ପରିସରରେ ଏନଏସଏସ ଶାଖା ପକ୍ଷରୁ ଏଚଆଇଭି/ଏଡ୍ସ ଓ ଯୌନରୋଗ ଉପରେ ସଚେତନତା ସଭା ରେଡ୍ ରିବନ ସପ୍ତାହ ଅବସରରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷା ଜୟନ୍ତୀ ଦାସ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଧୀରୋଜ ତ୍ରିପାଠୀ ଯୋଗ ଦେଇଥିଲେ। ଏନଏସଏସ ପ୍ରୋଗ୍ରାମ ଅଧିକାରୀ ଅଧ୍ୟାପକ ଭକ୍ତବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଜିଲ୍ଲା ସମନ୍ୱିତ ପରାମର୍ଶ କେନ୍ଦ୍ର ସୁପରଭାଇଜର ପ୍ରଶାନ୍ତ ନନ୍ଦ ଯୋଗ ଦେଇ ଏଡ୍ସ ଓ ଯୌନରୋଗର କାରଣ ଓ ନିଦାନ ଉପରେ ବ୍ୟାପକ ଆଲୋଚନା କରିଥିଲେ। ଯୌନ ସଚେତନତା ଓ ସୁରକ୍ଷିତ ଯୌନ ସମ୍ପର୍କରେ ମହତ୍ତ୍ୱପୂର୍ଣ୍ଣ ବିଷୟକୁ ନେଇ ଅତିଥି ମାନେ ମତାମତ ରଖିଥିଲେ। ସଭାରେ ମହାବିଦ୍ୟାଳୟ ଶତାଧିକ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା ମଣ୍ଡଳି ସାମିଲ ହୋଇଥିଲେ। ଅଧ୍ୟାପକ ଭକ୍ତ ବନ୍ଧୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଜେଡି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୂର୍ଯ୍ୟ ନମସ୍କାର



ବରପାଲି, ୨୫।୧୧(ସମିସ): ବରପାଲି କଦଳିପାଲି ଜଗବନ୍ଧୁ ଦାସ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସୂର୍ଯ୍ୟ ନମସ୍କାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଦୀପ ମେହେରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କ୍ରୀଡା ଶିକ୍ଷୟିତ୍ରୀ ବନ୍ଦିତା ପ୍ରଧାନଙ୍କ ସଂଯୋଜନାରେ ଯୋଗ ବିଭାଗ ପକ୍ଷରୁ 'ସୂର୍ଯ୍ୟ ନମସ୍କାର' ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସମ୍ମାନିତ ବିଚାରକ ଭାବେ ପ୍ରମୋଦ ସ୍ୱାଇଁ ଯୋଗ ଦେଇଥିଲେ। ଯୋଗର ମହତ୍ତ୍ୱ ଉପରେ ବୁଝାଇବା ସହ ସମସ୍ତଙ୍କୁ 'ସୂର୍ଯ୍ୟ ନମସ୍କାର'ର ସମ୍ପୂର୍ଣ୍ଣ ପ୍ରକ୍ରିୟା ବୁଝାଇଥିଲେ। ଏଥିରେ ମୋଟ ୪୦ ଜଣ ଛାତ୍ରୀ ଭାଗ ନେଇଥିଲେ। ଅଧ୍ୟାପକ, ଅଧ୍ୟାପିକା ଓ ସହକର୍ମଚାରୀ ସୁରେଶ ବାରିକ, ମିନତି ବାବୁ, ସୁନିଲ ବେହେରା, ଅନ୍ତର୍ଯ୍ୟାମୀ ପଣ୍ଡା, ପ୍ରଦୀପ ମିଶ୍ର ଏବଂ ଆନନ୍ଦ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

● ଜୁନିୟର ବାଳକ ଟେନିସ୍ ବଲ କ୍ରିକେଟ

## ଓଡ଼ିଶା ଦଳରେ ଝାରସୁଗୁଡ଼ା ଖେଳାଳି ସଚ୍ଚିଦାନନ୍ଦ ମାଳି



ଝାରସୁଗୁଡ଼ା, ୨୫।୧୧(ସମିସ): ଓଡ଼ିଶା ଟେନିସ୍ ବଲ କ୍ରିକେଟ ଆସୋସିଏସନ ତରଫରୁ ୩୩ ତମ ଜାତୀୟ ଜୁନିୟର ଟେନିସ୍ ବଲ କ୍ରିକେଟ ପ୍ରତିଯୋଗିତା ପାଇଁ ଜୁନିୟର ବାଳକ ବିଭାଗର ୧୪ ଜଣ ଖେଳାଳିଙ୍କୁ ଓଡ଼ିଶା ଦଳ ପାଇଁ ମନୋନୀତ କରାଯାଇଛି। ସେମାନଙ୍କ ମଧ୍ୟରେ ଝାରସୁଗୁଡ଼ା ଜିଲ୍ଲାର ସଚ୍ଚିଦାନନ୍ଦ ମାଳି ରହିଛନ୍ତି। ଆସନ୍ତା ଡିସେମ୍ବର ୧୮ ରୁ ୨୧ ତାରିଖ ପର୍ଯ୍ୟନ୍ତ ୟୁପିର ଆଗ୍ରା ଷ୍ଟାଡିୟମରେ ଟେନିସବଲ୍ କ୍ରିକେଟ ଫେଡେରେସନ ଅଫ ଇଣ୍ଡିଆ ଦ୍ୱାରା ୟୁପି ଟେନିସବଲ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଓଡ଼ିଶା ଟେନିସ ବଲ କ୍ରିକେଟ ଆସୋସିଏସନର ସାଧାରଣ ସମ୍ପାଦକ ସିଥିଲ ପଣ୍ଡା, ସଭାପତି ସୁରଶ ମିଶ୍ର ଓ ଯୁଗ୍ମ ସମ୍ପାଦକ ସୋମନାଥ ପରିଡ଼ା ଚିଠି ମାଧ୍ୟମରେ ଅନୁବନ୍ଧିତ ଜିଲ୍ଲା ମାନଙ୍କୁ ଅବଗତ କରାଇଛନ୍ତି। ଏହି ଦଳକୁ ଝାରସୁଗୁଡ଼ା ଟେନିସ ବଲ କ୍ରିକେଟ ଆସୋସିଏସନର ସଭାପତି ଜୀବନ ମହାନ୍ତି ଓ ସମ୍ପାଦକ ଅଶ୍ୱିନୀ ପାଣ୍ଡେ, ଝାରସୁଗୁଡ଼ା ଦଳର ପ୍ରଶିକ୍ଷକ ଗୋପାଳ ଦତ୍ତ, ଝାରସୁଗୁଡ଼ା ଜିଲ୍ଲାର ସଚ୍ଚିଦାନନ୍ଦ ମାଳିଙ୍କୁ ଓ ଅନ୍ୟ ଓଡ଼ିଶା ଦଳର ଖେଳାଳି ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ପ୍ରଧାନପାଟ କପ୍ ଫୁଟବଲ ପ୍ରତିଯୋଗିତା

## ଜଗଦଲପୁର ୩-୦ ଗୋଲରେ ବିଜୟୀ

ଦେବଗଡ଼, ୨୫।୧୧(ସମିସ)




ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ପ୍ରଧାନପାଟ କ୍ଲବ୍ ପକ୍ଷରୁ ୭ ମ ସର୍ବଭାରତୀୟ ପ୍ରଧାନପାଟ କପ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହାର ଦ୍ୱିତୀୟ ଦିବସରେ ସୁନ୍ଦରଗଡ଼ ଦଳକୁ ୩-୦ ଗୋଲରେ ପରାସ୍ତ କରି ଛତିଶଗଡ଼ ଜଗଦଲପୁର ବିଜୟୀ ହୋଇଛି। ଆଜିର ମ୍ୟାଚ୍‌ରେ ଅତିଥିଭାବେ ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ରାମ, ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ଏସଟି ସେଲ ସଭାପତି ସୁଶୀଲ ଗୁଡ଼ିଆ, ପୂର୍ବତନ ଫୁଟବଲ ଖେଳାଳି ଅରୁଣ ପ୍ରଧାନ ଓ ସୁଶୀଲ କର ମଞ୍ଚାସୀନ ଥିଲେ। ମ୍ୟାଚ୍ କମିଶନର ଭାବେ ହେମନ୍ତ ମହାପାତ୍ର ଦାୟିତ୍ୱରେ ଥିବାବେଳେ ଅଶ୍ୱିନୀ ବରିହା, ସାଗର ନାଏକ, ସୁଶାନ୍ତ କିଷାନ, ରାଜ ମଣ୍ଡଳ ମ୍ୟାଚ୍‌କୁ ପରିଚାଳନା କରିଥିଲେ। କ୍ଲବ୍‌ର ସଭାପତି ବିକାଶ ପ୍ରଧାନ, ସମ୍ପାଦକ ସଞ୍ଜୀବ ନାଏକ, କୋଷାଧ୍ୟକ୍ଷ ବବଲୁ ଜେନା, ସୁବାସ ଚନ୍ଦ୍ର ଭୋଇ, ଶୁକଦେବ ଭଞ୍ଜ, ମଚ୍ଛିନ୍ଦ୍ର ନାଏକ, ରୂପକ ମାଝୀ, ଶରତ ମେହେର, ପ୍ରଦୀପ ବେହେରା, ପ୍ରତାପ ଦେବ, ସ୍ୱସ୍ତିକ ମହାପାତ୍ର, ମାନସ ପ୍ରଧାନ, ଦୀପକ ବେହେରା, ସଞ୍ଜୀବ ବେହେରା, ଯୋଗେଶ ନାଏକ, କ୍ଷୀତିଶ ପ୍ରଧାନ, ଅନନ୍ତ ମେହେର, ଜୟ ସାମଲ, ଅଲେଖ ନାଏକ, ନିରଞ୍ଜନ ପ୍ରଧାନ, ସନ୍ତୋଷ ଭୋଇଙ୍କ ସମେତ କ୍ଲବ୍‌ର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତାକାଲି ପ୍ରଥମ ସେମିଫାଇନାଲ ମ୍ୟାଚ୍ ଜଗଦଲପୁର ସହିତ ସମ୍ବଲପୁର ଫୁଟବଲ ଏକାଡେମୀ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଛି।

# ବିନା ନିରୀକ୍ଷକରେ ଚାଲିଛି କେସିଙ୍ଗା ଡାକଘର

କେସିଙ୍ଗା,୨୫ ।୧୧(ସମିସ)



**ନାହିଁ ନାହିଁରେ ଚାଲିଛି ୨୦ ଶାଖା**

କଳାହାଣ୍ଡି ଜିଲ୍ଲାର କେସିଙ୍ଗା ସହରରେ ଥିବା ସବପୋଷ୍ଟ ଅଫିସରେ ଆଜକୁ ୪ ମାସ ହେଲାଣି ଡାକ ପରିଦର୍ଶକ ନାହାନ୍ତି । ଏଥିପ୍ରତି ଧ୍ୟାନ ଦେଉନାହାନ୍ତି ଜିଲ୍ଲା ମୁଖିଆ ।ଆଗରୁ ଯିଏ ଡାକ ପରିଦର୍ଶକ ଥିଲେ ତାଙ୍କୁ ପ୍ରାୟ ଚାରି ମାସ ତଳେ ଅନ୍ୟତ୍ର ବଦଳି ହୋଇ ଯିବା ପରେ ତାଙ୍କ ସ୍ଥାନରେ ଆଜି ପର୍ଯ୍ୟନ୍ତ ବିଭାଗ ନୂତନ ଡାକ ପରିଦର୍ଶକଙ୍କୁ ନିଯୁକ୍ତି ଦେବା ବଦଳରେ ନର୍ଲାରେ ଥିବା ଡାକ ପରିଦର୍ଶକଙ୍କୁ କେସିଙ୍ଗା ସବପୋଷ୍ଟ ଅଫିସର ଦାୟିତ୍ୱ ଦିଆଯାଇଛି । ଦାୟିତ୍ୱରେ ଥିବା ଡାକ ପରିଦର୍ଶକ ନର୍ଲାରେ ଅଧିକ କାମ ଥିବାରୁ କେସିଙ୍ଗା ଆସୁନଥିବା ଅଭିଯୋଗ କରୁଛନ୍ତି ଉପଭୋକ୍ତା । ପ୍ରକାଶ ଥାଉକି କେସିଙ୍ଗା ପୋଷ୍ଟ ଅଫିସ ଅଣ୍ଡରରେ ୨୦ଟି ବ୍ରାଞ୍ଚ ପୋଷ୍ଟ ଅଫିସ ଅଛି । ବ୍ରାଞ୍ଚ ପୋଷ୍ଟଅଫିସ ମାନଙ୍କର ସମସ୍ତ ଦେଖା ରେଖା ସହିତ ସମସ୍ତ ଙ୍କ ଛୁଟି ମଞ୍ଜୁରର କ୍ଷମତା ମଧ୍ୟ ପରିଦର୍ଶକଙ୍କ ହାତରେ ଥାଏ । ଆଗାମୀ ଦିନରେ ଅନେକ ବ୍ରାଞ୍ଚ ପୋଷ୍ଟ ଅଫିସରେ ଟଙ୍କା ଗପଲତି ହେବାର ପ୍ରମାଣ କେସିଙ୍ଗାରେ ମଧ୍ୟ ହୋଇଛି ଜଣେ ଦୁଇ ଜଣ ବ୍ରାଞ୍ଚ ପୋଷ୍ଟ ମାଷ୍ଟର ଟଙ୍କା ହେରଫେର ମାମଲାରେ ଜେଲ ମଧ୍ୟ ଯାଇଛନ୍ତି ।ଅନେକ ସମୟରେ ଶୁଣିବାକୁ ମିଳୁଛି ଯେ କିଛି ଅପହଞ୍ଚ ଗାଆଁ ଭିତରର ବ୍ରାଞ୍ଚ ପୋଷ୍ଟ ଅଫିସ ଦିନ ତମାମ ଖୋଲୁ ନାହାନ୍ତି ।ବର୍ତ୍ତମାନ ବିନା ପୋଷ୍ଟ ପରିଦର୍ଶକରେ କେସିଙ୍ଗା ଅଣ୍ଡରରେ ଥିବା ୨୦ଟି ସବ୍ ପୋଷ୍ଟ ଅଫିସ କିପରି ଚାଲୁଥିବ ତାହା ଚିନ୍ତାର ବିଷୟ ।କିଛି ବ୍ରାଞ୍ଚ ପୋଷ୍ଟ ଅଫିସ ରେ କାର୍ଯ୍ୟରତ ପୋଷ୍ଟମାଷ୍ଟରମାନେ କିଛି ଟଙ୍କା ଦେଇ ଅନ୍ୟ ଜଣଙ୍କୁ ପୋଷ୍ଟ ଅଫିସରେ ବସାଇ ନିଜେ ଅନ୍ୟ ଲାଭ କାମରେ ନିୟୋଜିତ ହେଉଥିବା ଦେଖିବାକୁ ମିଳୁଛି । କିଛି ବ୍ରାଞ୍ଚ ପୋଷ୍ଟମାଷ୍ଟର ନିଜ ପୋଷ୍ଟ ଅଫିସ କାମ ଛାଡ଼ି ପୋଷ୍ଟାଲ ଏଜେଣ୍ଟ କାମ କରୁଥିବା ମଧ୍ୟ ଅନେକ ଉଦାହରଣ ରହିଥିଲେ ମଧ୍ୟ ବିଭାଗ ଚୁପ ବସିଛି । ଅନ୍ୟପଟେ କେସିଙ୍ଗା ସବପୋଷ୍ଟ ଅଫିସ ଡାକ ପରିଦର୍ଶକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଦୁଇ ଜଣ ଓଭରସିଅର ମନଇଚ୍ଛା ଅଫିସ ଖୋଲୁଛନ୍ତି ଦୁଇ ଜଣ ସାରଙ୍କୁ ଯେତେ ବେଳେ ପଚାରିଲେ କେବଳ ପରିଦର୍ଶନ ରେ ଯାଇଥିଲୁ ବୋଲି କହି ଚାଲି ଯାଉଛନ୍ତି ।ଏତେ ବଡ ଡାକ ପରିଦର୍ଶକ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ କେସିଙ୍ଗାରେ ଚାରିମାସ ହେଲା ଖାଲି ପଡ଼ିଛି କିନ୍ତୁ ଜିଲ୍ଲା ମୁଖିଆମାନେ ଧ୍ୟାନ ନ ଦେବା କେତେଦୂର ଯୁକ୍ତି ଯୁକ୍ତ ବୋଲି ପ୍ରଶ୍ନ ଉଠୁଛି । ଅଞ୍ଚଳବାସୀ ବ୍ରାଞ୍ଚ ପୋଷ୍ଟ ଅଫିସମାନଙ୍କରେ ନିଜ ଟଙ୍କା ନିବେଶ କରୁଥିବା ଟଙ୍କାର ସୁରକ୍ଷା ପାଇଁ ସରକାର ଦାୟିତ୍ୱ ଦେଇଥିବା ଡାକ ପରିଦର୍ଶକଙ୍କ ନିଯୁକ୍ତି ଜିଲ୍ଲା କାର୍ଯ୍ୟାଳୟ ଶୀଘ୍ର କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ଅସହାୟଙ୍କୁ କମ୍ବଳ ବାଣ୍ଟିଲେ ବ୍ଲକ୍ ଅଧକ୍ଷ



ଧର୍ମଗଡ଼/ଗୋଲାମୁଣ୍ଡା,୨୫ ।୧୧(ସମିସ):ପ୍ରବଳ ଶୀତ ଆରମ୍ଭ ହୋଇଯାଇଥିବା ବେଳେ ଅସହାୟ ବୃଦ୍ଧ, ବୃଦ୍ଧା ଗରିବଲୋକମାନେ ଶୀତ ବସ୍ତ୍ର ନଥିବାରୁ ବହୁ କଷ୍ଟ ଅନୁଭବ କରୁଛନ୍ତି । ସେମାନଙ୍କ ସହାୟତାର ହାତ ବଢ଼ାଇଛନ୍ତି ଗୋଲାମୁଣ୍ଡା ବ୍ଲକ୍ ଅଧକ୍ଷ ବିନ୍ଦୁ ମହାନନ୍ଦ । ମଙ୍ଗଳବାର ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ୬ ପଞ୍ଚାୟତ ଲେଡେର,ମହାଲିଙ୍ଗ, ବୋର୍ଡି, ନୂଆଗାଁ, ଉଚଳା ଓ ବଡ଼ଚେରଗାଁର୧୬ଶହରୁ ଉର୍ଦ୍ଧ୍ୱ ବୃଦ୍ଧ, ବୃଦ୍ଧା ଓ ଗରିବ ଅସହାୟଲୋକଙ୍କୁ କମ୍ବଳ ପ୍ରଦାନ କରିଛନ୍ତି । ସୋମବାର ବ୍ଲକ୍‌ର ସିନାପାଲି ଓ କେଗାଁ ପଞ୍ଚାୟତର ଚାରି ଶହ ଲୋକଙ୍କୁ କମ୍ବଳ ବଣ୍ଟନ କରିଥିଲେ ।ଶ୍ରୀ ମହାନନ୍ଦ କହିଛନ୍ତି ଅସହାୟ ବୃଦ୍ଧ,ବୃଦ୍ଧା ଓ ନିରାଶ୍ରୟଙ୍କ ନିକଟରେ ସବୁବେଳେ ଠିଆ ହେବା ସହ ସାମାଜିକ କାର୍ଯ୍ୟରେ ନିୟୋଜିତ ହେବା ସହ ସାହାଯ୍ୟ ଓ ସହଯୋଗ ମୋର ଲକ୍ଷ୍ୟ । କମ୍ବଳ ବଣ୍ଟନ ସମୟରେ ୬ଟି ପଞ୍ଚାୟତର ସମସ୍ତ ଜନପ୍ରତିନିଧି ଓ ଦୁଷ୍ମନ୍ତ ସେନାପତି,ବସନ୍ତ ଚଳାନ,ସୌମ୍ୟ ରଞ୍ଜନ ଅଗସ୍ତି,ଦୁଷ୍ମନ୍ତ ଭୋଇଙ୍କ ସମେତ ବହୁ ଯୁବକ ସହଯୋଗ କରିଥିଲେ ।

## କମ୍ବଳ ବଣ୍ଟିଲେ ସାମ୍ବାଦିକ



ସିନାପାଲି,୨୫ ।୧୧(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ନଙ୍ଗଲବୋଡ ପଞ୍ଚାୟତର ବଣ ପାହାଡ଼ ଘେରା ଗୋଲାବେଡା ଗ୍ରାମରେ ଯୁବ ସାମ୍ବାଦିକ ଝସକେତନ ରଣା କମ୍ବଳ ବଣ୍ଟନ କରି ପ୍ରଶଂସା ସାଉଁଟିଛନ୍ତି ।ଗରିବ ନିଃସହାୟ ବୟସ୍କ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରିଥିବାରୁ ଗ୍ରାମବାସୀ ସାମ୍ବାଦିକଙ୍କୁ ପ୍ରଶଂଶା କରିଛନ୍ତି । ଶୀତରୁ ରକ୍ଷା ପାଇବା ପାଇଁ ଉପାନ୍ତ ଗାଁରେ ବୃଦ୍ଧବୃଦ୍ଧା ଶୀତରେ ହନ୍ତସନ୍ତ ହେଉଛନ୍ତି । ଅସହାୟଙ୍କୁ କମ୍ବଳ ଦେଇଥିବାରୁ ବେଶ୍ ଖୁସି ଲାଗିଥିବା ସାମ୍ବାଦିକ ଝସକେତନ ରଣା କହିଛନ୍ତି । ନଙ୍ଗଲବୋଡ ସରପଞ୍ଚ ଜଗଦୀଶ ମାଝି,ସମାଜସେବୀ କୈଳାଶ ରଣା,ଦାଦୁ ଖାନ, ଯୋଗାଣ ସହାୟକ ପରମେଶ୍ୱର ମାଝି ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ପିସିସି ସଭାପତିଙ୍କୁ ଭବ୍ୟ ସ୍ୱାଗତ



କେସିଙ୍ଗା,୨୫ ।୧୧(ସମିସ): ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ମଙ୍ଗଳବାର ଦିନ କେସିଙ୍ଗାରେ ଜିଲ୍ଲା କଂଗ୍ରେସ ସମେତ କେସିଙ୍ଗା କଂଗ୍ରେସ ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି ।ପିସିସି ସଭାପତି ଭୁବନେଶ୍ୱରରୁ ଟ୍ରେନ ଯୋଗେ ସକାଳୁ ସକାଳୁ କେସିଙ୍ଗା ରେଳ ଷ୍ଟେସନରେ ପହଞ୍ଚି ଥିଲେ । ସଭାପତିଙ୍କୁ ସ୍ୱାଗତ କରିବା ପାଇଁ ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାଏକଙ୍କ ନେତୃତ୍ୱରେ କର୍ମୀମାନେ ସକାଳୁ ରେଳ ଷ୍ଟେସନ ରେ ଏକତ୍ରିତ ହୋଇଥିଲେ । ସୂଚନା ଅନୁଯାୟୀ ପିସିସି ସଭାପତି ୨୬ ତାରିଖରେ ହେବାକୁ ଥିବା ସମ୍ବିଧାନ ବଞ୍ଚାଅ ଦିବସରେ ଯୋଗ ଦେବା ପାଇଁ କଳାହାଣ୍ଡି ଆସିଛନ୍ତି ।କେସିଙ୍ଗା ଷ୍ଟେସନରୁ ଶ୍ରୀ ଦାସ ସିଧା ଭବାନୀପାଟଣା ଯାଇଥିବା କଂଗ୍ରେସ କର୍ମୀମାନେ ପ୍ରକାଶ କରିଛନ୍ତି ।ପିସିସି ସଭାପତିଙ୍କୁ ଷ୍ଟେସନରେ ସ୍ୱଗତ କରିବା ପାଇଁ ପୂର୍ବତନ ବିଧାୟକ ଭାରତ ଭୂଷଣ ବେମାଲଙ୍କ ସମେତ ରାଜ୍ୟ ସାଧାରଣ ସଚିବ ରାମଲାଲ ସୁନାନୀ, କେସିଙ୍ଗା ନଗର ସଭାପତି ସୁଭାଷ ଜୈନ,ଯୁବନେତା ବିଜୟ ଦୀପ,ପୂର୍ବତନ ନଗରପାଳ ରାମ କୁମାର ଜୈନ, ରାମଜୀ ମାତ ଖଣ୍ଡିଆ, ଧରଣୀ ନାଏକଙ୍କ ସମେତ ଅନେକ କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ ।

## ଗ୍ରାମ ବିକାଶ ଶିକ୍ଷା ନିକେତନରେ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



ଥୁଆମୂଳ ରାମପୁର,୨୫ ।୧୧(ସମିସ):କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ୍ ଗ୍ରାମ ବିକାଶ ଶିକ୍ଷାନିକେତନ କୁମୁଡାବାହାଲ ଠାରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ଲକର ୩୦ ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ୪୮ ଟି ବିଭିନ୍ନ ପ୍ରକାର ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତପମଣି ଜାନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଥୁଆମୂଳ ରାମପୁର ବିଡିଓ ଧ୍ରୁବ ଚରଣ ମୁଦୁଲି, ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ହେମନ୍ତ ପଣ୍ଡା, ଗ୍ରାମ ବିକାଶ ଶିକ୍ଷାନିକେତନ ଅଧକ୍ଷ ଅରବିନ୍ଦ ସ୍ୱାଇଁ, ଶିରିମସ୍କା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ବୈରାଗୀ ଚରଣ ନାଏକ,ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷକ କୃତିବାସ ନାଏକ, ପ୍ରଧାନଶିକ୍ଷକ ଗ୍ରାମବିକାଶ ଶିକ୍ଷା ନିକେତେନ ରାମଚନ୍ଦ୍ର ନାୟକ, ନୋଡାଲ ସିଆରସିସି ସୁନାଧର ମାଝି କାଣିଗୁମା ସିଆରସିସି ହେମନ୍ତ ଲୁହାର ,ଶିରିମସ୍କା ସିଆରସିସି ମୁକୁନ୍ଦ ବାଗ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନର ଉପକାରିତା ଓ ଆବଶ୍ୟକତା ସମ୍ପର୍କରେ ତତ୍ତ୍ୱ ଉପସ୍ଥାପନ କରି ବୈଜ୍ଞାନିକ ମନୋଭାବରେ ରୁଚି ରଖିବା ପାଇଁ ଉତ୍ସାହିତ କରିଥିଲେ । ପ୍ରକଳ୍ପ ଗୁଡିକ ମଧ୍ୟରୁ ଗ୍ରାମବିକାଶ ଶିକ୍ଷାନିକେତନ ଅଷ୍ଟମ ଶ୍ରେଣୀର ଛାତ୍ର ଶ୍ରୀଟି.ମଜେଶ ରଞ୍ଜନ ନାଏକ ଓ ରାହୁଲ ନାଏକଙ୍କ ଶକ୍ତି ସଂରକ୍ଷଣ ପ୍ରକଳ୍ପ ପ୍ରଥମ,ଉନ୍ନୀତ ହାଇସ୍କୁଲ ବଡଛତରଙ୍ଗର ଶ୍ରୀଜିନୁ ନାଏକ ଓ ଶ୍ରୀ ଆକାଶ ନାଏକଙ୍କର ବିଷାକ୍ତ କାର୍ବନ ମୁକ୍ତ ବାୟୁ ପ୍ରକଳ୍ପ ଦ୍ୱିତୀୟ ଏବଂ ଗ୍ରାମବିକାଶ ଶିକ୍ଷାନିକେତନ ଛାତ୍ର ଗୋବର୍ଦ୍ଧନ ସୁନା ଓ ଦିନେଶ ନାଏକଙ୍କର ବିଦ୍ୟାଳୟର ଶକ୍ତି ସଞ୍ଚୟ ପ୍ରକଳ୍ପ ତୃତୀୟ ସ୍ଥାନ ଅଳଙ୍କୃତ କରି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ଅତିଥିଗଣ କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଅଡ୍ରି ହାଇସ୍କୁଲ ପ୍ରଧାନଶିକ୍ଷକ ରଶ୍ମୀ ରଞ୍ଜନ ପଟ୍ଟନାୟକ ଏବଂ ସିନ୍ଧିପଦର ଯୁପି ସ୍କୁଲ ଶିକ୍ଷକ ସୁକାନ୍ତ ଗୌଡ ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ ବିଜ୍ଞାନ ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ । ଥୁଆମୂଳ ରାମପୁର ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷକ ଶକ୍ତିବାସ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

## ନମିତା ସାହୁ ଡାଇରେକ୍ଟର ଜେନେରାଲ ପ୍ରଶସ୍ତି ପାଇଁ ମନୋନୀତ



ଭବାନୀପାଟଣା,୨୫ ।୧୧(ସମିସ): ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କଳା ତୃତୀୟ ବର୍ଷର ଛାତ୍ରୀ ତଥା ଆର୍ମି ଏନ୍‌ସିସିର ଜୁନିୟର ଅଣ୍ଡର ଅଫିସର ନମିତା ସାହୁ ଡାଇରେକ୍ଟର ଜେନେରାଲ ପ୍ରଶସ୍ତି ପାଇଁ ମନୋନୀତ ହୋଇଛନ୍ତି । ନବରଙ୍ଗପୁର ୧୩ ଓଡିଶା ବାଟାଲିଅନ୍‌ର ସେ ପ୍ରଥମ କ୍ୟାଡେଟ ଯିଏକି ଏହି ସମ୍ମାନ ପାଇଛନ୍ତି । ସରକାରୀ ସ୍ୱୟଂଶାସିତ ଶାସିତ ମହାବିଦ୍ୟାଳୟ ଓ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ମଧ୍ୟ ସେ ପ୍ରଥମ କ୍ୟାଡେଟ୍ ଏହି ପୁରସ୍କାର ପାଇଁ ୨୦୨୧ରେ ମେଜର ଡ.ଜୟଦେବ ସାହୁ ଅଫିସର ଭାବରେ ଏହି ପୁରସ୍କାର ପାଇଥିଲେ ।ନମିତା ସାହୁ ମେଦିନୀପୁର ନିବାସୀ ମଦନ ସାହୁ ଓ ଲତା ସାହୁଙ୍କ କନ୍ୟା ଅଟନ୍ତି । ପ୍ରକାଶ ଥାଉକି, ନମିତା ୨୦୨୫ ଆର୍‌ଡିସି କ୍ୟାମ୍ପ ଦିଲ୍ଲୀରେ କର୍ତ୍ତବ୍ୟ ପଥରେ ମାର୍ଚ୍ଚ କରି ପ୍ରଶଂଶା ସାଉଁଟିଥିଲେ । ଏନ୍‌ସିସି ପ୍ରତି ତାଙ୍କ ନିଷ୍ଠା ଓ ବଳିଦାନ ପାଇଁ ଏହି ପୁରସ୍କାର ପାଇ କଳାହାଣ୍ଡି ତଥା ବିଶ୍ୱବିଦ୍ୟାଳୟର ଗୌରବ ବଢାଇଛନ୍ତି । ଏଥିପାଇଁ କୁଳପତି ଡକ୍ଟର ନିବେଦିତା ନାଥ, କୁଳସଚିବ ଡକ୍ଟର ଗୁଣନିଧି ନାଏକ,ଉପକୁଳ ସଚିବ ତଥା ଏନସିସି ଅଧିକାରୀ ମେଜର ଡ. ଜୟଦେବ ସାହୁ, କର୍ଣ୍ଣେଲ ସୁନୀଲ କୁମାର ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ବିଜେଡିର ଦାବିପତ୍ର



ଧର୍ମଗଡ଼,୨୫ ।୧୧(ସମିସ): କଳାହାଣ୍ଡି ଜିଲ୍ଲାର ଅନେକ ସ୍ଥାନରେ ବର୍ତ୍ତମାନ ୫୦% ପ୍ରତିଶତରୁ ଅଧିକ ଧାନ କଟା ହୋଇ ସରିଲାଣି ଅଥଚ ଏପର୍ଯ୍ୟନ୍ତ ମଣ୍ଡି ଖୋଲା ହୋଇନାହିଁ । ଯାହାରି ଫଳରେ ଚାଷୀମାନଙ୍କ ଧାନ ସବୁ କମ ମୂଲ୍ୟରେ ବିକ୍ରି କରିବାକୁ ବାଧ୍ୟ ହେଉଥିବାର ଆଶଙ୍କା ଦେଖାଯାଉଛି । କାରଣ ଆଗକୁ ଆସୁଥିବା ଲଘୁଚାପ କୁ ଚାଷୀ ଦୃଷ୍ଟିରେ ରଖି ୩୧୬୯ ଟଙ୍କା ବଦଳରେ ମାତ୍ର ୧୮୦୦ ରୁ ୨୦୦୦ଟଙ୍କାରେ ସ୍ଥାନୀୟ ଦଲାଲ ଓ ପଡୋଶୀ ରାଜ୍ୟ ଛତିଶଗଡ ର କିଛି ବେପାରୀଙ୍କୁ ନିଜ କଷ୍ଟ ଉପାର୍ଜିତ ଧାନକୁ ବିକ୍ରି କରିଦେଉଛି ।

ବିଜୁ ଜନତା ଦଳର ବରିଷ୍ଠ ନେତାମାନେ ଏହାକୁ ତୀବ୍ର ବିରୋଧ କରି ଶୀଘ୍ର ମଣ୍ଡି ଖୋଲାଯିବ ଓ ଚାଷୀ ଧାନର ଉପଯୁକ୍ତ ମୂଲ୍ୟ ପାଇପାରିବ ସେଥିପାଇଁ ବ୍ଲକ୍ ସଭାପତି ଡାକେ ଲହଜଲଙ୍କ ନେତୃତ୍ୱରେ ଧର୍ମଗଡ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ।

ଏପରିକି ସେମାନେ ଚଳିତ ମାସ ଶେଷ ସପ୍ତାହ ସୁଦ୍ଧା ମଣ୍ଡି ଖୋଲିବାକୁ ଅନୁରୋଧ କରିଛନ୍ତି ।ଯଦି ସରକାର ମଣ୍ଡି ଖୋଲିବାରେ ବିଳମ୍ବ କରେ ତା ହେଲେ ଆଗକୁ ରାସ୍ତାରୋକ କରିବାକୁ ବାଧ୍ୟ ହେବୁ ବୋଲି ଚେତାବନୀ ଦିଆଯାଇଛି । ଦାବିପତ୍ର ପ୍ରଦାନ ସମୟରେ ଧର୍ମଗଡ ଏନ୍‌ଏସିର ପୂର୍ବତନ ଅଧକ୍ଷା ସୁଶ୍ରୀ ହୀରା ବାଗ, ଜିଲ୍ଲାପରିଷଦ ସଭ୍ୟ ଶଙ୍କର ପ୍ରସାଦ ଜୁଏଡ, ଗୌର ଚନ୍ଦ୍ର ବାଗ, ସନ୍ତୋଷ ପାଢ଼ୀ,ଦୟାନିଧି ମାଝି,ରାଧାକାନ୍ତ ଗୁରୁ, ରାଜା ହାତୀ, ଭବାନୀ ଶଙ୍କର ନାଏକ, ଲବଣୀ ଯାଦବ, ଛାତ୍ର ନେତା ସୁନିଲ ଭଏସାଲ, ଚିତ୍ତ ରଂଜନ ଭୋଇ, ଗୁଣ ଶବର ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ ଉଦ୍‌ଘାଟିତ




ନୂଆପଡା,୨୫ ।୧୧(ସମିସ):ନୂଆପଡ଼ା ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସର୍ଗିଫୁଲ' ଉଦ୍‌ଘାଟିତ ହୋଇଯାଇଛି ।ସ୍ଥାନୀୟ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିରୂପେ ଜିଲ୍ଲାପାଳ ମଧୁସୂଦନ ଦାଶ ଯୋଗଦାନ କରିଥିଲେ । ଜିଲ୍ଲା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ଓ ପଛୁଆବର୍ଗ ମଙ୍ଗଳ ବିଭାଗ ଦ୍ୱାରା ଆୟୋଜିତ ଉତ୍ସବରେ ଜିଲ୍ଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ ସଭାପତିତ୍ୱ କରିଥିଲେ ।ଏଥିରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ,ପ୍ରେମ ଅଗ୍ରୱାଲ, ସାଂସଦ ପ୍ରତିନିଧି, କଳାହାଣ୍ଡି, ଉଦୟ ସିଂ ମାଝୀ, ଜିଲ୍ଲା ଶିକ୍ଷା ନିରୀକ୍ଷକ,କଳାହାଣ୍ଡି ଓ ନୂଆପଡା ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ।

ଏହା ସହିତ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ଓ ଭଲିବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଥିଲା । ଦୁଇ ଦିନ ଧରି ଆୟୋଜିତ ହେବାକୁ ଥିବା ଉତ୍ସବରେ ଜିଲ୍ଲା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ୪୮ ଟି ବିଦ୍ୟାଳୟରୁ ୬୦୩ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।୨୬ ତାରିଖ ସନ୍ଧ୍ୟାରେ ଉତ୍ସବ ଉଦ୍‌ଯାପିତ ହେବ ।

### ସଡ଼କ ସୁରକ୍ଷା କମିଟି ଓ ଆମ ବସ୍‌ଷ୍ଟାଣ୍ଡ ନୋଡାଲ କମିଟି ବୈଠକ

# 'ହେଲମେଟ୍ ନାହିଁ ତ ପେଟ୍ରୋଲ ନାହିଁ'

ନୂଆପଡା,୨୫ ।୧୧(ସମିସ)



ନୂଆପଡ଼ା ମୁଖ୍ୟାଳୟ ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟୀ ଓ ଆମ ବସ୍‌ଷ୍ଟାଣ୍ଡ ନୋଡାଲ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଉପଜିଲ୍ଲାପାଳ ସୁର୍ମି ସୋରେନ, ସିଡିଏମଓ ଡା.ଧନେଶ୍ୱର ସେଠୀ,ଆଡିସନାଲ ଏସପି ରଞ୍ଜିତ ନାୟକ,ଅତିରିକ୍ତ ଜିଲ୍ଲା ଉନ୍ନୟନ ଅଧିକାରୀ କ୍ଷମାନିଧୀ ଭୋଇ, ଡେପୁଟୀ କଲେକ୍ଟର ଶେଖ ନସିମ,ଆଞ୍ଚଳିକ ପରିବହନ ଅଧିକାରୀ ଶର୍ମିଳା ମହାରଣା, ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ , ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ.ରେଶମ ଲାଲ ନାୟକ ପ୍ରମୁଖ ଯୋଗ ଦେଇଥିଲେ ।

ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସମ୍ବୋଧନ କରି କହିଲେ ଜିଲ୍ଲାରେ ସଡକ ଦୁର୍ଘଟଣାରେ ଚାଲି ଯାଉଥିବା ଅମୂଲ୍ୟ ଜୀବନକୁ ଆମକୁ ବଞ୍ଚାଇବାକୁ ପଡ଼ିବ । ଏଥିପାଇଁ ଆମକୁ ସଚେତନ ହେବା ସହିତ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ପଡ଼ିବ । ବୈଠକରେ ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ଶଶାଙ୍କ ଶେଖର ଶୁକ୍ଳା ପୂର୍ବ ବୈଠକର ବିବରଣୀ ସହ ଆଗାମୀ ମାସର ବହୁବିଧ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ । ଆଗାମୀ ଦିନରେ ହେଲମ୍ୟାଟ ଚେକିଂ ଉପରେ ଗୁରୁତ୍ୱ ଦେବା ସହ ସପ୍ତାହର ପ୍ରତିଦିନ ହେଲମେଟ ନାହିଁ ତ ପେଟ୍ରୋଲ ନାହିଁ (ନୋ ହେଲମେଟ ନୋ ପେଟ୍ରୋଲ) ଚେକିଂ କଡ଼ାକଡ଼ି କରାଯିବ । ଏହାକୁ ସମସ୍ତ ବିଡ଼ିଓ ତହସିଲଦାର ଓ ଆରଟିଓ ତଦାରଖ କରିବେ । ନାବାଳକ ଏବଂ ମଦ୍ୟପ ଗାଡିଚାଳକଙ୍କ ଉପରେ ବିଶେଷ ନଜର ରଖାଯିବ । ଆରଟିଓ,ପୁଲିସ ବିଭାଗ ଓ ଅବକାରୀ ବିଭାଗ ଅନେକ ସମୟରେ ମିଳିତ ଭାବରେ ଗାଡ଼ି ଯାଞ୍ଚ କରିବେ । ବିଜୁ ଏକ୍ସପ୍ରେସ ୱେରେ ଯେଉଁ ଜାଗାରେ ବେଶି ଦୁର୍ଘଟଣା ହେଉଛି ସେଠାରେ ଜନ ସଚେତନତା ସୃଷ୍ଟି କରାଯିବା ସହିତ ସାଇନେଜ ଲଗାଯିବ । ରାସ୍ତା କଡ ସ୍କୁଲ ମାନଙ୍କରେ ପିଲାଙ୍କୁ ବିଶେଷ ଭାବରେ ସଚେତନ କରାଯିବ ।ରାସ୍ତାକଡ ମୁକୁଳା ଡ୍ରେନ ସବୁ ଅତିଶିଘ୍ର ବନ୍ଦ ବନ୍ଦ ହେବ । ଖଡିଆଳ ସହରରେ ଟ୍ରାଫିକ ସିଗ୍ନାଲ ଲାଗିବ । ସମୀକ୍ଷାରୁ ଜଣାଗଲା ଯେ ୨୦୨୫ ବର୍ଷରେ ଅକ୍ଟୋବର ପର୍ଯ୍ୟନ୍ତ ୯୪ ଟି ଦୁର୍ଘଟଣାରେ ୧୧୯ ଜଣ ମୃତ୍ୟୁବରଣ କରିଛନ୍ତି ଓ ୬୨ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି ।

ଅକ୍ଟୋବର ମାସରେ ୨୪ ଜଣ ମଦ୍ୟପ ଡ୍ରାଇଭର ଏବଂ ୪୫୮ ଜଣ ବିନା ହେଲମେଟ ଚାଳକଙ୍କୁ ଫାଇନ ପଡ଼ିଛି ।୫ଟି ଗାଡ଼ି ଜବତ କରାଯାଇଛି । ଜିଲ୍ଲାରେ ଦୁର୍ଘଟଣା ରୋକିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରିବା ସହିତ ସମସ୍ତଙ୍କୁ ଏ ବିଷୟରେ ସଚେତନ କରିବାକୁ ପଡିବ ।ଏଥିରେ ଲୋକ ପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଛାତ୍ରଛାତ୍ରୀଙ୍କୁ ସାମିଲ ହେବେ । ଆଞ୍ଚଳିକ ପରିବହନ ଅଧିକାରୀ ଶର୍ମିଳା ମହାରଣା ଏହି ଶୂନ୍ୟ ମୃତାହତ ପକ୍ଷ ପାଳନ ଅବସରରେ ବିଭାଗ ଦ୍ୱାରା ନିଆ ଯାଇଥିବା ସଚେତନତା କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ । ଏହାପରେ ଜିଲ୍ଲାର ପରିବହନ କ୍ଷେତ୍ର ଏବଂ ବସ୍‌ଷ୍ଟାଣ୍ଡମାନଙ୍କ ସୁଧାର ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ ହୋଇଥିଲା । ଆମ ବସ୍ ମାନଙ୍କ ନୂତନ ରୁଟ ଚାର୍ଟ, ନୂଆପଡ଼ା ବସ୍‌ଷ୍ଟାଣ୍ଡରେ ଦିନ ଓ ରାତିରେ ଚାଲୁଥିବା ସମସ୍ତ ବସର ବାଧ୍ୟତାମୂଳକ ପ୍ରବେଶ, ଏଠାରେ ମହିଳା ଯାତ୍ରୀଙ୍କ ସୁରକ୍ଷା ପାଇଁ ମହିଳା ଗାର୍ଡ ମୃତୟନ, ବେସରକାରୀ ବସ୍‌ମାନଙ୍କ ଠାରୁ ପ୍ରବେଶ ଶୁଳ୍କ ଆଦାୟ, ବସମାନଙ୍କରେ ସରପ୍ରାଇଜ୍ ଚେକିଂ, ଦୋକାନ ଗୃହ ପରିଚାଳନା,କ୍ୟାଣ୍ଟିନ ଆରମ୍ଭ ଇତ୍ୟାଦି ବିଷୟରେ ଆଲୋଚନା ହୋଇଥଲା ।

ବୈଠକରେ ସମସ୍ତ ବିଡିଓ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା,ଏମଭିଆଇ ଉପେନ୍ଦ୍ର କୁମାର ପୁସିକା,ଟିଏସଆଇ ପ୍ରଜ୍ଞା ପାରମିତା, ଜାତୀୟ ରାଜପଥ ଯନ୍ତ୍ରୀ ସପନ କୁମାର ବେହେରା,ନୂଆପଡା ଏନ୍‌ଏସି କାର୍ଯ୍ନିର୍ବାହୀ ଅଧିକାରୀ ଶ୍ରୀନିବାସ ମିର୍ଦ୍ଧା, ଖରିଆର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା,ଖରିଆରରୋଡ଼ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କମଳା ସନ ରଥ,ଡିଟିଏମ ଆକାଶ ମହାପାତ୍ର, କଦମରୁ ଯାଜ୍ଞସେନୀ ମହାପାତ୍ର,ସ୍ୱେଚ୍ଛାସେବୀ ବିଜୟ କୁମାର ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ

## କେନାଲ ପାଣି ପାଇଁ କେରମୁଣ୍ଡା ଗ୍ରାମବାସୀଙ୍କ ଦାବି



ଧର୍ମଗଡ଼,୨୫ ।୧୧(ସମିସ):ଚାଷ କାର୍ଯ୍ୟ ଲାଗି କେନାଲ ଜରିଆରେ ପାଣି ଯୋଗାଣ ନିମନ୍ତେ ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ଡୁମେରଗୁଡା ପଞ୍ଚାୟତ କେରମୁଣ୍ଡା ଗ୍ରାମବାସୀ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

କେରମୁଣ୍ଡା ଗେଟ ପଞ୍ଜିଆ ଡିଷ୍ଟ୍ରିବ୍ୟୁଟାରୀ ୧୧ନମ୍ବର ଗେଟ୍ ପର୍ଯ୍ୟନ୍ତ ପାଣି ଛାଡିବା ପାଇଁ ସ୍ଥିର ହୋଇଥିବା ଜାଣିବା ପରେ କେରମୁଣ୍ଡା ଗ୍ରାମର ଅଳ୍ପ ଜମି ଗୁଡିକରେ ପାଣି ପହଞ୍ଚି ପାରୁଛି । ଫଳରେ କେନାଲ ପାଣିକୁ ଭରଷା କରି ଚାଷ କାର୍ଯ୍ୟ କରୁଥିବା ବହୁ ଚାଷୀ ବଞ୍ଚିତ ହେଉଛନ୍ତି ।ଏହି ସମସ୍ୟାର ସମାଧାନ ପାଇଁ ଚାଷୀମାନେ ଧର୍ମଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲଙ୍କ ଅନୁପସ୍ଥିତରେ ସହକାରୀ ଉପଜିଲ୍ଲାପାଳ ଅଜୟ ପ୍ରକାଶ ତିର୍କୀଙ୍କୁ ଭେଟିଦାବିପତ୍ର ପ୍ରଦାନ କରିଛନ୍ତି । ସମସ୍ୟାର ତୁରନ୍ତ ସମାଧାନ ନେହେଲ ଆଗାମୀ ଦିନରେ ଆନ୍ଦୋଳନର ପନ୍ଥା ଆପଣାଇବା ପାଇଁ ଚେତାବନୀ ଦେଇଛନ୍ତି । ଦାବିପତ୍ର ଦେବା ସମୟରେ ସୁରେଶ ଭଏସାଲ,ଶ୍ୟାମ ସୁନ୍ଦର ମାଝୀ, ଦୟାନିଧି ମାଝୀ,ଗଣେଶ ମହାନନ୍ଦ, ଲୋକନାଥ ଟୋଲଟିଆ, ମାଧବ ମାଝୀ, ରତ୍ନାକର ବୋଡ଼କିଆ,ଶୋଭାରାମ ଟୋଲଟିଆ ସମେତ ଗ୍ରାମର ଅନେକ ଲୋକ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୌସୁମୀରେ ଧୋଇଗଲା...

ନିଜର ରଣନୀତିକୁ ଚୂଡ଼ାନ୍ତ ରୂପ ଦେବେ। ଏପଟେ ନୂଆପଡ଼ାରେ ବିପୁଳ ବିଜୟ ପରେ ଶାସକ ଦଳ ପୁରା ଜୋଶରେ ଥିବାବେଳେ ଏହା ଗ୍ରହକୁ ଅଧିକ ସରଗରମ କରିପାରେ ବୋଲି ଅନୁମାନ କରାଯାଉଛି। ଉଭୟ ଶାସକ ଏବଂ ବିରୋଧୀଙ୍କ ମୁଡକୁ ଦେଖିଲେ ବିଧାନସଭାରେ ସେ କେହି କାହାରିକୁ ଛାଡ଼ିବେ ନାହିଁ, ତାହା ଏବେଠାରୁ ଜଳଜଳ ଦିଶିଲାଣି ବୋଲି ରାଜନୈତିକ ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି।

### ୨୧ ଲକ୍ଷ ମୋବାଇଲ...

ଚିହ୍ନଟ କରି ତଦନ୍ତ ପରେ ସେଗୁଡ଼ିକୁ ସ୍ଥାୟୀ ଭାବରେ ବ୍ଲକ୍ କରିଛନ୍ତି। ଟ୍ରାଇ ପକ୍ଷରୁ ଏକ ପରାମର୍ଶ ଜାରି କରି କୁହାଯାଇଛି ଯେ, ଯେତେବେଳେ ଏକ ସ୍କାମ୍ କଲ୍ ଆସୁଛି,ସେତେବେଳେ କେବଳ ନିଜର ବ୍ୟକ୍ତିଗତ ଡିଭାଇସ୍‌ରେ ବ୍ଲକ୍ କରିବା ସହ ଡିଏନ୍‌ଡି ଆପ୍ ମାଧ୍ୟମରେ ମଧ୍ୟ ଏ ସମ୍ପର୍କରେ ରିପୋର୍ଟ କରନ୍ତୁ। ଡିଏନ୍‌ଡି ଆପରେ ଅଭିଯୋଗ କରିବା ପାଇଁ ପ୍ରଥମେ ମୋବାଇଲ୍ ଫୋନ୍‌ରେ ଟ୍ରାଇ ଏ.ଓ ଆପ୍ ଡାଉନଲୋଡ୍ କରିବାକୁ ହେବ।

### ଆଇସକ୍ରିମ୍‌ର ଲୋଭ ଦେଖାଇ...

ପରେ ଥାନାରେ ଅଭିଯୋଗ କରିଥିଲେ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ମଧ୍ୟ ଏହି ଅଞ୍ଚଳରେ ଦୁଇଜଣ ନାବାଳିକା ଛାତ୍ରୀଙ୍କୁ କେହି ଦୁର୍ବୃତ୍ତ ଦୁଷ୍କର୍ମ ସହ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଉକ୍ତ ଘଟଣାର ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସି ନଥିବା ବେଳେ ଆଜି ପୁଣି ଏଭଳି ଏକ ଘଟଣା ବୁଦ୍ଧିଜୀବୀ ମହଲରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି।

### ବିଦ୍ୟୁତ୍ ଉପଭୋକ୍ତାଙ୍କ...

ଦେଇଥିଲେ। ଏହି ବିଦ୍ୟୁତ୍ ବିକ୍ରି ବାବଦରେ ଟାଟାପାୱାରର ୪ କମ୍ପାନୀ ୧୭୪୭୧ କୋଟିଟଙ୍କା ରାଜସ୍ୱକୁ ମଧ୍ୟ ମଞ୍ଜୁରୀ ମିଳିଥିଲା। ମାତ୍ର ଟାଟା ପାୱାର ଉପଭୋକ୍ତାଙ୍କୁ ୨୯୫୬.୭୯ ନିୟୁତ ୟୁନିଟ ହାରାହାରି ୬ ଟଙ୍କା ୩ ପଇସା ହିସାବରେ ବିକ୍ରି କରି ୧୮୮୩୬ କୋଟି ଟଙ୍କା ଅଦାୟ କରିଛି। ଆୟୋଗ ଅନୁମୋଦନ କରିଥିବା ୟୁନିଟ୍ ପିଛା ହାରାହାରି ଟାରିଫ ଠାରୁ ଏହା ୩୬ ପଇସା ଅଧିକ ବୋଲି କୁହାଯାଉଛି । ଟାଟାପାୱାର ପୂର୍ବ ଗ୍ରାଡକୋ ମଧ୍ୟ ଏହି ବର୍ଷ ଲାଭବାନ ହୋଇଛି ଏବଂ ଏହାର ପରିମାଣ ୩୪୭.୩୬ କୋଟି ଟଙ୍କା ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

ଅନ୍ୟପକ୍ଷରେ ଅନୁମୋଦିତ ବୈଷୟିକ ଓ ବାଣିଜ୍ୟ କ୍ଷତି ହ୍ରାସ ଲକ୍ଷ୍ୟ ୧୮.୭୯ ପ୍ରତିଶତରୁ ଟାଟା ପାୱାର ଉତ୍ତମ ପ୍ରଦର୍ଶନ କରିଛି ଓ ଏହି କ୍ଷତି ୧୬.୭୦ ପ୍ରତିଶତକୁ ହ୍ରାସ ପାଇଛି। ପୁନଶ୍ଚ ଉପଭୋକ୍ତାଙ୍କ ମିଟର ସ୍ଥାପନ କ୍ଷେତ୍ରରେ ଟାଟା ୯୯ ପ୍ରତିଶତ ସଫଳ ହୋଇଥିବା ବେଳେ ସ୍ମାର୍ଟ ମିଟର ସ୍ଥାପନ ମାତ୍ର ୩୩ ପ୍ରତିଶତ ସମ୍ଭବ ହୋଇଛି। ଅର୍ଥାତ ରାଜ୍ୟରେ ଏଯାବତ୍ ୧୭ ଲକ୍ଷ ୬୬ ହଜାର ଉପଭୋକ୍ତା ସ୍ମାର୍ଟ ମିଟର ବସାଇଛନ୍ତି। ସେହିପରି ଫିଡର ଓ ଟ୍ରାନ୍ସଫର୍ମର ମିଟରିଙ୍ଗ କାର୍ଯ୍ୟରେ ଟାଟାର ପ୍ରଦର୍ଶନ ଦୁର୍ବଳ ରହିଛି। ଓଡ଼ିଶା ବିଦ୍ୟୁତ ସେବାରେ ନିୟୋଜିତ ସମୁଦାୟ ୨୫୨୭ଟି (୧୧ଠ/୩୩ କେଭିଏ) ପାୱାର ଟ୍ରାନ୍ସଫର୍ମର ମଧ୍ୟରୁ ମାତ୍ର ୧୭୩୦ଟିରେ (୬୮ ପ୍ରତିଶତ) ମିଟରିଙ୍ଗ ହୋଇଛି। ୧୭୮ଟି ୩୩କେଭି ଫିଡର ମଧ୍ୟରୁ ମାତ୍ର ୭୫ ପ୍ରତିଶତ ଅର୍ଥାତ ୬୩୮ଟି ମିଟରିଙ୍ଗ ହୋଇଛି। ବିଦ୍ୟୁତ ସେବାରେ ନିୟୋଜିତ ଥିବା ସମୁଦାୟ ୩ ଲକ୍ଷ ବିତରଣ ଟ୍ରାନ୍ସଫର୍ମର ମଧ୍ୟରୁ ପ୍ରାୟ ୨ ଲକ୍ଷ ଟ୍ରାନ୍ସଫର୍ମରର କ୍ଷମତା ୬୩ କେଭିଏରୁ କମ ଥିବାରୁ ଆୟୋଗ ନାପସନ୍ଦ କରି ସେଗୁଡ଼ିକୁ ୧୦୦ କେଭିଏ କିମ୍ବା ତଦୁର୍ଦ୍ଧ୍ୱ କ୍ଷମତାକୁ ବୃଦ୍ଧି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଉପଭୋକ୍ତା ସୂଚୀକରଣ ଓ ଜିଆଇଏସ ମ୍ୟାପିଙ୍ଗ କାର୍ଯ୍ୟରେ ଟାଟା ପ୍ରାୟ ଶତ ପ୍ରତିଶତ ସଫଳ ହୋଇଥିବାବେଳେ ବିତରଣ ଟ୍ରାନ୍ସଫର୍ମର ମିଟରିଙ୍ଗ ମାତ୍ର ୧୯.୪୦ ପ୍ରତିଶତ ହୋଇଛି। ଅପରପକ୍ଷେ ଗ୍ରାଡକୋର କାର୍ଯ୍ୟଦକ୍ଷତା ସମୀକ୍ଷା ରିପୋର୍ଟ ଅନୁସାରେ ୨୦୨୪-୨୫ରେ ଗ୍ରାଡକୋ ୪୨୪୮.୭ ନିୟୁତ ୟୁନିଟ ବ୍ୟବସାୟ କରି ୧୪୫୧୧ କୋଟିଟଙ୍କା ଆୟ କରିଥିବା ବେଳେ ସମୁଦାୟ ବ୍ୟୟ କରିଛି ୧୪୧୬୩ କୋଟି ଟଙ୍କା। ଅର୍ଥାତ ବିଦ୍ୟୁତ ବ୍ୟବସାୟରୁ ଗ୍ରାଡକୋ ୩୪୭.୬ କୋଟି ଟଙ୍କା ଲାଭ କରିଛି।

ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ ଯେହେତୁ ପୂର୍ବ ବର୍ଷରେ (୨୦୨୪-୨୫) ଗ୍ରାଡକୋର ବ୍ୟବସାୟିକ ଲାଭ ୩୪୭ କୋଟି ଟଙ୍କା ହୋଇଛି ଏବଂ ଟାଟା ବିତରଣ କମ୍ପାନୀ ଗୁଡ଼ିକ ଓଇଆରସି ଧାର୍ଯ୍ୟ କରିଥିବା ହାରାହାରି ଟାରିଫ ଠାରୁ ୟୁନିଟ୍ ପିଛା ୩୬ ପଇସା ହିସାବରେ ଉପଭୋକ୍ତାଙ୍କ ଠାରୁ ଅଧିକ ୧୦୨୫ କୋଟିଟଙ୍କା ଅଦାୟ କରିଛନ୍ତି, ତେଣୁ ଆସନ୍ତା ବର୍ଷର ଟାରିଫ ନିର୍ଣ୍ଣୟ ପ୍ରକ୍ରିୟାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଟାଟା ଉପଭୋକ୍ତାଙ୍କ ଠାରୁ ଅଧିକ ଅଦାୟ କରିଥିବା ରାଜସ୍ୱକୁ ସୁଧସହ ଫେରସ୍ତ କରିବା ପାଇଁ ଶ୍ରୀ ମହାପାତ୍ର ଆସନ୍ତା ଟାରିଫ ନିର୍ଣ୍ଣୟ ପ୍ରକ୍ରିୟାରେ ଆୟୋଗ ସମ୍ମୁଖରେ ଯୁକ୍ତି ରଖିବେ ବୋଲି ସେ ସୂଚନା ଦେଇଛନ୍ତି। ତେଣୁ ଆସନ୍ତା ବର୍ଷ ୨୦୨୬-୨୭ ପାଇଁ ଖୁଚୁରା ବିଦ୍ୟୁତ୍‌ମୂଲ୍ୟ (ଟାରିଫ) ବୃଦ୍ଧିହେବା ସମ୍ଭାବନା ଖୁବ କମ ରହିଛି ବୋଲି ସେ ମତପ୍ରକାଶ କରିଛନ୍ତି।

### ଇଥିଓପିଆରେ ଉଦ୍‌ଗୀରଣ...

ପାଉଁଶର ଏହି ବାଦଲ ମଙ୍ଗଳବାର ସନ୍ଧ୍ୟା ୭.୩୦ ବେଳକୁ ଭାରତରୁ ଅପସରି ଯିବ ଓ ଆକାଶ ସଫା ହେବ ଏବଂ ଏହା ଚୀନ୍ ଆଡକୁ ଗତି କରିବ ବୋଲି ଭାରତୀୟ ମୌସମ ବିଜ୍ଞାନ ବିଭାଗ (ଆଇଏମ୍‌ଡି) ତରଫରୁ କୁହାଯାଇଛି।

ଏହି ଜ୍ୱାଳାମୁଖୀ ଫାଟିବା କାରଣରୁ ଏୟାର ଇଣ୍ଡିଆ ନିଜର ୧୧ଟି ବିମାନର ଉଡାଣକୁ ରଦ୍ଦ କରିଛି। ଏହି ଧୂଆଁ ତଥା ବାଦଲର ଉଚ୍ଚତା ଏତେ ଥିଲା ଯେ, ସାଧାରଣ ଲୋକଙ୍କ ଜୀବନ ଉପରେ ଏହା ପ୍ରଭାବ ବହୁତ କମ୍ ରହିଛି। ଏଥିରେ କୌଣସି ଲୋକ ମୃତାହତ ହୋଇ ନଥିବାର ସୂଚନା ମିଳିଛି। କିନ୍ତୁ ଯେମେନ ଓ ଓମାନ ସରକାର ଲୋକଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଦ୍ୱାରା ବିମାନ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଖାସ୍ କରି ଦିଲ୍ଲୀ ଓ ଜୟପୁର ଭଳି ଅଞ୍ଚଳରେ ବିମାନ ଚଳାଚଳ ଉପରେ ନଜର ରଖାଯାଉଛି। ପାଉଁଶର କଣା ବିମାନର ଇଞ୍ଜିନକୁ କ୍ଷତିଗ୍ରସ୍ତ କରିବାର ଯଥେଷ୍ଟ ଆଶଙ୍କା ରହିଛି। ଖାସ୍‌କରି ଏଥିପାଇଁ ଅନ୍ତର୍ଜାତୀୟ ବିମାନ ଚଳାଚଳ ନିୟମ ଅନୁସାରେ ସତର୍କତା ଅବଲମ୍ବନ କରାଯାଉଛି। ଭାରତର ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ବିଭିନ୍ନ ଏୟାର ଲାଇନ୍ସ ପାଇଁ ବିସ୍ତୃତ ମାର୍ଗଦର୍ଶିକା ଜାରି କରିଛି। ଯେଉଁ ଏହି ପାଉଁଶ ତଥା ବାଦଲ ବହୁ ଉଚ୍ଚରେ ରହିଥିବାରୁ ବିମାନ ଉଡାଣ ଓ ଅବତରଣରେ କୌଣସି ସମସ୍ୟା ନଥିବା କଥା କୁହାଯାଉଛି। ଯଦି କୌଣସି ବିମାନ ଏହି ପାଉଁଶ ସଂସ୍ପର୍ଶରେ ଆସେ ତେବେ ତୁରନ୍ତ ଏ ନେଇ ସୂଚନା ଦେବାକୁ କୁହାଯାଇଛି। ଏହି କାରଣରୁ ଆକାଶ ଏୟାର, ଇଣ୍ଡିଗୋ ଓ କେଏଲ୍‌ଏମ୍ ସେମାନଙ୍କର ଏକାଧିକ ଉଡାଣ ବନ୍ଦ କରିଛନ୍ତି। ଏହି ଜ୍ୱାଳାମୁଖୀ ବିସ୍ଫୋରଣକୁ ବୈଜ୍ଞାନିକମାନେ ଏକ ଅସାଧାରଣ ଘଟଣା ବୋଲି କହିଛନ୍ତି। ଏହା ପରିବେଶ ଓ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହି ଜ୍ୱାଳାମୁଖୀରେ ପୁଣି ବିସ୍ଫୋରଣ ହେବାର ଆଶଙ୍କା ରହିଛି ବୋଲି କୁହାଯାଉଛି।

# ପ୍ରେମ ପାଇଁ 'ନିର୍ଯାତନା' ନାଟକ

## ଆମେରିକାରୁ ଫେରିଲେ ବାଲେଶ୍ୱର ଝିଅ ପୂଜା



ବାଲେଶ୍ୱର, ୨୫।୧୧(ସମିସ): ପ୍ରେମ ପାଇଁ 'ନିର୍ଯାତନା' ନାଟକ ରଚିଥିଲେ। ନିଜ ମନର ମଣିଷକୁ ବିବାହ କରି ତା' ସହ ରହିବା ପାଇଁ ପାଳିତ ମା' ଉପରେ ମିଛ ଅଭିଯୋଗ ଆଣିଥିଲେ। ଖାଲି ସେତିକି ନୁହେଁ, ଏହାର ଏକ ଭିଡିଓ କରି ଭାଇରାଲ୍ କରିଥିଲେ। ପୋଷ୍ୟ କନ୍ୟା ଭାବେ ଆମେରିକା ଯାଇଥିବା ଓଡ଼ିଆ ଝିଅ ପୂଜା ଆଜି ବାଲେଶ୍ୱର ଫେରିବା ପରେ ନିଜ ମୁହଁରେ ଏହି 'ନିର୍ଯାତନା' ନାଟକର ଭେଦ ଖୋଲିଛନ୍ତି।

ପୂଜା କହିଛନ୍ତି, ଛୋଟ ବେଳେ ଭୁବନେଶ୍ୱରରେ ରହି ପୁରୁଷବନ୍ଧୁ ଅମରଙ୍କ ସହ ପାଠ ପଢ଼ୁଥିଲି। ପରିବାର ସହ ଟ୍ରେନ୍‌ରେ ଯାତ୍ରା କରୁଥିବା ବେଳେ ହଜିଯାଇଥିଲି। ଚାଇଲ୍ଡଲାଇନ ମୋତେ ଉଦ୍ଧାର କରି ଭୁବନେଶ୍ୱର ନହରକଣ୍ଟାସ୍ଥିତ ଏକ କନ୍ୟାଶ୍ରମରେ ରଖିଥିଲା। ସେଠାରୁ ଏକ ଆମେରିକୀୟ ଦମ୍ପତି ମୋତେ ପୋଷ୍ୟକନ୍ୟା ଭାବେ ଗ୍ରହଣ କରି ସାଙ୍ଗରେ ନେଇ ଯାଇଥିଲେ। ଆମେରିକାରେ ପାଖାପାଖି

**ପୁରୁଷ ବନ୍ଧୁଙ୍କୁ ବାହା ହେବା ପାଇଁ ମିଛ ଭିଡିଓ ବାର୍ତ୍ତା କରିଥିଲେ**

୭ବର୍ଷରୁ ଅଧିକ ସମୟ ରହିଥିଲି। ୨୦୨୪ ମସିହାରେ ସୋସିଆଲ ମିଡିଆରେ ଅମରକୁ ଦେଖିବା ପରେ ତାଙ୍କ ସହ ଯୋଗାଯୋଗ କରିଥିଲି। କଥାବାର୍ତ୍ତାରୁ ଆମ ସଂପର୍କ ଆଗକୁ ବଢ଼ିଥିଲା। ସେଠାରେ ମୋତେ କୌଣସି ନିର୍ଯାତନା ଦିଆଯାଇ ନଥିଲା। ଭାଇରାଲ ହୋଇଥିବା 'ନିର୍ଯାତନା' ଭିଡିଓ ସମ୍ପୂର୍ଣ୍ଣ ମିଛ। ମୁଁ ଅମରଙ୍କୁ ଭଲ ପାଉଛି ଓ ତାଙ୍କୁ ବାହା ହୋଇ ଓଡ଼ିଶାରେ ରହିବି ବୋଲି ପୂଜା କହିଛନ୍ତି।

ସୂଚନାନୁଯାୟୀ, କିଛି ଦିନ ତଳେ ପୂଜାଙ୍କ ଏକ ଭିଡିଓ ଭାଇରାଲ୍ ହୋଇଥିଲା। ତାଙ୍କୁ ପୋଷ୍ୟ କନ୍ୟା ଭାବେ ଗ୍ରହଣ କରିଥିବା ଦମ୍ପତି ତାଙ୍କୁ ଆମେରିକାରେ ନିର୍ଯାତନା ଦେଉଛନ୍ତି ବୋଲି ସେଥିରେ ସେ ଅଭିଯୋଗ କରିଥିଲେ। ତେଣୁ, ଯଥାଶୀଘ୍ର ତାଙ୍କୁ ସେଠାରୁ ଉଦ୍ଧାର ପାଇଁ ସେ ଉକ୍ତ ଭିଡିଓରେ ଓଡ଼ିଶା ସରକାରଙ୍କୁ ଗୁହାରି କରିଥିଲେ। ତେବେ ରାଜ୍ୟ ସରକାରଙ୍କ ଉଦ୍ୟମରେ ତାଙ୍କୁ ଓଡ଼ିଶା ଫେରାଇ ଅଣାଯାଇଛି। ତାଙ୍କୁ ବାଲେଶ୍ୱର ନାରୀସଂଘରେ ରଖାଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ମହାନ୍ତି କହିଛନ୍ତି ଯେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ଅଧକ୍ଷତାରେ ଗୋଟିଏ ଟିମ୍ ଭୁବନେଶ୍ୱର ଯାଇ ସେଠାରୁ ତାଙ୍କୁ ଉଦ୍ଧାର କରି ଜିଲ୍ଲା ନାରୀ ସଂଘରେ ରଖିଛନ୍ତି। ଅନ୍ୟପଟେ ପୂଜାଙ୍କ ପୁରୁଷ ବନ୍ଧୁଙ୍କ ସହ ଏପର୍ଯ୍ୟନ୍ତ ତାଙ୍କର ଦେଖାହୋଇନି। ତାଙ୍କ ସହ ଯୋଗାଯୋଗ ଜାରି ରଖାଯାଇଛି। ଜିଲ୍ଲାପାଳଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ପରେ ଯାହା କିଛି ପଦକ୍ଷେପ ଗ୍ରହଣ କରାଯିବ।

## ଆଜୀବନ ଦଣ୍ଡାଦେଶକୁ ଚାଲେଞ୍ଜ

# ୧୨ବର୍ଷ ବିଳମ୍ବରେ ମାମଲାକୁ ନେଇ ହାଇକୋର୍ଟଙ୍କ ଅସନ୍ତୋଷ

କଟକ,୨୫ ।୧୧(ସମିସ): ଜିଲ୍ଲା ଜଜ୍ ଓ ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ନିୟମିତ ଜେଲ୍ ଯାଞ୍ଚ ସତ୍ତ୍ୱେ ଆଜୀବନ ଜେଲ୍ ଦଣ୍ଡାଦେଶ ପାଇଥିବା ଦୋଷୀଙ୍କ ପକ୍ଷରୁ ଦଣ୍ଡାଦେଶ ବିରୋଧରେ ୧୨ବର୍ଷ ବିଳମ୍ବରେ ଅପିଲକୁ ନେଇ ହାଇକୋର୍ଟ ପ୍ରଶ୍ନ ଉଠାଇବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। କେବଳ ଜିଲ୍ଲା ଜଜ୍ ନୁହେଁ, ବରଂ ଜିଲ୍ଲା ଆଇନସେବା ପ୍ରାଧିକରଣ ସହ ଜଡ଼ିତ ଅଧିକାରୀମାନେ ମଧ୍ୟ ଜେଲଗୁଡ଼ିକର ନିୟମିତ ପରିଦର୍ଶନ କରି ଯାଞ୍ଚ କରୁଛନ୍ତି। ତେବେ ନିମ୍ନ ଅଦାଲତଙ୍କ ରାୟକୁ କିଭଳି ୧୨ବର୍ଷ ଧରି ଅଭିଯୁକ୍ତଙ୍କ ତରଫରୁ ଅପିଲ କରାଯାଇନି, ସେ ନେଇ ଖଣ୍ଡପୀଠ ପ୍ରଶ୍ନ କରିବା ସହ ମୟୂରଭଞ୍ଜ ଜିଲ୍ଲା ଏବଂ ଦୌରାଜଜ୍‌ଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି। ଜଟିଆ ହେମ୍ବ୍ରମଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ସଙ୍ଗମ କୁମାର ସାହୁ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ଜଟିଆ ହେମ୍ବ୍ରମଙ୍କୁ ଆଇପିସିର ଧାରା ୩୦୨(ହତ୍ୟା) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଗତ ୨୦୧୩ ଜାନୁଆରି ୩୦ରେ ବାରିପଦା ଅତିରିକ୍ତ ଦୌରାଜଜ୍‌ଆ ଜୀବନ କାରାଦଣ୍ଡାଦେଶ ପ୍ରଦାନ କରି ରାୟ ପ୍ରକାଶ କରିଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ଗତ ଅକ୍ଟୋବର ୨୪ରେ ଏକ ଜେଲ କ୍ରିମିନାଲ ଅପିଲ ଦାଖଲ କରାଯାଇଥିଲା। ଯେତେବେଳେ ମାମଲାଟି ଶୁଣାଣି ପାଇଁ ଆସିଲା, ସେତେବେଳେ ଅପିଲ ଦାଖଲ କରିବାରେ ୪୫୬୫ ଦିନ ଅର୍ଥାତ ୧୨ ବର୍ଷ ବିଳମ୍ବ ହୋଇଥିବା କୋର୍ଟ ଷ୍ଟାମ୍ପ ରିପୋର୍ଟରଙ୍କ ଦ୍ୱାରା ଉଲ୍ଲିଖିତ କରାଯାଇଥିଲା। ଅପିଲ କରୁନଥିବା ଅଭିଯୁକ୍ତଙ୍କୁ ଆଇନଗତ ସହାୟତା ପ୍ରଦାନର ନିୟମ ରହିଛି, ଯାହାକୁ ନେଇ ହାଇକୋର୍ଟ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ପରବର୍ତ୍ତୀ ଶୁଣାଣି ବେଳେ ସମ୍ପୃକ୍ତ ଆଇନ ସେବା ପ୍ରାଧିକରଣର ସଚିବଙ୍କୁ ଭର୍ଚୁଆଲ ଜରିଆରେ ହାଜର ହେବା ପାଇଁ କହିଛନ୍ତି ହାଇକୋର୍ଟ। ଏଥିସହ ଆବେଦନକାରୀ ଅଭିଯୁକ୍ତଙ୍କ ହାଜର ବ୍ୟବସ୍ଥାକୁ ବାରିପଦା ସର୍କଲ ଜେଲ ଅଧୀକ୍ଷକ ସୁନିଶ୍ଚିତ କରାଇବେ ବୋଲି କହିଛନ୍ତି ଅଦାଲତ।

## ବକାଉର ରହେମାନଙ୍କ ପରଲୋକ



ଭୁବନେଶ୍ୱର,୨୫ ।୧୧(ସମିସ)୨୫।୧୧: ଯଦୁପୁରର ବିଶିଷ୍ଟ ସମାଜସେବୀ ମହମ୍ମଦ ବକାଉର ରହେମାନଙ୍କର ଗତ ରବିବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୯୪ବର୍ଷ ବୟସ ହୋଇଥିଲା। ଭାରତୀୟ ଡାକ ବିଭାଗରେ କାର୍ଯ୍ୟ କରି ସେ ଅବସର ନେବା ପରେ ତାଙ୍କର ଯଦୁପୁର ବାସଭବନରେ ରହୁଥିଲେ। ସେ ଅତ୍ୟନ୍ତ ମେଳାପୀ ଥିଲେ ଏବଂ ଗ୍ରାମର ବିଭିନ୍ନ ଲୋକହିତକର କାର୍ଯ୍ୟରେ ସଂଶ୍ଳିଷ୍ଟ ରହୁଥିଲେ। ମୃତ୍ୟୁବେଳକୁ ସେ ନିକଟରେ ତାଙ୍କର ଜ୍ୟେଷ୍ଠପୁତ୍ର ବରିଷ୍ଠ ସାମ୍ବାଦିକ ମହମ୍ମଦ ହିଫଜୁର ରହେମାନଙ୍କ ସମେତ ୪ ପୁଅ, ତିନିଝିଅ ଏବଂ ସମସ୍ତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଯଦୁପୁର କବର ସ୍ଥାନରେ ସୋମବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଭିଜିଲାନ୍ସ ଜାଲରେ ଏଆରଆଇ



ଓ ହଜାର ଲାଞ୍ଚ ନେଲାବେଳେ ମାଡ଼ିବସିଲା ଭିଜିଲାନ୍ସ

କେନ୍ଦ୍ରାପଡ଼ା, ୨୫।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ତହସିଲ ଅଧୀନ ନିକିରାଇ ରାଜସ୍ୱ ସର୍କଲ ଏଆରଆଇ ଅଭିମନ୍ୟୁ ବେହେରା ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଜମିର କିସମ ପରିବର୍ତ୍ତନ ପାଇଁ ଶ୍ରୀନାଥ ମଲ୍ଲିକଠାରୁ ୧୨ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଭିଜିଲାନ୍ସ ଲାଞ୍ଚ ଟଙ୍କା ସହ କାବୁ କରିଛି।

ଶ୍ରୀନାଥ ମଲ୍ଲିକ ନିଜ ଚାଷଜମିକୁ ଘରବାଡ଼ିକୁ ପରିବର୍ତ୍ତନ ପାଇଁ ଗତ ଅକ୍ଟୋବର ୩୧ ତାରିଖରେ ଡେରାବିଶ ତହସିଲ କାର୍ଯ୍ୟାଳୟରେ ଅନଲାଇନ୍ ଆବେଦନ କରିଥିଲେ। ଦଲିଲ ଯାଞ୍ଚ ହେବା ପରେ ଶ୍ରୀନାଥଙ୍କୁ ନିକିରାଇ ରାଜସ୍ୱ କାର୍ଯ୍ୟାଳୟକୁ ଡକାଯାଇଥିଲା। ଶ୍ରୀନାଥ ଅଫିସରେ ପହଞ୍ଚିଥିଲେ। ସେଠାରେ ଏଆରଆଇ ଶ୍ରୀ ବେହେରା ତାଙ୍କୁ ୧୫,୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏତେ ଟଙ୍କା ଦେବାକୁ ଶ୍ରୀନାଥ ଅମଙ୍ଗ ହେବାରୁ ଶ୍ରୀ ବେହେରା ୧୨ହଜାର ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ କାମ ହେବନି ବୋଲି ରୋକଠୋକ୍ ଶୁଣାଇ ଦେଇଥିଲେ। ଅନ୍ୟ ଉପାୟ ନ ପାଇ ଶ୍ରୀ ମଲ୍ଲିକ ଏ ସମ୍ପର୍କରେ ଭିଜିଲାନ୍ସର ଦ୍ୱାରସ୍ଥ ହେବାରୁ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ଆଜି ଶ୍ରୀ ବେହେରା ଅଫିସରେ ଲାଞ୍ଚ ଟଙ୍କା ନେଉଥିବା ବେଳେ ସେଠାରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ି ବସିଥିଲା। ପରେ ଭିଜିଲାନ୍ସ ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଅଭିମନ୍ୟୁଙ୍କ ଆଳିଗ୍ରାମ ପୈତୃକ ଘର, ଗରାପୁର ବାସଭବନ ଓ ଅଫିସରେ ଏକ ସମୟରେ ଚଢ଼ଉ କରିଥିଲା।

# ନାତି ଶବ ଦେଖି ଆଈର ମୃତ୍ୟୁ



ଏକାଠି ଜଳିଲା ଜୁଇ

ବଲାଙ୍ଗିର, ୨୪।୧୧(ସମିସ): ଆଖି ଆଗରେ ନାତିର ଶବ ଦେଖି ଆଈର ଜୀବନ ଚାଲିଗଲା। ବଲାଙ୍ଗିର ଉପକଣ୍ଠ ସଦେଇପାଲିର ବିଶ୍ୱାପିତ କଲୋନୀରେ ଏଭଳି ଏକ ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ବଲାଙ୍ଗିର ସହର ଉପକଣ୍ଠ ସଦେଇପାଲି ବିଶ୍ୱାପିତ କଲୋନୀର ସୁଧୀର ଖୁଆସଙ୍କ ପୁଅ ସୁମନ ଖୁଆସ (୧୮) ଏବଂ ମା' ସୁନୀତା ଖୁଆସ (୬୫)। ଆଈ ଏବଂ ନାତି ଦୁହିଁଙ୍କ ଜୁଇ ଜଳିଛି। ସୂଚନାନୁଯାୟୀ, ଗତକାଲି ରାତି ଅଧରେ ହଠାତ୍ ସୁମନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ପରିବାରଲୋକେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଏ ସଂପର୍କରେ ସୁନୀତା ଜାଣିନଥିଲେ। ସକାଳୁ ସେ ପରିବାରଲୋକଙ୍କୁ ସୁମନଙ୍କ ଦେହପା' ସଂପର୍କରେ ପଚାରୁଥିଲେ। ଏହାର କିଛି ସମୟ ପରେ ସୁମନଙ୍କ ମୃତଦେହ ଘରେ ପହଞ୍ଚିଥିଲା। ଆଖିଆଗରେ ନାତିର ଶବ ଦେଖି ସୁନୀତା ନିଜକୁ ସମ୍ଭାଳିପାରି ନଥିଲେ। ହଠାତ୍ ତାଙ୍କ ସ୍ୱାସ୍ଥ୍ୟ ବିଗିଡ଼ି ଯାଇଥିଲା। ପରିବାରଲୋକେ ତୁରନ୍ତ ସୁନୀତାଙ୍କୁ ନେଇ ଡାକ୍ତରଖାନା ବାହାରିଥିଲେ। କିନ୍ତୁ ବାଟରେ ତାଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା। ଏକା ସାଙ୍ଗରେ ଗାଁ ମଶାଣିରେ ଆଈ-ନାତିଙ୍କ ଜୁଇ ଜଳିଥିଲା।

## ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

# ପଞ୍ଜୀକରଣ ଅବଧି ଡିସେମ୍ବର ୧ ପର୍ଯ୍ୟନ୍ତ ବୃଦ୍ଧି

କଟକ, ୨୫।୧୧ (ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା (ଓଏଭିଇଟି) ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା (ଓଏମଏଭିଇଟି)-୨୦୨୬ ପାଇଁ ଅନଲାଇନ୍ ଫର୍ମ ପୂରଣର ଶେଷ ତାରିଖକୁ ଆସନ୍ତା ଡିସେମ୍ବର ୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଆଜି ଓଡ଼ିଶା ମାଧ୍ୟମିକ ଶିକ୍ଷା (ବୋର୍ଡ) ପକ୍ଷରୁ ଏ ସଂକ୍ରାନ୍ତରେ ସୂଚନା ଦିଆଯାଇଛି। ରାଜ୍ୟ ସାରା ଅଭିଭାବକଙ୍କ ଦ୍ୱାରା ଉପରୋକ୍ତ ପ୍ରବେଶିକା ପରୀକ୍ଷା ପଞ୍ଜୀକରଣ ଅବଧି ବୃଦ୍ଧି କରିବା ପାଇଁ ଅନୁରୋଧକୁ ବିଚାର କରି ଏପରି ନିଷ୍ପତ୍ତି ନିଆଯାଇଛି। ଡିସେମ୍ବର ୧ ତାରିଖ ପରେ ଆଉ ଅବଧି ବୃଦ୍ଧି କରାଯିବ ନାହିଁ ବୋଲି ମାଧ୍ୟମିକ ଶିକ୍ଷା ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଜଣାଇଛନ୍ତି। ସୂଚନାଥାଉକି ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ ଅନଲାଇନ୍ ପଞ୍ଜୀକରଣ ଗତ ନଭେମ୍ବର ୧୨ତାରିଖରୁ ଆରମ୍ଭ ହୋଇଥିଲା ବେଳେ ଆଜି ରାତିରେ ଶେଷ ହେବାର ଥିଲା। ଏହାକୁ ବୋର୍ଡ ପକ୍ଷରୁ ପୁଣି ବୃଦ୍ଧି କରାଯାଇଛି।

## ବ୍ରିଜ୍ ତଳକୁ ଖସିଲା ଯାତ୍ରୀବାହୀ ବସ୍

# ୧୪ ଯାତ୍ରୀ ଆହତ, ୭ଜଣଙ୍କୁ ବୁର୍ଲା ସ୍ଥାନାନ୍ତର



ବିନିକା, ୨୫।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ପାଖ ସିଂହିଜୁରୀରେ ମଙ୍ଗଳବାର ସକାଳେ ଏକ ଯାତ୍ରୀବାହୀ ବସ୍ ବ୍ରିଜ୍ ତଳକୁ ଖସି ପଡ଼ିଛି। ଭୁବନେଶ୍ୱରରୁ ପଦ୍ମପୁର ଦାପ୍ତିରୁଙ୍କୁ ଯାଉଥିବା ଜରଥେଲେର ବସ୍ ସକାଳ ସାଢ଼େ ୫ଟା ବେଳେ ସିଂହିଜୁରୀ ନାଳ ବ୍ରିଜରେ ଧକ୍କା ହୋଇ ତଳକୁ ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରେ ବସ୍‌ରେ ଥିବା ପ୍ରାୟ ୪୦ଜଣ ଯାତ୍ରୀଙ୍କ ମଧ୍ୟରୁ ୧୪ଜଣ ଆହତ ହୋଇଛନ୍ତି। ୭ଜଣଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ରହିଛି। ସେମାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଉଦ୍ଧାର ଶବ୍ଦ ଓ ଲୋକଙ୍କ ଚିତ୍କାର ଶୁଣି ଆଖପାଖ ଲୋକେ ଘଟଣାସ୍ଥଳକୁ ଦୌଡ଼ିଥିଲେ। ଲୋକମାନେ ତୁରନ୍ତ ବସ୍‌ରୁ ଯାତ୍ରୀଙ୍କୁ ଉଦ୍ଧାର କରିବାରେ ଲାଗି ପଡ଼ିଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ଓ ପୁଲିସ ପହଞ୍ଚିଥିଲା। ଆମ୍ବୁଲାନ୍ସରେ ଯାତ୍ରୀଙ୍କୁ ଉଦ୍ଧାର କରାଯାଇ ବିନିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଓ ଏସ୍‌ପି ନାରାୟଣ ନାୟକ ବିନିକା ଡାକ୍ତରଖାନାରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦେଖିଥିଲେ। ସମସ୍ତ ସୁବିଧା ପାଇଁ ପଦକ୍ଷେପ ଗ୍ରହଣ କରି ଉତ୍ତମ ଚିକିତ୍ସା ଯୋଗାଇଦେବାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ୨୨ ଏକର ଜମିରୁ ଗଞ୍ଜେଇ ଗଛ ପୋଡ଼ିଲା ପୁଲିସ

ଜି.ଉଦୟଗିରି,୨୫ ।୧୧(ସମିସ): ବ୍ୟାପକ ସଚେତନତା ସତ୍ତ୍ୱେ କନ୍ଧମାଳ ଜିଲ୍ଲାରେ ଗଞ୍ଜେଇ ଚାଷ କମିବା ବଦଳରେ ବଢ଼ିବାରେ ଲାଗିଛି। ଜି.ଉଦୟଗିରି ଅଞ୍ଚଳରେ ବ୍ୟାପକ ଗଞ୍ଜେଇ ଚାଷ ହୋଇଥିବା ଖବର ପାଇ ପୁଲିସ ପକ୍ଷରୁ ଚଢ଼ଉ କରାଯାଇଛି। ପେଟାପାଙ୍ଗା ପଞ୍ଚାୟତର ବିଭିନ୍ନ ଜମି ଓ ପାହାଡ଼ିଆ ଅଞ୍ଚଳରେ ଥିବା ପ୍ରାୟ ୨୨ଏକର ଜମିରେ ଲାଗିଥିବା ଗଞ୍ଜେଇ ଗଛକୁ ପୁଲିସ କାଟି ପୋଡ଼ି ନଷ୍ଟ କରିଛି। ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ତିନି ପୁଲିସ ଅଧିକାରୀ, ଏକ ପ୍ଲାଟୁନ ଫୋର୍ସ, ୪୦ଜଣ ହୋମଗାର୍ଡ ସଦସ୍ୟଙ୍କ ଦ୍ୱାରା ଗଞ୍ଜେଇ ଗଛ କାଟି ପୋଡ଼ି ନଷ୍ଟ କରିଛନ୍ତି। ଜି.ଉଦୟଗିରି ଅଞ୍ଚଳରେ ପ୍ରଥମ କରି ଗଞ୍ଜେଇ ଚାଷ ହେଉଥିବା ଜଣାପଡ଼ିଛି। ରାଇକିଆ ତହସିଲଦାର ବାରିଆଲ ମୁର୍ମୁଙ୍କ ଉପସ୍ଥିତିରେ ଗଞ୍ଜେଇ ଗଛ କଟାଯାଇଥିଲା। ଯାହାର ମୂଲ୍ୟ ଦୁଇକୋଟି କୋଡ଼ିଏ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଉଛି। ଘଟଣାସ୍ଥଳରୁ ଗଞ୍ଜେଇ ଚାଷ ପାଇଁ ବ୍ୟବହୃତ କିଛି ସାମଗ୍ରୀ ମଧ୍ୟ ଜବତ ହୋଇଥିବା ସୂଚନା ମିଳିଛି।

# ଉପକୂଳ ରାଜପଥ ପାଇଁ ବାହାରିଲା ଟେଣ୍ଡର୍

ଭୁବନେଶ୍ୱର,୨୫ ।୧୧(ସମିସ): ବହୁପ୍ରତୀକ୍ଷିତ ଉପକୂଳ ରାଜପଥ (କୋଷ୍ଟାଲ ହାଇୱେ) ପାଇଁ ଟେଣ୍ଡର ଆହ୍ୱାନ ହୋଇଛି। ଭାରତୀୟ ଜାତୀୟ ରାଜମାର୍ଗ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ପକ୍ଷରୁ ଏହି ଟେଣ୍ଡର ଆହ୍ୱାନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧାର ବଡ଼ପୋଖରିଆଠାରୁ କେନ୍ଦ୍ରାପଡ଼ାର ମସାକଣି ପର୍ଯ୍ୟନ୍ତ ୧୭୦.୮୦ କିମି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ ହୋଇଛି। ଗୋଟିଏ ପ୍ୟାକେଜ୍‌ରେ ଖୋର୍ଦ୍ଧାର ବଡ଼ପୋଖରିଆଠାରୁ ପୁରୀର କୋଣାର୍କ ପର୍ଯ୍ୟନ୍ତ ୭୯.୪ କିମି ୪ ଥାକିଆ ଆକ୍ସେସ କଣ୍ଟ୍ରୋଲ୍ଡ ରାସ୍ତା ନିର୍ମାଣ କରାଯିବ। ଏହି ଜାତୀୟ ରାଜପଥ ନିର୍ମାଣ ନିମନ୍ତେ ପ୍ୟାକେଜ-୧ରେ ୩୭୫୫କୋଟି ଟଙ୍କା ପ୍ରକଳ୍ପ ମୂଲ୍ୟର ଟେଣ୍ଡର ଆହ୍ୱାନ କରାଯାଇଛି। ସେହିପରି ଅନ୍ୟ ପ୍ୟାକେଜରେ ପୁରୀର କୋଣାର୍କଠାରୁ କେନ୍ଦ୍ରାପଡ଼ାର ମସାକଣି ପର୍ଯ୍ୟନ୍ତ ୯୦କିମି ୨ ଥାକିଆ ପେଭଡ୍ ଶୋଲଡର ଜାତୀୟ ରାଜପଥ ନିର୍ମାଣ ନିମନ୍ତେ ପ୍ୟାକେଜ-୨ ରେ ୧୮୫୫ କୋଟି ପ୍ରକଳ୍ପ ମୂଲ୍ୟର ଟେଣ୍ଡର ଆହ୍ୱାନ କରାଯାଇଛି। ଆସନ୍ତା ଜାନୁଆରୀ ୧୪ ପର୍ଯ୍ୟନ୍ତ ବିଡ୍ ଦାଖଲର ଶେଷ ତାରିଖ ରହିଛି। ଜାନୁଆରୀ ୧୫ରେ ବିଡ୍ ଖୋଲିବ ବୋଲି ଏନ୍‌ଏଚ୍‌ଏଆଇ ପକ୍ଷରୁ କୁହାଯାଇଛି।

ଖୋର୍ଦ୍ଧା ବଡ଼ପୋଖରିଆଠାରୁ ପଶ୍ଚିମବଙ୍ଗ ଦୀଘା ପର୍ଯ୍ୟନ୍ତ ଉପକୂଳ ରାଜପଥ ନିର୍ମାଣ କରାଯିବ। ଏହାର ପ୍ରଥମ ପର୍ଯ୍ୟାୟ କାମ ପାଇଁ ଟେଣ୍ଡର ଆହ୍ୱାନ ହେବା ପରେ ରାଜ୍ୟର ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପର ବାସ୍ତବ ସ୍ଥିତିକୁ ନେଇ ଆଶା ସଞ୍ଚାର ହୋଇଛି। ବଡ଼ପୋଖରିଆରୁ ମସାକଣି ଉପକୂଳ ରାଜପଥଟି ଏନଏଚ୍-୧୬, ଏନଏଚ୍-୫୩ ଏବଂ ଏନଏଚ୍-୩୧୬ର ବିକଳ୍ପ

- ■ ଖୋର୍ଦ୍ଧା ବଡ଼ପୋଖରିଆରୁ କେନ୍ଦ୍ରାପଡ଼ା ମସାକଣି ପର୍ଯ୍ୟନ୍ତ କାମ ପାଇଁ ଟେଣ୍ଡର ଆହ୍ୱାନ
- ■ ୨ଟି ପ୍ୟାକେଜ୍‌ରେ ନିର୍ମାଣ ହେବ ୧୭୦.୮୦ କିମି ରାସ୍ତା
- ■ ୭୯.୪ କିମି ୪ ଥାକିଆ, ୮୦ କିମି ୨ ଥାକିଆ ରାସ୍ତା ନିର୍ମାଣ

ଜାତୀୟ ରାଜପଥ ଭାବେ ଏହା କାର୍ଯ୍ୟ କରିବ। ଏହି ଜାତୀୟ ରାଜପଥଟି ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଅର୍ଥନୈତିକ ହବ୍ ଯଥା ପୁରୀ, କୋଣାର୍କ ଏବଂ ପାରାଦୀପକୁ ଯୋଡ଼ିବା ସହ ମାଲ ପରିବହନ ଏବଂ ଗମନାଗମନର ଉନ୍ନତି କରିବ ବୋଲି ଆଶା ରହିଛି।

ରାଜ୍ୟର ନୂଆ ବନ୍ଦର ଯଥା ଅସ୍ତରଙ୍ଗ ଏବଂ ସୁବର୍ଣ୍ଣରେଖାକୁ ମଧ୍ୟ ଏହି ଜାତୀୟ ରାଜପଥ ଯୋଡ଼ିବ। ଅନ୍ୟପଟେ, ବଡ଼ପୋଖରିଆରୁ ମାସକଣି ଉପକୂଳ ରାଜପଥଟି ଏକ୍ସପ୍ରେସ୍ ୱେ ଭଳି ନିର୍ମାଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଫଳରେ ଏହି ରାସ୍ତାରେ ଦ୍ରୁତ ଗତି ଅର୍ଥାତ୍ ଘଣ୍ଟା ପ୍ରତି ୧୦୦ କିମି ବେଗରେ ଯାନ ବାହନ ଚଳାଚଳ ହୋଇପାରିବ। ବର୍ତ୍ତମାନ ବଡ଼ପୋଖରିଆରୁ ମସାକଣି ଏନଏଚ ୧୬ ଏବଂ ଏନଏଚ ୫୩ରେ ଗଲେ ୨୫୦କିମି ରାସ୍ତା ହେଉଥିବା ବେଳେ ଉପକୂଳ ରାଜପଥ ନିର୍ମାଣ ପରେ ଏହି ଦୂରତା ମାତ୍ର ୧୭୦ କିମିକୁ ହ୍ରାସ ପାଇବ।

ବର୍ତ୍ତମାନ ସମୟରେ ଟ୍ରାଫିକ୍‌ର ଘନତ୍ୱକୁ ଦୃଷ୍ଟିରେ ରଖି ବଡ଼ପୋଖରିଆଠାରୁ କୋଣାର୍କ ପର୍ଯ୍ୟନ୍ତ ଉପକୂଳ ରାଜପଥକୁ ୪ ଲେନ୍ ବିଶିଷ୍ଟ କରାଯାଇଥିବା ବେଳେ ପ୍ୟାକେଜ୍-୨ ଅର୍ଥାତ୍ କୋଣାର୍କରୁ ମସାକଣି ପର୍ଯ୍ୟନ୍ତ ଜାତୀୟ ରାଜପଥକୁ ବର୍ତ୍ତମାନ ସମୟରେ ୨ ଲେନ୍ ବିଶିଷ୍ଟ କରାଯାଉଛି। ହେଲେ ୨୦୩୫ ସୁଦ୍ଧା ସଂପୂର୍ଣ୍ଣ ରାସ୍ତାକୁ ୪ ଥାକିଆରେ ରୂପାନ୍ତରିତ କରାଯିବାର ଯୋଜନା ରହିଛି। ଏହାସହ ୨୦୪୭ ସୁଦ୍ଧା ସମଗ୍ର ଉପକୂଳ ରାଜପଥକୁ ୬ଥାକିଆ ବିଶିଷ୍ଟ କରାଯିବା ନେଇ ମଧ୍ୟ ନିଷ୍ପତ୍ତି କରାଯାଇଛି। ବର୍ତ୍ତମାନ ଖୋର୍ଦ୍ଧାର ବଡ଼ପୋଖରିଆଠାରୁ କେନ୍ଦ୍ରାପଡ଼ାର ମସାକଣି ପର୍ଯ୍ୟନ୍ତ ୧୭୦.୮୦ କିମି ଉପକୂଳ ରାଜପଥ ନିର୍ମାଣ ପାଇଁ ୫୩୦୦କୋଟି ଟଙ୍କା ଅନୁମୋଦନ କରାଯାଇଛି।

## ୯ମ ପୁଣ୍ୟତିଥି ଉପଲକ୍ଷେ

# ଇଚ୍ଛାବତୀ ରଥ- ଏକ ଅମୃତ ଧାରା



ଆଜି ମାର୍ଗଶୀର ମାସ ପବିତ୍ର ଓଡ଼ଣ ଷଷ୍ଠୀ। ଅମୃତ ଅନ୍ୱେଷା ମହୀୟସୀ ମା' ଇଚ୍ଛାବତୀ ରଥଙ୍କ ୯ମ ପୁଣ୍ୟତିଥି। ଇଚ୍ଛାବତୀ ଥିଲେ ନିଜେ ନିଜର ପରିଚୟ। ଅତ୍ୟନ୍ତ ସ୍ନେହୀ, ସଦାଚାରିଣୀ, କର୍ତ୍ତବ୍ୟନିଷ୍ଠ, ପୁଣ୍ୟବନ୍ତ ଓ ପରୋପକାରିଣୀ...ଏମିତି ଅନେକ ସୁଗୁଣର ଅଧିକାରୀଣୀ। କେବଳ ପରିବାର କାହିଁକି ପରିବାର ପରିଧି ବାହାରେ ଅନେକଙ୍କୁ ସେ ଆପଣାର କରିଛନ୍ତି। ଜୀବନଚର୍ଯ୍ୟାରେ 'ପରୋପକାରାୟ ସ୍ୱର୍ଗାୟ ପରପୀଡ଼ନ' ମନ୍ତ୍ରକୁ ନିଷ୍ଠାର ସହ ଅନୁଶୀଳନ କରିଛନ୍ତି।

୧୯୩୯ ମସିହା ଏପ୍ରିଲ୍ ୧୫ ତାରିଖରେ କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାର ଅନ୍ତର୍ଗତ ଖାଡେଶ୍ୱର କଡେଇ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ଇଚ୍ଛାବତୀ। କଣ୍ଡୁରୀ ଚରଣ ଦାଶ ଓ ରାଶୀ ଦେବୀଙ୍କ ଏକମାତ୍ର କନ୍ୟା ଥିଲେ ସେ। ପରିବାରର ଆର୍ଥିକ ସ୍ୱଚ୍ଛଳତା ନଥିଲେ ବି ଆଧ୍ୟାତ୍ମିକ ଭାବନା ଓ ଗଭୀର ଈଶ୍ୱର ବିଶ୍ୱାସ ତାଙ୍କ ସଂସାରକୁ କରିଥିଲା ସୁଖଶାନ୍ତିମୟ। କଣ୍ଡୁରୀ ଚରଣ ଥିଲେ ଅତ୍ୟନ୍ତ ଅମାୟିକ, ଶାନ୍ତ ଓ ସ୍ନେହୀ ମଣିଷ। ପୁଅଟିଏ ନଥିଲେ ବି ତାଙ୍କ ମନରେ ନଥିଲା ଅନୁଶୋଚନା। ଅନ୍ୟମାନଙ୍କୁ ଆପଣାର ପୁଅ ଭଳି ବୋଲି ଧରି ନେଇଥିଲେ। ଇଚ୍ଛାବତୀ ଗାଁ ସ୍କୁଲ ପ୍ରାଥମିକ ଶିକ୍ଷା ଲାଭକଲେ। ସେ ପ୍ରତ୍ୟହ ପ୍ରାର୍ଥନାରେ 'ଆହେ ଦୟାମୟ ବିଶ୍ୱବିହାରୀ...' ଆବୃତ୍ତି କରୁଥିଲେ। ସୁବିଧା କି ସୁଯୋଗ ନଥିବାରୁ ପାଠରେ ଆଗକୁ ଯାଇପାରିଲେ ନାହିଁ ସିନା କିନ୍ତୁ ବିଦ୍ୟାଳୟରେ ଶିଖିଥିବା ଏହି ପ୍ରାର୍ଥନା ସଂଗୀତକୁ ସେ ଜୀବନ ସଂଗୀତ ଭାବରେ ଗ୍ରହଣ କରିନେଇଥିଲେ। ଇଚ୍ଛାବତୀଙ୍କୁ ଯେତେବେଳେ ୧୩ ବର୍ଷ ବୟସ ତାଙ୍କର ବିବାହ ସମ୍ପନ୍ନ ହେଲା ନିକଟବର୍ତ୍ତୀ ଟାଙ୍ଗୀ ଗ୍ରାମର କଂସାରୀପାତର ସମ୍ଭ୍ରାନ୍ତ ରଥ ପରିବାରରେ। କପିଳ ରଥଙ୍କ କନିଷ୍ଠପୁତ୍ର ଧନେଶ୍ୱରଙ୍କ ସହ। ସ୍ଥିତିପ୍ରଜ୍ଞ ଓ ଦୃଢ଼ ଇଚ୍ଛାଶକ୍ତିର ଅଧିକାରୀ ଥିଲେ ଧନେଶ୍ୱର। ୫ ପୁତ୍ର ଓ ୪ କନ୍ୟାଙ୍କ ଜନନୀ ହେବାର ସୌଭାଗ୍ୟ ଲାଭ କରିଥିଲେ। ପିଲାମାନଙ୍କୁ ଉପଯୁକ୍ତ ଲାଳନପାଳନ ଶିକ୍ଷାଦୀକ୍ଷା ଦେଇ ମଣିଷ ପରି ମଣିଷ କରି ଗଢ଼ିତୋଳିଥିଲେ। ପୁତ୍ରକନ୍ୟାମାନେ ଆଜି ସ୍ୱ ସ୍ୱ କ୍ଷେତ୍ରରେ ଜୀବନରେ ପ୍ରତିଷ୍ଠିତ ନୁହଁନ୍ତି ଅନେକ ଅନୁଷ୍ଠାନ ଓ ଉଦ୍ୟୋଗ ପ୍ରତିଷ୍ଠା କରି ରାଜ୍ୟର ଗୌରବ ବୃଦ୍ଧି କରିପାରିଛନ୍ତି। ସେମାନଙ୍କ ମଧ୍ୟରେ ତୃତୀୟ ପୁତ୍ର ସଫଳ ଶିଳ୍ପୋଦ୍ୟୋଗୀ ପ୍ରଜାନନ୍ଦ ରଥଙ୍କ ଦୂରଦୃଷ୍ଟି, ନିଷ୍ଠାପର ପ୍ରଚେଷ୍ଟା ଓ ସମ୍ମିଳିତ ସହଯୋଗରେ ପ୍ରତିଷ୍ଠିତ 'ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟ' ଓ ପଦ୍ମିନୀ ଜେଲ୍ ଦାଇ ହସ୍ପିଟାଲ, ମେଡିକାଲ କଲେଜ ଆଜି ଅଞ୍ଚଳବାସୀଙ୍କ ପାଇଁ ଆଶୀର୍ବାଦ ସାବ୍ୟସ୍ତ ହୋଇଛି। ୧୯୯୪ରେ ସ୍ୱାମୀ କର୍ମଯୋଗୀ ଧନେଶ୍ୱରଙ୍କ ବିୟୋଗ ଇଚ୍ଛାବତୀଙ୍କୁ ନିଃସଙ୍ଗ କରିଦେଇଥିଲା। ତେବେ ସ୍ୱାମୀଙ୍କ ଆଦର୍ଶ ଓ ଈଶ୍ୱରଙ୍କ ଆଶୀର୍ବାଦକୁ ପାଥେୟ କରି ସେ ଜୀବନପଥକୁ ପ୍ରଶସ୍ତ କରିଥିଲେ। ତାଙ୍କରି ପ୍ରେରଣାରେ ଅନେକ ଧର୍ମାନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ନୂଆ ରୂପ ନେଲା। ପରିଣତ ବୟସ ପର୍ଯ୍ୟନ୍ତ ଅଗଣିତ ମଣିଷଙ୍କୁ ଖୁସୀ ବାଣ୍ଟୁଥିବା ଏହି ମହୀୟସୀଙ୍କ ଜୀବନଦୀପ ଲିଭିଗଲା ୨୦୧୬ ଡିସେମ୍ବର ୫ ତାରିଖ ଶୀତୁଆ ଅପରାହ୍ନରେ। ଆଜି ତାଙ୍କର ୯ମ ଶ୍ରାଦ୍ଧବାର୍ଷିକୀରେ ଅମର ଆତ୍ମା ପ୍ରତି ଜଣାଉଛୁ କୋଟିକୋଟି ପ୍ରଣିତି...।■

- ନିରାକାର ସାହୁ
ଲୋକସଂପର୍କ ଅଧିକାରୀ,
ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟ

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଚ୍ଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ।

## ଆଜିର ଇତିହାସ

- ୧୮୮୫-ପ୍ରଥମ ଥର ପାଇଁ ଉଲ୍‌କାପିଣ୍ଡର ଫଟୋଚିତ୍ର ଉତ୍ତୋଳନ କରାଗଲା।
- ୧୯୩୨- ମହାନ୍ କ୍ରିକେଟର୍ ସାର୍ ଡନ୍ ବ୍ରାଡ୍‌ମ୍ୟାନ୍ ପ୍ରଥମ ଶ୍ରେଣୀ କ୍ରିକେଟରେ ୧୦,୦୦୦ ରନ୍ କଲେ।
- ୧୯୬୭- ଲିସ୍‌ବନ୍‌ରେ ବାଦଲ ଫାଟିବାରୁ ୪୫୦ ଲୋକଙ୍କ ମୃତ୍ୟୁ।
- ୨୦୦୮ - ମୁମ୍ବାଇର ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଆକ୍ରମଣ ଯୋଗୁଁ ୧୬୬ ଜଣଙ୍କ ପ୍ରାଣହାନି,୩୦୦ରୁ ଅଧିକ ଆହତ।

# ଜାନୁଆରୀରେ 'ଡନ୍ ୩'ର ସୁଟିଂ



ଫରହାନ୍ ଅଖତର୍ ୨୦୨୩ରେ ସେ 'ଡନ୍ ୩' ନିର୍ମାଣ କରୁଛନ୍ତି ବୋଲି ଘୋଷଣା କରିଥିଲେ। ରଣବୀର ସିଂହ ଏଥିରେ ଲିଡ୍ ରୋଲରେ ନଜର ଆସିବେ ବୋଲି ସେତେବେଳେ ସେ କହିଥିଲେ। ନିକଟରେ 'ଡନ୍ ୩'କୁ ନେଇ ଏକ ଖବର ଆସିଛି। ଫରହାନ୍ '୧୨୦ ବାହାଦୂର'ର ପ୍ରମୋସନ୍ କରୁଥିବା ସମୟରେ ତାଙ୍କର ଆଗାମୀ ପ୍ରୋଜେକ୍ଟ 'ଡନ୍ ୩' ହେବ ବୋଲି କହିଥିଲେ। ସେ ଆସନ୍ତା ଜାନୁୟାରୀରୁ ଏହାର ସୁଟିଂ ଆରମ୍ଭ କରିବେ ବୋଲି କହିଛନ୍ତି। ଏଥିରେ ରଣବୀରଙ୍କ ବିପକ୍ଷରେ କ୍ରିତି ସାନନ୍ ନଜର ଆସିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏହାବାଦ୍ ବିଜୟ ଦେବରକୋଣ୍ଡା ଓ ବିକ୍ରାନ୍ତ ମେସିଙ୍କୁ ମଧ୍ୟ ସେ ବ୍ରେକ୍ ଦେଇପାରନ୍ତି ବୋଲି ମଧ୍ୟ କୁହାଯାଉଛି। ଫିଲ୍ମର ସୁଟିଂ ଆସନ୍ତାବର୍ଷ ଜାନୁୟାରୀରୁ ଆରମ୍ଭ ହେବ ଏବଂ ଏହାକୁ ଡିସେମ୍ବରରେ ରିଲିଜ୍ କରିବା ପାଇଁ ଫରହାନ୍ ଯୋଜନା କରିଛନ୍ତି।

# ସମ୍ବିଧାନ ଦିବସ



ପ୍ରତିବର୍ଷ ନଭେମ୍ବର ୨୬ ତାରିଖକୁ ସମ୍ବିଧାନ ଦିବସ ଭାବରେ ପାଳନ କରାଯାଏ। ୧୯୪୯ ମସିହା ନଭେମ୍ବର ୨୬ରେ ଭାରତ ସମ୍ବିଧାନକୁ ଗ୍ରହଣ କରିଥିଲା ଏବଂ ୧୯୫୦ ମସିହା ଜାନୁଆରୀ ୨୬ରେ ଏହାକୁ ଭାରତରେ ଲାଗୁ କରାଯାଇଥିଲା। ୨୦୧୫ ମସିହାରେ ନାଗରିକଙ୍କ ମଧ୍ୟରେ ସମ୍ବିଧାନର ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ର ସାମାଜିକ ନ୍ୟାୟ ମନ୍ତ୍ରଣାଳୟ ପ୍ରତିବର୍ଷ ନଭେମ୍ବର ୨୬କୁ ସମ୍ବିଧାନ ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। କାରଣ ସେହି ବର୍ଷ 'ଭାରତୀୟ ସମ୍ବିଧାନର ଜନକ' ବାବାସାହେବ ଭୀମରାଓ ରାମଜୀ ଆମ୍ବେଦକରଙ୍କ ଶହେ ପଚିଶତମ ଜୟନ୍ତୀ ପାଳିତ ହୋଇଥିଲା। ତାଙ୍କ ସମ୍ମାନାର୍ଥେ 'ସମ୍ବିଧାନ ଦିବସ' ପାଳନ ନିମନ୍ତେ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ। ଦେଶରେ ଶାସନ ପାଇଁ ସମ୍ବିଧାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ। ସମ୍ବିଧାନ ଦେଶର ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ପ୍ରଦାନ କରେ ଏବଂ ସେମାନଙ୍କୁ ନିୟମରେ ବାନ୍ଧି ରଖିଥାଏ। ୧୯୪୭ ଅଗଷ୍ଟ ୧୫ ତାରିଖରେ ବ୍ରିଟିଶ ଶାସନ କବଳରୁ ଭାରତ ସ୍ୱାଧୀନତା ହାସଲ କଲାବେଳେ ଦେଶରେ ଏକ ସ୍ଥାୟୀ ସମ୍ବିଧାନ ନ ଥିଲା। ଭାରତର ପ୍ରଥମ ଆଇନ ମନ୍ତ୍ରୀ ବାବାସାହେବ ଆମ୍ବେଦକର ୧୯୪୭ ମସିହାରରେ ସମ୍ବିଧାନ ଡ୍ରାଫ୍ଟ କମିଟିର ସଭାପତି ଭାବରେ ନିଯୁକ୍ତି ହୋଇଥିଲେ ଏବଂ ତାଙ୍କୁ ଭାରତର ସମ୍ବିଧାନ ଲେଖିବାର ଦାୟିତ୍ୱ ଦିଆଯାଇଥିଲା। ଆମ୍ବେଦକର ଭାରତର ସମ୍ବିଧାନକୁ ଦୁଇବର୍ଷ ଏଗାର ମାସ ଏବଂ ୧୮ ଦିନରେ ପ୍ରସ୍ତୁତ କରି ରାଷ୍ଟ୍ରକୁ ସମର୍ପି ଦେଇଥିଲେ। ଭାରତୀୟ ସମ୍ବିଧାନ ହେଉଛି ବିଶ୍ୱର ଦୀର୍ଘତମ ଲିଖିତ ସମ୍ବିଧାନ। ସମ୍ବିଧାନର ମୂଳ କପି ଏବେ ମଧ୍ୟ ପାର୍ଲାମେଣ୍ଟ ଲାଇବ୍ରେରୀରେ ରଖାଯାଇଛି। ସେତେବେଳେ ଏହାର ସପକ୍ଷରେ ସଂସଦର ୨୮୪ ଜଣ ସଦସ୍ୟ ହସ୍ତାକ୍ଷର କରିଥିଲେ। ସେମାନଙ୍କ ମଧ୍ୟରେ ୧୫ ଜଣ ମହିଳା ସଦସ୍ୟ ଥିଲେ। ବିଶ୍ୱର ବିଭିନ୍ନ ରାଷ୍ଟ୍ରର ସମ୍ବିଧାନର କେତେକ ଅଂଶ ଭାରତୀୟ ସମ୍ବିଧାନରେ ସାମିଲ କରାଯାଇ ଏକ ବୃହତ୍ ସମ୍ବିଧାନ ପ୍ରସ୍ତୁତ କରାଯାଇଥିଲା। ସମ୍ବିଧାନକୁ ଗୋଟିଏ ରାଷ୍ଟ୍ରର ଦର୍ପଣ ଭାବେ ଗ୍ରହଣ କରାଯାଇଥାଏ। ଗୋଟିଏ ସ୍ୱାଧୀନ ରାଷ୍ଟ୍ରର ଶାସନ ପରିଚାଳନା ନିମନ୍ତେ ଅନୁସୃତ ନିୟମାବଳୀର ସମଷ୍ଟିକୁ ସମ୍ବିଧାନ କୁହାଯାଏ। ସମଗ୍ର ବିଶ୍ୱରେ ଭାରତର ସମ୍ବିଧାନର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ଏହି ଦିବସ ପାଳନ ଅବସରରେ ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ସମ୍ବିଧାନ ସଂପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।

# ଛଅ ଦିନ ପାଇଁ ଯୋଗାଯୋଗ ଶୂନ୍ୟ

ପ୍ରତ୍ୟେକ ଟ୍ରେନ୍ ତାର ଗନ୍ତବ୍ୟ ସ୍ଥଳରୁ ବାହାରି ନିର୍ଦ୍ଦିଷ୍ଟ ସମୟରେ ଲକ୍ଷ୍ୟସ୍ଥଳରେ ପହଞ୍ଚିଥାଏ। ହେଲେ ବିଶ୍ୱରେ ଏମିତି ଏକ ଟ୍ରେନ୍ ରହିଛି, ଷ୍ଟେସନରୁ ବାହାରିବା ମାତ୍ରେ ତାହା ଉଭାନ୍ ହୋଇଯାଏ। ଏହି ଟ୍ରେନ୍ ଯାତ୍ରା ଆରମ୍ଭ କରିବାର ଛଅ ଦିନ ପର୍ଯ୍ୟନ୍ତ ଯାତ୍ରୀଙ୍କର ବାହ୍ୟ ଦୁନିଆ ସହିତ କୌଣସି ସମ୍ପର୍କ ରୁହେନାହିଁ। ବେଜିଂରୁ ମସ୍କୋ ଯାଏଁ ୭୮୨୬ କିଲୋମିଟର ଯାତ୍ରା କରୁଥିବା ଏହି ଟ୍ରେନ୍‌ର ନାଁ କେ୩। ଟ୍ରାନ୍ସ-ମଙ୍ଗୋଲିୟାନ ରୁଟ୍‌ରେ ଚାଲୁଥିବା ଏହି ଟ୍ରେନ୍‌ଟି ତାର ଗତିପଥରେ ଚୀନ୍, ମଙ୍ଗୋଲିଆ, ରୁଷ୍ ତିନୋଟି ଦେଶ ଅତିକ୍ରମ କରିଯାଏ। ପ୍ରତ୍ୟେକ ବୁଧବାର ବେଜିଂରୁ ଟ୍ରେନ୍‌ଟି ତା'ର ଯାତ୍ରା ଆରମ୍ଭ କରି ସୋମବାର ଦିନ ମସ୍କୋରେ ପହଞ୍ଚିଥାଏ। କରୋନା ଯୋଗୁ ୨୦୨୦ ମସିହାରୁ ଏହି ଟ୍ରେନ୍ ଚଳାଚଳ ବନ୍ଦ ଥିବାବେଳେ ଏବେ ପୁଣି ଥରେ ଏହାକୁ ଚଳାଇବା ପାଇଁ ଯୋଜନା କରାଯାଉଛି। ସାଧାରଣତଃ ଜଣେ ଟ୍ରେନ୍‌ରେ ଯାତ୍ରା କରିବା ସମୟରେ ତାର ଲୋକେସନ୍ ସମ୍ପର୍କରେ ତାର ସାଙ୍ଗସାଥୀ ପରିବାର ଲୋକେ ଜାଣିପାରନ୍ତି। ଏହାବାଦ୍ ଯାତ୍ରୀମାନେ ପରିବାର, ସାଙ୍ଗସାଥୀଙ୍କ ସହ ଫୋନ୍‌ରେ କଥାବାର୍ତ୍ତା କରିପାରନ୍ତି। ହେଲେ କେ୩ ଟ୍ରେନ୍‌ଟି ବେଜିଂ ଷ୍ଟେସନ ଛାଡିବାମାତ୍ରେ ଏହାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଏ। ଗୋବି ମରୁଭୂମି, ମଙ୍ଗୋଲିଆର ତୃଣଭୂମି , ସାଇବେରିଆର ବରଫାବୃତ୍ତ ଜଙ୍ଗଲ,ବୈକାଲ ହ୍ରଦ ଦେଇ ଏହି ଟ୍ରେନ୍ ଅତ୍ରିକମ କରେ। ଏଥିରେ ଦୁଇ ପ୍ରକାରର



କେବିନ୍ ସୁବିଧା ଥାଏ। ଡିଲକ୍ସ ୨ ବର୍ଥ କିମ୍ବା ୪ବର୍ଥ ହାର୍ଡ ସ୍ଲିପର। ସେହିପରି ଟ୍ରେନ୍‌ଟି ଯେଉଁ ଦେଶ ଯାଉଥାଏ ସେହି ସ୍ଥାନର ଖାଇବା ଯାତ୍ରୀଙ୍କୁ ପରୋଷା ଯାଏ। ଏହି ଟ୍ରେନ୍‌ରେ ଯାତ୍ରା କରିବାକୁ ହେଲେ ଭାରତୀୟ ମୁଦ୍ରାରେ ୪୫,୦୦୦ ଟଙ୍କାରୁ ଟିକେଟ ଆରମ୍ଭ ହୋଇଥାଏ। ସେହିପରି ଟ୍ରେନ୍‌ରେ ଯାତ୍ରା କରୁଥିବା ଯାତ୍ରୀଙ୍କ ପାଖରେ ଚୀନ୍, ମଙ୍ଗୋଲିଆ ଏବଂ ରୁଷ୍ ତିନିଟି ଦେଶର ଟୁରିଷ୍ଟ ଭିସା ରହିଥିବା ଜରୁରି।



## ସମ୍ଭାବନା

# କଣ୍ଟେଣ୍ଟ କ୍ରିଏସନ୍



ଭାରତରେ ଡିଜିଟାଲ ଦୁନିଆରେ ଏକ ନୂଆ ପରିବର୍ତ୍ତନ ଆସିଛି। ଭାରତର ଯୁବପିଢ଼ି ମୁଖ୍ୟତଃ ୧୮-୨୪ ବର୍ଷ ବୟସ ଅର୍ଥାତ୍ ଜେନ୍ ଜି ଇଣ୍ଟରନେଟ୍‌ରେ ନିଜସ୍ୱ ପରିଚୟ ତିଆରି କରୁଛନ୍ତି। ୟୁଟ୍ୟୁବ୍ ଇଣ୍ଡିଆ ଏବଂ ସ୍ମିଥ୍‌ଗିଗରର ନୂଆ ରିପୋର୍ଟ ଅନୁସାରେ, ୮୩ ପ୍ରତିଶତ ଭାରତୀୟ ଯୁବପିଢ଼ି ନିଜକୁ କଣ୍ଟେଣ୍ଟ କ୍ରିଏଟର ବୋଲି ମାନୁଛନ୍ତି। ତେଣୁ ଏବେ କଣ୍ଟେଣ୍ଟ କ୍ରିଏସନ କେବଳ ଏକ ସଉକ ନୁହେଁ, ଏହା କ୍ୟାରିୟରର ନୂଆ ବିକଳ୍ପ ପାଲଟିଛି। ଏଥିରୁ ମିଳୁଥିବା ଆର୍ଥିକ ସ୍ୱାଧୀନତା ଯୁବପିଢ଼ିଙ୍କୁ ଡିଜିଟାଲ ଦୁନିଆରେ ଆଗକୁ ନେଉଛି।


ରିପୋର୍ଟ ଅନୁସାରେ, ଡିଜିଟାଲ କଣ୍ଟେଣ୍ଟ ତିଆରି କରିବା ମାମଲାରେ ମେଟ୍ରୋ ସହର ସବା ଆଗରେ ରହିଥାଏ। ହେଲେ ଏବେ ସ୍ମାର୍ଟଫୋନ୍ ଏବଂ ଇଣ୍ଟରନେଟ୍ ଏହି ଦୂରତ୍ୱକୁ କମ୍ କରିଛି। ଏବେ ଛୋଟ ସହରର କ୍ରିଏଟର ନିଜ ଆଞ୍ଚଳିକ ଭାଷାରେ କଣ୍ଟେଣ୍ଟ ପ୍ରସ୍ତୁତ କରି ବିଶ୍ୱରେ ଲୋକପ୍ରିୟ ହେବାର ପ୍ରୟାସ କରୁଛନ୍ତି। ସ୍ଥାନୀୟ ଭାଷା, ସଂସ୍କୃତି ଓ କାହାଣୀକୁ ବିଶ୍ୱର କୋଣଅନୁକୋଣର ଲୋକେ ବି ପସନ୍ଦ କରୁଛନ୍ତି। ତେଣୁ ଏମିତି କୁହାଯାଇପାରିବ ଯେ, ସାମାଜିକ ଗଣମାଧ୍ୟମ ସମସ୍ତଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି।

ସେହିପରି ୭୫ ପ୍ରତିଶତ ଯୁବପିଢ଼ି କଣ୍ଟେଣ୍ଟ କ୍ରିଏସନକୁ ଗୁରୁତର କ୍ୟାରିୟର ଭାବେ ଦେଖୁଛନ୍ତି। ଏ ଲାଗି ୟୁଟ୍ୟୁବ୍, ଇନଷ୍ଟାଗ୍ରାମ୍ କେବଳ ମନୋରଞ୍ଜନର ସାଧନ ନ ହୋଇ କ୍ୟାରିୟରର ନୂଆ ବିକଳ୍ପ ପାଲଟିଛି। ଏହାକୁ ଯୁବପିଢ଼ି ବିଜନେସ୍ ଟୁଲ୍ ଭଳି ଦେଖୁଛନ୍ତି। ତେବେ ରିପୋର୍ଟ ଅନୁସାରେ, ୫୫ ପ୍ରତିଶତ ଯୁବପିଢ଼ି ଏହା ଦ୍ୱାରା ଆର୍ଥିକ ଭାବେ ଆତ୍ମନିର୍ଭରଶୀଳ ହୋଇଥିବା କହିଛନ୍ତି।

କଣ୍ଟେଣ୍ଟ କ୍ରିଏଟ୍ ଲାଗି ୟୁଟ୍ୟୁବ୍ ଯୁବପିଢ଼ିଙ୍କର ପ୍ରଥମ ପସନ୍ଦ ପାଲଟିଛି। ତେଣୁ ୯୦ ପ୍ରତିଶତରୁ ଅଧିକ ଜେନ୍ ଜି କଣ୍ଟେଣ୍ଟ କ୍ରିଏଟର ୟୁଟ୍ୟୁବ୍‌ରେ ଅଛନ୍ତି। ସେହିପରି ହିନ୍ଦୀ ସହିତ ଆଞ୍ଚଳିକ ଭାଷାରେ ତିଆରି କଣ୍ଟେଣ୍ଟକୁ ଲୋକମାନେ ଖୁବ୍ ପସନ୍ଦ କରୁଛନ୍ତି।

# ସଫଳତାରେ ବାଧକ ଖରାପ ଅଭ୍ୟାସ

**ପରୀକ୍ଷା ତଥା ଜୀବନରେ ସମସ୍ତେ ସଫଳତା ପାଇବାକୁ ଚାହାଁନ୍ତି। ସେହିପରି କଠିନ ପରିଶ୍ରମ କରିବା ସତ୍ତ୍ୱେ ଅନେକଙ୍କୁ ସଫଳତା ମିଳି ନ ଥାଏ। ହେଲେ କିଛି ଖରାପ ଅଭ୍ୟାସ ମଧ୍ୟ ସଫଳତାରେ ବାଧା ସୃଷ୍ଟି କରିଥାଏ।**



- ପଢ଼ିବା ପାଇଁ ଶାନ୍ତ ଜାଗା ନ ମିଳିବା। ଆଖପାଖର କୋଳାହଳପୂର୍ଣ୍ଣ ବାତାବରଣ, ଫୋନ, ଟିଭି ଏବଂ ସାମାଜିକ ଗଣମାଧ୍ୟମ ଯୋଗୁଁ କାମ ତଥା ପଢ଼ାରେ ଧ୍ୟାନ କେନ୍ଦ୍ରିତ ହୋଇପାରେ ନାହିଁ।
- ଗୋଟେ ସମୟରେ ସବୁ କିଛି କରିବାର ପ୍ରବୃତ୍ତି ବେଳେ ବେଳେ ସମସ୍ୟାରେ ପକାଏ। ଏଣୁ ଗୋଟିଏ ସମୟରେ ଗୋଟିଏ କାମ ଉପରେ ଗୁରୁତ୍ୱ ଦେବା ଦରକାର।
- ସେହିପରି ଡେରିରେ ଶୋଇବା ଏବଂ ବିଳମ୍ବରେ ଉଠିବା ଅଭ୍ୟାସ ବି ଦାୟୀ। ଏପରିକି ୭-୮ ଘଣ୍ଟା ନ ଶୋଇବା ଦ୍ୱାରା କାମରେ ସଫଳତା ମିଳେ ନାହିଁ।
- ଉତ୍ତମ ଭୋଜନ ନ କରିବା ମଧ୍ୟ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ଠିକ୍ ଖାଦ୍ୟ ନ ଖାଇବା ଦ୍ୱାରା ଶରୀରର ଅସୁସ୍ଥ ହୁଏ। ପଢ଼ା କିମ୍ବା କୌଣସି କାର୍ଯ୍ୟରେ ମନ ଲାଗେ ନାହିଁ।
- ଖଟ ଉପରେ ଶୋଇ ରହି ପଢ଼ିବା ଅଭ୍ୟାସରୁ ଦୂରେଇ ରହିବା ଉଚିତ। ଚେୟାର୍ ଟେବୁଲ ପଢ଼ାଭ୍ୟାସକୁ ଆପଣାଇବା ଭଲ।
- ଦୀର୍ଘ ସମୟ ଧରି ବସି ପଢ଼ିବା ଆଦୌ ଠିକ୍ ନୁହେଁ। ପଢ଼ା ମଝିରେ ୧୦-୧୫ ମିନିଟ୍‌ର ବ୍ରେକ ନେବା ଭଲ।

# ହ୍ୱାଟ୍ସଆପ୍‌ର ନୂଆ ଫିଚର

ଇନଷ୍ଟାଗ୍ରାମ୍ ନୋଟ୍ସ ଭଳି ହ୍ୱାଟ୍ସଆପ୍ ଏକ ନୂଆ ଫିଚର୍‌କୁ ପରିଚିତ କରାଇଛି। ଏହାର ନାଁ 'ଏବାଉଟ୍'। ତେବେ ହ୍ୱାଟ୍ସଆପ୍‌ରେ ପୂର୍ବରୁ ଥିବା ଷ୍ଟାଟସ୍‌ର ଏହା ହେଉଛି ଅପଗ୍ରେଡ୍ ଭର୍ସନ। ଏବେ ବ୍ୟବହାରକାରୀ ଛୋଟ ଛୋଟ ଟେକ୍ସଟ୍ ଅପଡେଟ୍ ଏଥିରେ ସେୟାର୍ କରିପାରିବେ। ଏହା ସେମାନଙ୍କର ୱାନ୍-ଟୁ-ୱାନ୍ ଚାଟ୍ ଉପରେ ଦେଖିବାକୁ ମିଳିବ। ଏପରିକି ସେମାନଙ୍କ ପ୍ରୋଫାଇଲ ପେଜ୍‌ରେ ବି ଦେଖିବାକୁ ମିଳିବ। ବ୍ୟବହାରକାରୀ ଏହା ମାଧ୍ୟମରେ ନିଜ ବିଷୟରେ ଏଇ ଯେମିତି କଣ କରୁଛନ୍ତି, କାହିଁକି ବ୍ୟସ୍ତ ଆଦି ଅନ୍ୟ ବିବରଣୀ ଶୀଘ୍ର ଅପଡେଟ୍ ସେୟାର୍ କରିପାରିବେ।

ଅନ୍ୟପଟେ କିଛି ଲୋକଙ୍କୁ ଏହି ଫିଚର୍ ନୂଆ ଲାଗିବ। ହେଲେ 'ଏବାଉଟ୍' ଫିଚର୍ ଆପ୍‌ରେ ପୂର୍ବରୁ ଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଏଥିରେ ବ୍ୟବହାରକାରୀ ଛୋଟ ଛୋଟ ଅପଡେଟ୍ ସେୟାର୍ କରୁଥିଲେ ଇନଷ୍ଟାଗ୍ରାମ୍ ନୋଟ୍ ଭଳି। ହେଲେ ଏଥର ଏହି ଫିଚରକୁ ଉନ୍ନତମାନର କରାଯାଇଛି। ଏହି ଅପଡେଟ୍ ଚାଟ୍ ଉପରେ ଦେଖିବାକୁ ମିଳୁଛି ଏବଂ ବ୍ୟବହାରକାରୀ ଏଥିରେ ଟ୍ୟାପ୍ କରି ସିଧା ରିପ୍ଲାଏ ଦେଇପାରିବେ। ଏହି ଅପେଡଟ୍ ୨୪ ଘଣ୍ଟାରେ ଗାଏବ ହୋଇଯାଏ। କାରଣ ଏହା ହେଉଛି ଡିଫଲ୍ଟ ସେଟିଂ। ଅବଶ୍ୟ ଏବେ ଏହା ଇନଷ୍ଟାଗ୍ରାମ୍ ନୋଟ୍ ଭଳି ଆଡଭାନ୍ସ ନୁହେଁ। ହ୍ୱାଟ୍ସଆପ୍‌ର ଏହି ଫିଚର୍ କେବଳ ଟେକ୍ସଟ୍ ଅପଡେଟ୍ ଯାଏଁ ସୀମିତ।



# ସମୟ ପରିଚାଳନାର ଉପାୟ

**କିଛି ଲୋକ ଏମିତି ଥାନ୍ତି, ଯେଉଁମାନଙ୍କ ଅଭ୍ୟାସ ସବୁ କାମ ବିଳମ୍ବରେ କରିବା। ଏଭଳି ଲୋକ ସବୁ ସ୍ଥାନରେ ବିଳମ୍ବରେ ପହଞ୍ଚି ଥାନ୍ତି। ତା'ସହ ସେମାନଙ୍କର ସମୟ ଜ୍ଞାନ ନ ଥିବା କଥାକୁ ସ୍ପଷ୍ଟ କରିଥାଏ। ତେବେ ସମୟକୁ କିଭଳି ପରିଚାଳନା କଲେ, ସବୁ କାମ ସମୟରେ କରିପାରିବେ, ସେ ସମ୍ପର୍କରେ ଜ୍ଞାନ ରହିବା ଉଚିତ।**

- ସମୟରେ କାମ କରିବାକୁ ଚାହୁଁଥିଲେ, ଆଲାର୍ମ ଏବଂ ଟାଇମର୍ ବ୍ୟବହାର କରନ୍ତୁ। ଏଭଳି କରିବା ଦ୍ୱାରା ବିଳମ୍ବ ହେବ ନାହିଁ।
- ନିତିଦିନର କାମ ଠିକ୍ ସମୟରେ କରିପାରୁ ନ ଥିଲେ, ତାହାର ଏକ ତାଲିକା ପ୍ରସ୍ତୁତ କରନ୍ତୁ। ଏହି ତାଲିକା ଅନୁସାରେ, କାମ କରିବା ଦ୍ୱାରା ସବୁ କାମ ସମୟ ଅନୁସାରେ ହୋଇପାରିବ।



- କୌଣସି କାମକୁ ସମୟରେ କରିବା ପାଇଁ ସମୟ ସାରଣୀ ପ୍ରସ୍ତୁତ କରନ୍ତୁ। ସେଥିରେ ସବୁ କାମ ପାଇଁ ନିର୍ଦ୍ଦିଷ୍ଟ ଏକ ସମୟ ଲେଖନ୍ତୁ ଏବଂ ତଦନୁସାରେ କାର୍ଯ୍ୟ କରନ୍ତୁ।
- ଧ୍ୟାନ କରିବା କାମ ଉପରେ ଧ୍ୟାନ କେନ୍ଦ୍ରିତ କରିବା ସହଜ ହୁଏ। ଫଳରେ କାମ କରିବାରେ ଆଗ୍ରହ ସୃଷ୍ଟି ହୁଏ। ସମୟ ଅନୁସାରେ କାମ କରିବା ସହଜ ହୋଇଥାଏ।

## ଦ୍ୱିତୀୟ ଟେଷ୍ଟ: ଭାରତ ଆଗରେ ୫୪୯ ରନ୍‌ର ଅସମ୍ଭବ ବିଜୟ ଲକ୍ଷ୍ୟ

# ସିରିଜ୍ ସୁଇପ୍ ଦ୍ୱାରଦେଶରେ ଦକ୍ଷିଣ ଆଫ୍ରିକା




**ବର୍ଷାପଡା, ୨୫।୧୧(ଏଜେନ୍ସି):** ଏଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଜିତିବାକୁ ଭାରତ ଆଗରେ ୫୪୯ ରନ୍‌ର ଅସମ୍ଭବ ବିଜୟ ଲକ୍ଷ୍ୟ ଦେଇଛି ଦକ୍ଷିଣ ଆଫ୍ରିକା। ଏହି ଲକ୍ଷ୍ୟକୁ ପିଛା କରି ମଙ୍ଗଳବାର ଚତୁର୍ଥ ଦିନ ଖେଳ ଶେଷସୁଦ୍ଧା ଭାରତ ଦ୍ୱିତୀୟ ଇନିଂସରେ ୨୭ ରନ୍‌ରେ ୨ଟି ୱିକେଟ ହରାଇ ଅଧିକ ବିପଦକୁ ଆମନ୍ତ୍ରଣ କରିଛି। ଭାରତୀୟ ଦଳରେ ସ୍ଥାନ ପାଇଥିବା ଦୁଇ ଟେଷ୍ଟ ଓପନର ଯଶସ୍ୱୀ ଜୟସ୍ୱାଲ ୧୩ ଓ ଲୋକେଶ ରାହୁଲ ୬ ରନ୍ କରି ଆଉଟ ହୋଇଛନ୍ତି। ଏମାନଙ୍କ ଆଉଟ ସହ ଘରୋଇ ଦଳର ମ୍ୟାଚ୍ ଡ୍ର ରଖିବା ଆଶା ମଧ୍ୟ ଦୂରେଇଯାଇଛି। ସାଇ ସୁଦର୍ଶନ ୨୫ ବଲ୍‌ରୁ ୨ ଓ କୁଲଦୀପ ଯାଦବ ୨୨ ବଲ୍‌ରୁ ୪ ରନ୍ କରି ଏପ୍ରକାର ଅସମ୍ଭବ ବିଜୟ ଲକ୍ଷ୍ୟକୁ ହାସଲ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର କୋଲକାତାରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଦକ୍ଷିଣ ଆଫ୍ରିକା ୩୦ ରନ୍‌ରେ ବିଜୟୀ ହୋଇଥିଲା। ଏହା ଫଳରେ ଭାରତ ମାଟିରେ ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ ସିରିଜ୍ ଏବଂ ପ୍ରଥମ ସିରିଜ୍ ସ୍ୱିପ୍‌ର ଦ୍ୱାରଦେଶରେ ପହଞ୍ଚିଛି। ପୂର୍ବରୁ ଖେଳାଯାଇଥିବା ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକାର ୪୮୯ ରନ୍ ଜବାବରେ ଭାରତ ମାତ୍ର ୨୦୧ ରନ୍ କରିଥିଲା। ୨୮୮ ରନ୍‌ର ପ୍ରଥମ ଇନିଂସ ଅଗ୍ରଣୀ ଥିବା ଦକ୍ଷିଣ ଆଫ୍ରିକା ୫ ୱିକେଟରେ ୨୬୦ ରନ୍ କରି ଦ୍ୱିତୀୟ ଇନିଂସ ସମାପ୍ତି ଘୋଷଣା କରିଥିଲା। ଘରୋଇ ଦଳ ୫୪୯ ରନ୍‌ର ଲକ୍ଷ୍ୟକୁ ପିଛା କରି ୨ ୱିକେଟରେ ୨୭ ରନ୍ ଭରଣା କରିନେଇଛି। ଏହା ଫଳରେ ଆସନ୍ତାକାଲି ଶେଷ ଦିନ ଖେଳରେ ଭାରତକୁ ବାକିଥିବା ୮ ୱିକେଟ ବିନିମୟରେ ଆଉ ୫୨୨ ରନ୍ ସଂଗ୍ରହ କରିବ। ଭାରତ ଯଦି ଏହି ମ୍ୟାଚ୍‌କୁ ଡ୍ର ରଖିପାରିଲେ, ନିଶ୍ଚିତ ଏହା ଏକ ବିସ୍ମୟକର ଫଳାଫଳ ହେବ।

ପୂର୍ବରୁ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସରେ ୫ ୱିକେଟ ହରାଇ ୨୬୦ ରନ୍ କରିବା ପରେ ଦଳ ତାହାର ଦ୍ୱିତୀୟ ଇନିଂସ ସମାପ୍ତି ଘୋଷଣା କରିଥିଲା। ଟ୍ରିଷ୍ଟାନ ଷ୍ଟବ୍ସ ୧୮୦ ବଲ୍ ଖେଳି ୯୪, ଟୋନି ଡି ଜୋର୍ଜି ୪୯ ରନ୍ କରିଥିଲେ। ୱିଆନ୍ ମୁଲ୍ଡର ଅପରାଜିତ ରହି ଓ ରିୟାନ ରିକେଲଟନ ୩୫ ରନ୍ ଲେଖାଏଁ କରିଥିଲେ। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ସର୍ବାଧିକ ୪ଟି ୱିକେଟ ପାଇଥିଲେ ମଧ୍ୟ ଆବଶ୍ୟକ ବେଳେ ଏହା କିଛି କାମରେ ଆସି ନ ଥିଲା।

### ସଂକ୍ଷିପ୍ତ ସ୍କୋର

**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୪୮୯/୧୦** (ମୁଥୁସ୍ୱାମୀ-୧୦୯, ଜାନ୍‌ସେନ୍-୯୩, କୁଲଦୀପ-୪/୧୧୫)।

**ଭାରତ ପ୍ରଥମ ଇନିଂସ: ୨୦୧/୧୦** (ଜୟସ୍ୱାଲ-୫୮, ସୁନ୍ଦର-୪୮, ଜାନ୍‌ସେନ୍- ୬/୪୮, ହାର୍ମର-୩/୬୪)।

**ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୨୬୦/୫, ଘୋଷିତ** (ଷ୍ଟବ୍ସ-୯୪, ଡି ଜୋର୍ଜି-୪୯, ମୁଲ୍ଡର-୩୫ଅ, ଜାଡେଜା-୪/୬୨)।

**ଭାରତ ଦ୍ୱିତୀୟ ଇନିଂସ: ୨୭/୨।**

## ● ଆଜିଠୁ ସୟଦ ମୁସ୍ତାକ ଅଲି ଟି-୨୦

# ଓଡ଼ିଶା ସାମ୍ନାରେ ସାମସନ୍ ଚ୍ୟାଲେଞ୍ଜ


**କଟକ,୨୫।୧୧(ସମିସ):** ଭାରତୀୟ ଘରୋଇ କ୍ରିକେଟର ଟି-୨୦ ଫର୍ମାଟ ଟୁର୍ଣ୍ଣାମେଣ୍ଟ ସୟଦ ମୁସ୍ତାକ ଅଲି ଟ୍ରଫିର ୧୮ତମ ସଂସ୍କରଣ ବୁଧବାରଠାରୁ ଆରମ୍ଭ ହେବ। ଗ୍ରୁପ-ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ପ୍ରଥମ ଦିବସରେ ଶକ୍ତିଶାଳୀ କେରଳ ଦଳକୁ ଭେଟିବ। ଉଭୟ ଦଳ ଗତ ୧୨ ବର୍ଷ ଭିତରେ ଦୁଇଥର ସାମ୍ନାସାମ୍ନି ହୋଇଥିଲେ ମଧ୍ୟ ଓଡ଼ିଶା ପଛୁଆ ରହିଛି। ଦୁଇଟି ଯାକ ମ୍ୟାଚ୍‌ରେ କେରଳକୁ ବିଜୟ ମିଳିଛି। ଏହି ଧାରା ଭାଙ୍ଗିବା ଲକ୍ଷ୍ୟ ନେଇ ଓଡ଼ିଶା ଦଳ ବୁଧବାର ପଡ଼ିଆକୁ ଓହ୍ଲାଇବ। ଲକ୍ଷ୍ନୌର ଏକନା କ୍ରିକେଟ ଷ୍ଟାଡିୟମରେ କେରଳ ବିପକ୍ଷ ମ୍ୟାଚ୍ ଖେଳାଯିବ। ଅଭିଜ୍ଞ ଅଲରାଉଣ୍ଡର ବିପ୍ଳବ ସାମନ୍ତରାୟଙ୍କୁ ୫ବର୍ଷ ପରେ ଓଡ଼ିଶା ଦଳର ନେତୃତ୍ୱ ଦିଆଯାଇଛି। ଏହାଛଡ଼ା ୬ଜଣ ନବାଗତଙ୍କୁ ଦଳରେ ସାମିଲ କରାଯାଇଛି। ଅନିଲ ପରିଡ଼ା, ବାଦଲ ବିଶ୍ୱାଳ ଏବଂ ସୌରଭ ଗୌଡ ପ୍ରଥମଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିଲେ ମଧ୍ୟ ଟି-୨୦ ଫର୍ମାଟରେ ନୂଆ ଚେହେରା। ଏହାଛଡ଼ା ୧୭ବର୍ଷୀୟ ସ୍ପିନର ରାଜା ଯାଦବ ଏବଂ ପେସ୍ ବୋଲର ଭଗୀଶ ଶର୍ମାଙ୍କ ସମେତ ସୌମ୍ୟରଞ୍ଜନ ଲେଙ୍କା ରାଜ୍ୟ ବରିଷ୍ଠ ଦଳରେ ପ୍ରଥମଥର ସୁଯୋଗ ପାଇଛନ୍ତି। ଗୌରବ ଚୌଧୁରୀ, ସ୍ୱସ୍ତିକ ସାମଲ, ଆଦିତ୍ୟ ରାଉତ, ୱିକେଟ କିପର ଆଶୀର୍ବାଦ ସ୍ୱାଇଁଙ୍କ ଭଳି ଯୁବ ପ୍ରତିଭାଙ୍କ ଉପରେ ଦଳର ପ୍ରାରମ୍ଭିକ ବ୍ୟାଟିଂ ଭାର ନିର୍ଭର କରିବ। ଶୁଭ୍ରାଂଶୁ ସେନାପତି, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାରଙ୍କ ସହ ଅଲରାଉଣ୍ଡର ପ୍ରୟାସ କୁମାର ସିଂହ ମଧ୍ୟକ୍ରମ ସମ୍ଭାଳିବେ। ୩ବର୍ଷର ବ୍ୟବଧାନ ପରେ ବାମହାତୀ ସ୍ପିନର ପପୁ ରାୟଙ୍କୁ ଦଳରେ ସୁଯୋଗ ମିଳିଛି। ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ରେ ଚମତ୍କାର ପ୍ରଦର୍ଶନ କରି ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ପରଭେଜ ମହାରୁଫଙ୍କଠାରୁ ପ୍ରଶଂସିତ ହୋଇଥିବା ପେସ୍ ବୋଲର ଭଗୀଶ ଶର୍ମାଙ୍କ ଉପରେ ଦଳର ନଜର ରହିବ। ପେସ୍ ଆଟାକ୍‌ରେ ରାଜେଶ ମହାନ୍ତି, ସର୍ବେଶ୍ୱର ମହାନ୍ତି ଏବଂ ସୌମ୍ୟରଞ୍ଜନ ଲେଙ୍କା ରହିଛନ୍ତି। ଅପରପକ୍ଷରେ ଅନ୍ତର୍ଜାତୀୟ ତାରକା ସଞ୍ଜୁ ସାମସନ କେରଳ ଦଳର ନେତୃତ୍ୱ ନେଉଛନ୍ତି। ୱିକେଟକିପର ବିଷ୍ଣୁ ବିନୋଦ ଜଣେ ବିସ୍ଫୋରକ ବ୍ୟାଟର ଭାବେ ଜଣାଶୁଣା। ଏତଦବ୍ୟତୀତ କେରଳ ଦଳରେ ଏକାଧିକ ଆଇପିଏଲ ତାରକା ମଧ୍ୟ ସ୍ଥାନ ପାଇଛନ୍ତି। ବୁଧବାର ପୂର୍ବାହ୍ନରେ ହେବାକୁ ଥିବା ଏହି ମ୍ୟାଚ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

# ଓଡ଼ିଶାକୁ ଜିତାଇଲେ ଶୁଭ୍ର



**କଟକ,୨୫।୧୧(ସମିସ):** ୨୩ବର୍ଷରୁ କମ୍ ମହିଳା ଟି-୨୦ ଟ୍ରଫିରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଥିରୁଅନନ୍ତପୁରମ୍ ସେଣ୍ଟ ଜାଭିୟର୍ସ କେସିଏ କ୍ରିକେଟ ଗ୍ରାଉଣ୍ଡରେ ଆଜି ଖେଳାଯାଇଥିବା ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୩ ରନ୍‌ରେ ଉତ୍ତରାଖଣ୍ଡକୁ ହରାଇଛି। ଉତ୍ତରାଖଣ୍ଡ ଅଧିନାୟିକା ନନ୍ଦିନୀ କାଶ୍ୟପ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଡାକରା ଦେଇଥିଲେ। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ଜିଏମ ଅଲକାନନ୍ଦଙ୍କ ଦ୍ରୁତ ୩୯ରନର ଅପରାଜିତ ପାଳି ସହାୟତାରେ ଓଡ଼ିଶା ୭ ୱିକେଟ ବିନିମୟରେ ୧୧୦ରନ ସଂଗ୍ରହ କରିଥିଲା। ଜବାବରେ ଉତ୍ତରାଖଣ୍ଡ ୬ ୱିକେଟ ହରାଇ ୧୦୭ରନ କରିବାକୁ ସକ୍ଷମ ହୋଇଥିଲା। ରାଘବୀ ଦଳ ପକ୍ଷରୁ ସର୍ବାଧିକ ୩୪ରନ କରିଥିଲେ। ଓଡ଼ିଶାର ଶୁଭ୍ର ନିର୍ଝରିଣୀ ସ୍ୱାଇଁ ୧୪ରନ ବ୍ୟୟ କରି ୩ଟି ୱିକେଟ ଦଖଲ କରିବା ସହ ଦଳ ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ।

# ନିର୍ଦ୍ୱନ୍ଦ୍ୱରେ ସଭାପତି ନିର୍ବାଚିତ ହେଲେ କଳିକେଶ



**ଭୁବନେଶ୍ୱର, ୨୫।୧୧ (ସମିସ):** ପୂର୍ବତନ ସାଂସଦ ତଥା ବିଜେଡି ବିଧାୟକ କଳିକେଶ ନାରାୟଣ ସିଂ ଦେଓ ନିର୍ଦ୍ୱନ୍ଦ୍ୱରେ ଭାରତୀୟ ଜାତୀୟ ରାଇଫଲ୍ ସଂଘ (ଏନ୍‌ଆରଏଆଇ)ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଫଳରେ ସେ ପୁଣିଥରେ ଏହି ଜାତୀୟ ସଂଘର ସଭାପତି ଭାବେ ପଦ ବଜାୟ ରଖିଛନ୍ତି। ଗତ ବର୍ଷ ସେପ୍ଟେମ୍ବରରେ ସଭାପତି ପଦ ଲାଗି ଅନୁଷ୍ଠିତ ନିର୍ବାଚନରେ କଳିକେଶ ୩୬-୨୧ ଭୋଟରେ ଭିକେ ଧଲ୍‌ଙ୍କୁ ପରାସ୍ତ କରିଥିଲେ। କଳିକେଶଙ୍କ ଏହି ବିଜୟ ଜାତୀୟ ରାଇଫଲ ସଂଘର ନେତୃତ୍ୱ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହି ଅବସରରେ ଓଡ଼ିଶା ରାଇଫଲ୍ ସଂଘ ପକ୍ଷରୁ କଳିକେଶଙ୍କୁ ଅଭିନନ୍ଦନ ଜଣାଯାଇଛି। ଏହା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ରାଜ୍ୟ ସଂଘର ସମ୍ପାଦକ ଡ. ହରି ପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ କଳିକେଶଙ୍କ ସଭାପତିତ୍ୱ କାର୍ଯ୍ୟକାଳ ସମୟରେ ପ୍ରଥମଥର ଲାଗି ସୁଟିଂ ଲିଗ୍ ଆରମ୍ଭ ହୋଇଥିଲା।

# ଆମେରିକା ସହ ଭାରତର ପ୍ରଥମ ମୁକାବିଲା

**ଦୁବାଇ, ୨୫।୧୧ (ଏଜେନ୍ସି):** ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖଯାଏ ହେବାକୁ ଥିବା ୨୦୨୬ ଟି-୨୦ ବିଶ୍ୱକପ୍ କ୍ରିକେଟର ଖେଳସୂଚୀ ଆଜି ଆଇସିସି ପକ୍ଷରୁ ଘୋଷଣା କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗନେବେ। ଏହା ଲିଗ୍ କମ୍ ନକ୍‌ଆଉଟ ପଦ୍ଧତିରେ ଖେଳାଯିବ। ଫେବୃଆରୀ ୭ରୁ ୨୦ ଯାଏ ଗ୍ରୁପ୍ ଲିଗ୍ ମ୍ୟାଚ୍, ଫେବୃଆରୀ ୨୧ରୁ ମାର୍ଚ୍ଚ ୧ ସୁପର-୮, ମାର୍ଚ୍ଚ ୪ ଓ ୫ରେ ସେମିଫାଇନାଲ ଓ ମାର୍ଚ୍ଚ ୮ରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଏଥିଲାଗି ୮ଟି ଭେନ୍ୟୁ ଚୟନ କରାଯାଇଛି। ଭାରତରେ ୫ଟି ଓ ଶ୍ରୀଲଙ୍କାରେ ୩ଟି ଭେନ୍ୟୁ ରହିଛି। ପାକିସ୍ତାନ ଯେଉଁ ପର୍ଯ୍ୟାୟକୁ ଗଲେ ମଧ୍ୟ ସମସ୍ତ ମ୍ୟାଚ୍ କଲମ୍ବୋରେ ଖେଳିବ। ପାକିସ୍ତାନ ଯଦି ଫାଇନାଲକୁ ଯୋଗ୍ୟତା ଅର୍ଜନ ନ କରେ ତେବେ ଅହମ୍ମାବାଦ୍ ଓ ସେମିଫାଇନାଲକୁ ନ ଯାଏ, ତେବେ ମୁମ୍ବାଇ, କୋଲକାତାରେ ସେମିଫାଇନାଲ ଖେଳାଯିବ। ୧୬ଟି ଦଳ ଭାଗ ନେଉଥିଲାବେଳେ ସେଗୁଡିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଡିଫେଣ୍ଡିଂ ଚାମ୍ପିଅନ ଭାରତ ଗ୍ରୁପ୍-ଏ'ରେ ଆମେରିକା, ପାକିସ୍ତାନ, ନାମିବ୍ୟା ଓ ନେଦରଲାଣ୍ଡସ ସହ ସ୍ଥାନ ପାଇଛି। ଭାରତ ତାହାର ପ୍ରଥମ ମ୍ୟାଚ୍ ମୁମ୍ବାଇରେ ଆମେରିକା ସହ ଫେବୃଆରୀ ୭ରେ, ଦ୍ୱିତୀୟ ମ୍ୟାଚ୍ ଦିଲ୍ଲୀରେ ନାମିବ୍ୟା ସହ ଫେବୃଆରୀ ୧୨ରେ, ତୃତୀୟ ମ୍ୟାଚ୍ ପାକିସ୍ତାନ ସହ କଲମ୍ବୋରେ ଫେବୃଆରୀ ୧୫ରେ ଓ ଚତୁର୍ଥ ମ୍ୟାଚ୍ ଅହମ୍ମଦାବାଦ୍‌ରେ ନେଦରଲାଣ୍ଡସ ସହ ଫେବୃଆରୀ ୧୮ରେ ଖେଳିବ।

**ଟି-୨୦ ବିଶ୍ୱକପ୍ ଖେଳସୂଚୀ**

## କନିଷ୍ଠ ମହିଳା ଏକାଡେମୀ ଚାମ୍ପିଅନସିପ୍

# ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ଚାମ୍ପିଅନ



**ଭୁବନେଶ୍ୱର, ୨୫।୧୧ (ସମିସ):** ହକି ଇଣ୍ଡିଆ ଆନୁକୂଲ୍ୟରେ ହରିୟାଣାରେ ତୃତୀୟ ହକି ଇଣ୍ଡିଆ କନିଷ୍ଠ ମହିଳା ଏକାଡେମୀ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶା ନାଭାଲ ଟାଟା ହକି ହାଇପରଫର୍‌ମାନ୍ସ ସେଣ୍ଟର (ଏଚ୍‌ପିସି) କ୍ରମାଗତ ୨ୟ ବର୍ଷ ଲାଗି ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛି। ଫାଇନାଲରେ ଓଡ଼ିଶା ନାଭାଲ ଦଳ ୨-୦ ଗୋଲରେ ରାଉଣ୍ଡଗ୍ଲାସ ପଞ୍ଜାବ ହକି ଏକାଡେମୀକୁ ପରାସ୍ତ କରିଥିଲା। ଏଥିପୂର୍ବରୁ ସେମିଫାଇନାଲରେ ଓଡ଼ିଶା ନାଭାଲ ୪-୦ ଗୋଲରେ ଭାରତ ହକି ଏକାଡେମୀକୁ ହରାଇଥିଲା। ମିଡ୍‌ଫିଲ୍ଡର ପ୍ରଜ୍ଞା ପଟେଲ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏହି ସଫଳତା ଲାଗି ଓଡ଼ିଶା ନାଭାଲ ଟାଟା ହକି ଏଚପିସି ପକ୍ଷରୁ ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଅଭିନନ୍ଦନ ଜଣାଯାଇଛି।

# ବେଲ୍‌ଜିୟମଠୁ ହାରିଲା ଭାରତ

**ଇପୋ, ୨୫।୧୧ (ଏଜେନ୍ସି):** ମାଲେସିଆରେ ଚାଲିଥିବା ୩୧ତମ ସୁଲତାନ ଆଜଲାନ ଶାହ କପ୍ ହକିରେ ଭାରତ ପ୍ରଥମ ପରାଜୟବରଣ କରିଛି। ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ବେଲ୍‌ଜିୟମ ୩-୨ ଗୋଲ୍‌ରେ ଭାରତକୁ ହରାଇଦେଇଛି। ରୋମାନ ଡୁଭେକେଟ୍ ଡବଲ୍ ଗୋଲ୍ ଦେଇ ବେଲ୍‌ଜିୟମକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଭାରତ ପକ୍ଷରୁ ଅଭିଷେକ ଓ ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ମ୍ୟାଚ୍ ଶେଷ ହେବାକୁ ୩ ମିନିଟ୍ ବାକି ଥିବାବେଳେ ଶିଳାନନ୍ଦ ଦଳ ପାଇଁ ଦ୍ୱିତୀୟ ଗୋଲ୍‌ଟି ଦେଇ କିଛିଟା ଆଶା ଉଜ୍ଜିବୀତ କରିଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା। ଏଥିପୂର୍ବରୁ ଭାରତ ପ୍ରଥମ ମ୍ୟାଚରେ ୧-୦ ଗୋଲରେ ଦକ୍ଷିଣ କୋରିଆକୁ ହରାଇଥିଲା। ଭାରତ ବୁଧବାର ମାଲେସିଆକୁ ଭେଟିବ।

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

# ପ୍ରତ୍ୟାଶାଙ୍କୁ ସ୍ୱର୍ଣ୍ଣ; କିଟ୍‌କୁ ୩ ପଦକ


ପ୍ରତ୍ୟାଶା


ରିଙ୍କି

**ଭୁବନେଶ୍ୱର, ୨୫।୧୧ (ସମିସ):** ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା (କେଆଇୟୁଜି)ର ଦ୍ୱିତୀୟ ଦିବସରେ ସୋମବାର ଓଡ଼ିଆ କ୍ରୀଡ଼ାବିତ୍‌ମାନେ ଦମ୍‌ଦାର ପ୍ରଦର୍ଶନ କରି ୬ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୪ଟି କାଂସ୍ୟ ପଦକ ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସନ୍ତରଣକାରୀ ପ୍ରତ୍ୟାଶା ରାୟ ଶ୍ରେଷ୍ଠ ପ୍ରଦର୍ଶନ କରି ଗୋଟିଏ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ପ୍ରତ୍ୟାଶା ମହିଳା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ଓ ୪୦୦ ମିଟର ଫ୍ରିଷ୍ଟାଇଲରେ କାଂସ୍ୟ ପଦକ ହାସଲ କରିଥିଲେ। ଓଡ଼ିଶାର ରିଙ୍କି ନାୟକଙ୍କୁ ଭାରୋତ୍ତୋଳନରେ ରୌପ୍ୟ ମିଳିଛି। ଅପରପକ୍ଷରେ ମଙ୍ଗଳବାର କିଟ୍ ବିଶ୍ୱବିଦ୍ୟାଳୟକୁ ୩ଟି କାଂସ୍ୟ ପଦକ ସଫଳତା ମିଳିଛି। ମହିଳା ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକରେ ଦିବ୍ୟାଙ୍କା ପ୍ରଧାନ, ମହିଳା ୫୦ ମିଟର ଫ୍ରିଷ୍ଟାଇଲରେ ନୀଳାବ୍‌ଜା ଘୋଷ ଓ ମହିଳା ୪ ଗୁଣା ୨୦୦ ମିଟର ଫ୍ରିଷ୍ଟାଇଲ ସୁଇମିଂ ରିଲେ ଟିମ୍ କାଂସ୍ୟ ପଦକ ଜିତିଛନ୍ତି।

# ଦିନିକିଆ ରାପିଡ୍ ଚେସ୍: ହର୍ଷିତ, ମନୀଷ ଚାମ୍ପିଅନ



**ଭୁବନେଶ୍ୱର,୨୪।୧୧ (ସମିସ):** କଟକର ଇଣ୍ଡସ ଚେସ୍ ଏକାଡେମୀ ଆନୁକୂଲ୍ୟରେ ଏକ ଦିନିକିଆ ରାପିଡ୍ ଚେସ୍ ପ୍ରତିଯୋଗିତା ରୁଦ୍ରପୁରସ୍ଥିତ ସିମ୍ଫୋନୀ ମଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓପନ ବିଭାଗରେ କଟକର ହର୍ଷିତ ରଞ୍ଜନ ସାହୁ ପ୍ରଥମ, ପୁରୀର ଜଗଦୀଶ ନାୟକ ଦ୍ୱିତୀୟ ଓ ଖୋର୍ଦ୍ଧାର ଓମ୍‌ଆଦିତ୍ୟ ଖାଡଙ୍ଗା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି କନିଷ୍ଠ ବର୍ଗରେ ଖୋର୍ଦ୍ଧାର ମନୀଷ ମିଶ୍ର ପ୍ରଥମ, କଟକର ଦୁଇ ଖେଳାଳି ଅତିକ ସାହାଣୀ ଓ ଇ. ରାଗିଣୀ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ମୁଖ୍ୟ ଅତିଥି, ଫିଡେ ଆର୍ବିଟର ଗଜେନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ସାହୁ, ତାପସ ମହାନ୍ତି, ସନ୍ତୋଷ ମହାପାତ୍ର ଓ ସୁରଜ କାନୁନଗୋ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS